
# ବିଚିତ୍ର ଆମ ପୃଥିବୀ

## ତୃତୀୟ ଶ୍ରେଣୀ

## ପରିବେଶ ପାଠ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର



ମୋ ନାମ:..............................................................

ମୋ ବାପାଙ୍କ ନାମ :..................................................


ମୋ ମା’ଙ୍କ ନାମ :.....................................................

ମୋ ବିଦ୍ୟାଳୟର ନାମ:.................................................

ମୋ ଶ୍ରେଣୀ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନାମ :

..................................................................................

ମୋ ଗାଁ / ସାହିର ନାମ : ...................................................



# ବିଚିତ୍ର ଆମ ପୃଥିବୀ

## ତୃତୀୟ ଶ୍ରେଣୀ

## ପରିବେଶ ପାଠ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ବିଚିତ୍ର ଆମ ପୃଥିବୀ

ତୃତୀୟ ଶ୍ରେଣୀ
ପରିବେଶ ପାଠ

**ପରୀକ୍ଷାମୂଳକ ସଂସ୍କରଣ**

୨୦୨୬

**ସମ୍ପାଦକ ମଣ୍ଡଳୀ :**

ଶ୍ରୀ ଜଗନ୍ନାଥ ପଟ୍ଟନାୟକ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ
ଶ୍ରୀ ଉମା କୁମାର ପଣ୍ଡା
ଶ୍ରୀମତୀ ସୌମ୍ୟାକାନ୍ତି କର
ଲିପିକା ସାହୁ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ଜଗନ୍ନାଥ ପଟ୍ଟନାୟକ
ଶ୍ରୀ ସନ୍ତୋଷ କୁମାର କର
ଶ୍ରୀ ସୁବାଷ ଚନ୍ଦ୍ର ରାଉତ
ଲିପିକା ସାହୁ

**ସଂଯୋଜନା :**

ଲିପିକା ସାହୁ
ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ :**

ଡ. ଶ୍ରୀରୂପ ଗୋସ୍ୱାମୀ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ଦ୍ୱାରା ପରିକଳ୍ପିତ ବିଦ୍ୟାଳୟ ଶିକ୍ଷାର ମୌଳିକ ପର୍ଯ୍ୟାୟ ପିଲାମାନଙ୍କ ସାମଗ୍ରିକ ବିକାଶ ପାଇଁ ଭିତ୍ତିଭୂମି ଭାବରେ କାର୍ଯ୍ୟ କରେ । ଏହା ସେମାନଙ୍କୁ କେବଳ ଆମ ଦେଶର ନୈତିକ ଓ ସାମ୍ବିଧାନିକ ଢାଞ୍ଚାରେ ଆଧାରିତ ଅମୂଲ୍ୟ ସଂସ୍କାର ଗ୍ରହଣ କରିବାରେ ସକ୍ଷମ କରେ ତାହା ନୁହେଁ, ବରଂ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବାରେ ମଧ୍ୟ ସେମାନଙ୍କୁ ସକ୍ଷମ କରେ । ଏହି ଭିତ୍ତିଭୂମି ସେମାନଙ୍କୁ ଅଧିକ ଆହ୍ୱାନପୂର୍ଣ୍ଣ 'ପ୍ରସ୍ତୁତି ପର୍ଯ୍ୟାୟ' ପାଇଁ ଅଗ୍ରସର ହେବାରେ ସହାୟତା କରେ ।

ମୌଳିକ ପର୍ଯ୍ୟାୟ ଓ ମଧ୍ୟ ପର୍ଯ୍ୟାୟ – ପ୍ରସ୍ତୁତି ପର୍ଯ୍ୟାୟ (ତୃତୀୟରୁ ପଞ୍ଚମ ଶ୍ରେଣୀ) ପାଇଁ ଏକ ସେତୁ ଭାବରେ କାର୍ଯ୍ୟ କରେ । ଏହି ପର୍ଯ୍ୟାୟରେ ପ୍ରଣୟନ ହେଉଥିବା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ମୌଳିକ ପର୍ଯ୍ୟାୟର ଶିକ୍ଷାଗତ ଆଭିମୁଖ୍ୟ ଉପରେ ପର୍ଯ୍ୟବସିତ । କ୍ରୀଡ଼ାଭିତ୍ତିକ ଏବଂ ଆବିଷ୍କାରମୂଳକ କାର୍ଯ୍ୟଭିତ୍ତିକ ଶିକ୍ଷଣ ପଦ୍ଧତି ପ୍ରଚଳନ ହେବା ସହିତ ପିଲାମାନଙ୍କୁ ପାଠ୍ୟପୁସ୍ତକ ଏବଂ ଆନୁଷ୍ଠାନିକ ଶ୍ରେଣୀଗୃହ ବ୍ୟବସ୍ଥା ସହିତ ମଧ୍ୟ ପରିଚିତ କରାଯାଏ । ଏହି ପରିଚୟର ଉଦ୍ଦେଶ୍ୟ ହେଉଛି ପାଠ୍ୟକ୍ରମ କ୍ଷେତ୍ରରେ ଏକ ଭିତ୍ତିଭୂମି ପ୍ରତିଷ୍ଠା କରିବା ସହିତ ପଢ଼ିବା, ଲେଖିବା, କହିବା, ଚିତ୍ରାଙ୍କନ କରିବା, ଗୀତ ଗାଇବା ଏବଂ ଖେଳିବା ମାଧ୍ୟମରେ ସାମଗ୍ରିକ ଶିକ୍ଷା ଏବଂ ଆତ୍ମ-ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା । ଏହି ବ୍ୟାପକ ଆଭିମୁଖ୍ୟରେ ଶାରୀରିକ ଶିକ୍ଷା ସହ, କଳା ଶିକ୍ଷା, ପରିବେଶ ଶିକ୍ଷା, ଭାଷା, ଗଣିତ, ମୌଳିକ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଅନ୍ତର୍ଭୁକ୍ତ । ଏହି ଆଭିମୁଖ୍ୟ ସୁନିଶ୍ଚିତ କରେ ଯେ ପିଲାମାନେ ଜ୍ଞାନାତ୍ମକ, ଶାରୀରିକ ଓ ଆବେଗାତ୍ମକ ରୂପେ ମଧ୍ୟ ପର୍ଯ୍ୟାୟକୁ ସ୍ଥାନାନ୍ତରିତ ପାଇଁ ଦୃଢ଼ ଭାବରେ ପ୍ରସ୍ତୁତ ଅଛନ୍ତି । ଏନସିଏଫ-ଏଫଏସ ୨୦୨୨ ଓ ଏନସିଏଫ-ଏସ ଇ ୨୦୨୩କୁ ଭିତ୍ତି କରି ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରସ୍ତୁତ କରାଯାଇଛି ।

ଜାତୀୟ ଶିକ୍ଷାନୀତି ୨୦୨୦ ଓ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ-ଏସଇ)ର ସୁପାରିଶକୁ ଅନୁସରଣ କରି ପ୍ରସ୍ତୁତି ପର୍ଯ୍ୟାୟରେ ''ଆମ ଚତୁଃପାର୍ଶ୍ୱର ପୃଥିବୀ'' (ପରିବେଶ ପାଠ) ନାମକ ଏକ ବିଷୟ ପ୍ରକାଶ ପାଇଛି । ଏହି ବିଷୟର ଉଦ୍ଦେଶ୍ୟ ହେଉଛି ଅନୁଭୂତିମୂଳକ ଶିକ୍ଷଣ ପଦ୍ଧତି ମାଧ୍ୟମରେ ପରିବେଶ ଶିକ୍ଷା ପ୍ରଦାନ କରିବା, ପିଲାଙ୍କ ଅନୁଭୂତିକୁ ବିଭିନ୍ନ ବିଷୟର ମୌଳିକ ଧାରଣା ସହିତ ଯୋଡ଼ିବା ଯାହା ସେମାନେ ମଧ୍ୟ ପର୍ଯ୍ୟାୟରେ ଅଧ୍ୟୟନ କରିବେ । ଆମ ରାଜ୍ୟରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଅନୁଯାୟୀ ନୂତନ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି ।



‘ବିଚିତ୍ର ଆମ ପୃଥିବୀ’ ପରିବେଶ ପାଠ ପାଇଁ ଉଦ୍ଦିଷ୍ଟ ଏକ ପାଠ୍ୟପୁସ୍ତକ । ପିଲାମାନଙ୍କୁ ସେମାନଙ୍କ ଦୁନିଆ ବିଷୟରେ ଜଣାଇବା ଓ ସେମାନଙ୍କର ଦୈନନ୍ଦିନ ଶିକ୍ଷାକୁ ବିଭିନ୍ନ ବିଷୟ ଯଥା- ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶର ମୌଳିକ ଧାରଣା ସହିତ ଯୋଡ଼ିବାରେ ସାହାଯ୍ୟ କରିବା ପାଇଁ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି- ପରିବେଶ ପ୍ରତି ସେମାନଙ୍କର ସମ୍ବେଦନଶୀଳତାକୁ ବୃଦ୍ଧି କରିବା, ଗୋଷ୍ଠୀ ସହିତ କାର୍ଯ୍ୟ କରିବାର ଦକ୍ଷତାକୁ ବିକାଶ କରିବା ଏବଂ ବିଭିନ୍ନ ବୃତ୍ତି ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ।

‘ବିଚିତ୍ର ଆମ ପୃଥିବୀ’ ପାଠ୍ୟପୁସ୍ତକଟି ପିଲାମାନଙ୍କର ଧାରଣାଗତ ବୋଧ, ସମାଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ମୂଲ୍ୟବୋଧ ଏବଂ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରେ । ଏଥିରେ ଅନ୍ତର୍ଭୁକ୍ତୀକରଣ, ବହୁଭାଷିକତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ମୂଳତା, ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ଉପକରଣ ଏବଂ ବିଦ୍ୟାଳୟଭିତ୍ତିକ ମୂଲ୍ୟାୟନକୁ ସମନ୍ୱିତ କରିବା ଭଳି କ୍ରସ୍-କଟିଙ୍ଗ୍ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ପର୍ଯ୍ୟାୟରେ ପିଲାମାନଙ୍କର କୌତୂହଳପୂର୍ଣ୍ଣ ପ୍ରଶ୍ନର ସରଳ ସମାଧାନ କରିବା ଏବଂ କେନ୍ଦ୍ରୀୟ ଶିକ୍ଷଣ ନୀତି ଆଧାରରେ କାର୍ଯ୍ୟ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ‘କ୍ରୀଡ଼ାଭିତ୍ତିକ’ ପଦ୍ଧତି ପ୍ରଣୟନ ହେବା ସମୟରେ ଶିକ୍ଷାଦାନ ପାଇଁ ବ୍ୟବହୃତ ଖେଳନା ଓ ଖେଳ ପ୍ରତି ପିଲାମାନେ ଆକର୍ଷିତ ହେବା ସହିତ ଏଥିରେ ସେମାନଙ୍କର ସମ୍ପୃକ୍ତି ବୃଦ୍ଧି ପାଇବା ଆବଶ୍ୟକ ।

ଏହି ପାଠ୍ୟପୁସ୍ତକ ବ୍ୟତୀତ ପିଲାମାନେ ମଧ୍ୟ ଏହି ବିଷୟରେ ଅତିରିକ୍ତ ସମ୍ବଳ ଅନୁସନ୍ଧାନ କରିବା ଆବଶ୍ୟକ । ବିଦ୍ୟାଳୟ ପାଠାଗାର ଏହି ସମ୍ପ୍ରସାରିତ ଶିକ୍ଷଣକୁ ସୁଗମ କରିବା ଉଚିତ ଏବଂ ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସେମାନଙ୍କ ପ୍ରୟାସକୁ ସମର୍ଥନ କରିବା ଉଚିତ ।

ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ପିଲାମାନଙ୍କୁ ଉତ୍ସାହିତ କରେ, ସେମାନଙ୍କୁ ନିୟୋଜିତ ରଖେ ଏବଂ ଶିକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଉତ୍ସୁକତା ଏବଂ ବିସ୍ମୟଭାବକୁ ସୃଷ୍ଟି କରେ ।

ନୂତନ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରସ୍ତୁତ କରିଥିବା ଏନ ସି ଇ ଆର ଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିତ, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଏବଂ ପରାମର୍ଶକୁ ଅପେକ୍ଷା କରିବି ।

**ନିର୍ଦ୍ଦେଶକ**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

ଓଡ଼ିଶା, ଭୁବନେଶ୍ୱର




# ପୁସ୍ତକ ବିଷୟରେ

ବିଦ୍ୟାଳୟ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ – ଏସଇ) ୨୦୨୩ରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ 'ଆମ ଚତୁଃପାର୍ଶ୍ୱର ପୃଥିବୀ' ଏକ କେନ୍ଦ୍ରୀୟ ପାଠ୍ୟକ୍ରମ ବିଷୟଭାବେ ଚିହ୍ନଟ କରାଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଏନସିଏଫ-ଏସଇ ୨୦୨୩ରେ ଏହି ବିଷୟ ଶିକ୍ଷଣ ପାଇଁ ଏକ ସାମଗ୍ରିକ ଏବଂ ବହୁବିଭାଗୀୟ ଆଭିମୁଖ୍ୟକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଉପରୋକ୍ତ ଉଭୟ ଦସ୍ତାବିଜ ପ୍ରସ୍ତୁତି ପର୍ଯ୍ୟାୟ ପାଠ୍ୟକ୍ରମରେ ଅନୁଭୂତିମୂଳକ ଶିକ୍ଷା, ଅନୁସନ୍ଧାନ ଏବଂ ଆବିଷ୍କାରକୁ ଏକ ଅତ୍ୟାବଶ୍ୟକ ଉପାଦାନ ଭାବରେ ସମର୍ଥନ କରେ ।

ଉପରୋକ୍ତ ନୀତିକୁ ଆଧାର କରି ଏହି ପାଠ୍ୟପୁସ୍ତକ 'ବିଚିତ୍ର ଆମ ପୃଥିବୀ'କୁ ତୃତୀୟ ଶ୍ରେଣୀ ପରିବେଶ ପାଠ ବିଷୟ ପାଇଁ ପ୍ରସ୍ତୁତ କରାଯାଇଛି । 'ବିଚିତ୍ର ଆମ ପୃଥିବୀ' ଶୀର୍ଷକ ଆମ ମନରେ ଉତ୍କଣ୍ଠା ଜାଗ୍ରତ କରେ । ବିଭିନ୍ନ କାର୍ଯ୍ୟ ଏବଂ ମୁକ୍ତ ଅନୁସନ୍ଧାନ ମାଧ୍ୟମରେ ଅନୁଭୂତିମୂଳକ ଶିକ୍ଷଣ, ଅନୁସନ୍ଧାନ, ଆବିଷ୍କାର ଏବଂ ସମାଲୋଚନାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରେ । ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶ ଶିକ୍ଷାକୁ ଏହି ବିଷୟରେ ସମନ୍ୱିତ କରାଯାଇଛି । ପିଲାମାନେ ଆନନ୍ଦ ଓ କୌତୁହଳର ସହ ନିଜ ପରିବେଶକୁ ନିରୀକ୍ଷଣ କରୁଥିବା ବେଳେ ଏହି ପୁସ୍ତକ ସମସ୍ୟାର ସମାଧାନ ଏବଂ ସମାଲୋଚନାତ୍ମକ କୌଶଳକୁ ଦୃଢ଼ କରିବା ପାଇଁ ବାସ୍ତବ ଜୀବନର ଅନୁଭୂତି ଉପରେ ଗୁରୁତ୍ୱାରୋପ କରିଛି । ପ୍ରତ୍ୟେକ ଏକକରେ ଥିବା ପାଠଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନ ଭାବରେ ଚିନ୍ତା କରିବା, ସେମାନଙ୍କ ପର୍ଯ୍ୟବେକ୍ଷଣ ଉପରେ ପ୍ରତିଫଳନ କରିବା ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ପାଇଁ ସୁଯୋଗ ପ୍ରଦାନ କରେ । ଏହା ପିଲାମାନଙ୍କୁ ଘୋଷି ମନେ ରଖିବା ଠାରୁ ଦୂରରେ ରଖିବା ଏବଂ ସେମାନଙ୍କୁ ପରିବେଶ ସହିତ ସକ୍ରିୟ ଭାବରେ ଜଡ଼ିତ ହେବାକୁ ଉତ୍ସାହିତ କରେ, ଯାହା ପିଲାମାନଙ୍କ ଭିତରେ ଉତ୍ସୁକତା ଏବଂ ଅନୁସନ୍ଧାନର ଭାବନାକୁ ବଢ଼ାଇଥାଏ । ଏହି ପଦ୍ଧତି, ଧାରଣା ଏବଂ କୌଶଳର ବିକାଶ ପାଇଁ ଜ୍ଞାତରୁ ଅଜ୍ଞାତ, ସ୍ଥାନୀୟରୁ ବିଶ୍ୱସ୍ତରୀୟ, ସରଳରୁ ଜଟିଳ, ଏବଂ ପରିଚିତରୁ ଅପରିଚିତ ପର୍ଯ୍ୟନ୍ତ ଅଗ୍ରଗତିକୁ ଅନୁସରଣ କରେ ।

ଏହି ପାଠ୍ୟପୁସ୍ତକରେ ତିନୋଟି ବ୍ୟାପକ ଉପାଦାନ ରହିଛି । ପ୍ରଥମ ଉପାଦାନ ହେଉଛି ଆଶାନୁରୂପ ଶିକ୍ଷଣ ପାଇଁ ବିଷୟବସ୍ତୁ ଏବଂ କୌଶଳ ଚୟନ କରିବା । ଦ୍ୱିତୀୟ ଉପାଦାନ ହେଉଛି ପିଲାମାନଙ୍କ ପାଇଁ ପରସ୍ପର ସହ ବାର୍ତ୍ତାଳାପ ମାଧ୍ୟମରେ ବିଷୟବସ୍ତୁର ଉପସ୍ଥାପନା କରିବା । ଏହା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଧାରଣା ଏବଂ କୌଶଳକୁ ବୁଝାଇବାରେ ସାହାଯ୍ୟ କରେ । ପାଠର ଉପସ୍ଥାପନାକୁ ଶିଶୁକୈନ୍ଦ୍ରିକ ଓ ଆନନ୍ଦଦାୟକ କରିବା ପାଇଁ ବୟସ ଉପଯୋଗୀ ବିଭିନ୍ନ ଶିକ୍ଷଣ ପଦ୍ଧତିକୁ (ଯେପରି- ଖେଳଭିତ୍ତିକ, ବିଷୟବସ୍ତୁଭିତ୍ତିକ, ଖେଳନାଭିତ୍ତିକ) ଅନ୍ତର୍ଭୁକ୍ତ କରାଯାଇଛି ।



ତୃତୀୟ ଉପାଦାନ ହେଉଛି ମୂଲ୍ୟାୟନ ପ୍ରକ୍ରିୟା ଚୟନ କରିବା ଏବଂ ପିଲାଙ୍କ ଶିକ୍ଷଣର ଅଗ୍ରଗତିକୁ ଅନୁଧ୍ୟାନ କରିବା । ଆମେ ସମସ୍ତେ ଜାଣୁ ଯେ ପିଲାମାନେ ଚିତ୍ର ପଠନ, ଆଲୋଚନା, ପରୀକ୍ଷଣ, ପ୍ରହେଳିକା ସମାଧାନ କରିବା, ଅନୁଭୂତି ବାଣ୍ଟିବା, ଚିନ୍ତାଧାରା ଏବଂ ଧାରଣାକୁ ଚିତ୍ରାଙ୍କନ ଓ ଲେଖା ମାଧ୍ୟମରେ ପ୍ରକାଶ କରି ଶିଖନ୍ତି । ମୂଲ୍ୟାୟନର ବୋଝକୁ କମ୍ କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଶିକ୍ଷଣର ମୂଲ୍ୟାୟନ କରିବାକୁ ସୂଚନା ଦିଆଯାଇଛି । ଫଳପ୍ରଦ ଏବଂ ଅର୍ଥପୂର୍ଣ୍ଣ ମୂଲ୍ୟାୟନ ପାଇଁ ପ୍ରତ୍ୟେକ ବିଷୟରେ ଶ୍ରେଣୀଭିତ୍ତିକ ଶିକ୍ଷଣ ଫଳାଫଳ ଓ ଦକ୍ଷତା ଚିହ୍ନଟ କରାଯାଇଛି ଏବଂ ଶିକ୍ଷକମାନେ ସେହି ଅନୁଯାୟୀ ଶିକ୍ଷଣର ମୂଲ୍ୟାୟନ କରିବେ ।

ଏହି ପାଠ୍ୟପୁସ୍ତକର ଆଭିମୁଖ୍ୟ ସହ ଜଡ଼ିତ ତିନୋଟି ଉପାଦାନକୁ ଏହି ଉଦାହରଣରୁ ବୁଝିପାରିବେ – 'ଆମ ଖାଦ୍ୟ' ପାଠରେ ପିଲାମାନେ ପାରମ୍ପରିକ ଖାଦ୍ୟ ବିଷୟରେ ଜାଣିବେ । ପିଲାମାନେ ନିଜ ଅଞ୍ଚଳ ଏବଂ ଆମ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରେ ଖାଦ୍ୟର ବିବିଧତା ବିଷୟରେ ଅବଗତ ହେବେ । ଅନୁସନ୍ଧାନ ମାଧ୍ୟମରେ ଆମେ ନିର୍ଦ୍ଦିଷ୍ଟ ଖାଦ୍ୟଦ୍ରବ୍ୟ ରୋଷେଇ କରିବା ପାଇଁ ବ୍ୟବହୃତ ଉପାଦାନକୁ ବୁଝିବାକୁ ଚେଷ୍ଟା କରୁ, ଏହି ଖାଦ୍ୟଗୁଡ଼ିକ କେଉଁ ଅଞ୍ଚଳରୁ ଉତ୍ପନ୍ନ ହୋଇଥିଲା ଏବଂ ସେମାନଙ୍କର ସାଂସ୍କୃତିକ ଅଭ୍ୟାସ ବିଷୟରେ ମଧ୍ୟ ଜାଣିବାକୁ ଚେଷ୍ଟା କରୁ । ସମଗ୍ର ଭାରତରେ ସାଂସ୍କୃତିକ ଅଭ୍ୟାସକୁ ଖାଦ୍ୟ କିପରି ପ୍ରତିଫଳିତ କରେ ତାହା ପିଲାମାନେ ନିରୀକ୍ଷଣ କରନ୍ତି । ଏପରି ଏକ ଆନ୍ତଃବିଷୟ ଆଭିମୁଖ୍ୟ ପିଲାମାନଙ୍କ ବୋଧକୁ ଦୃଢ଼ କରିଥାଏ ଏବଂ ସେମାନଙ୍କୁ ବିଷୟ, ବିଷୟବସ୍ତୁ ଏବଂ ଧାରଣା ମଧ୍ୟରେ ଥିବା ସମୃଦ୍ଧ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ ।

'ବିଚିତ୍ର ଆମ ପୃଥିବୀ' ପିଲାମାନଙ୍କ ଆଖପାଖରେ ଥିବା ଦୁନିଆ ସହିତ ଜଡ଼ିତ ବିଷୟବସ୍ତୁ ସମ୍ବନ୍ଧୀୟ ଚାରୋଟି ଏକକକୁ ନେଇ ଗଠିତ ହୋଇଛି । ପ୍ରତ୍ୟେକ ଏକକର ସଂଗଠନ ଏପରି ଭାବରେ ହୋଇଛି ଯେପରି ପିଲାମାନେ ଫଳପ୍ରଦ ଭାବରେ ନିୟୋଜିତ ହୋଇପାରିବେ ।

ଏକକଗୁଡ଼ିକର ପ୍ରତ୍ୟେକ ପାଠରେ ଦିଆଯାଇଥିବା ଧାରଣା ଏବଂ କୌଶଳ ପାଇଁ ପାରସ୍ପରିକ ବାର୍ତ୍ତାଳାପ-ସଂଳାପ ବା କାହାଣୀ ସହିତ ବର୍ଣ୍ଣନାତ୍ମକ ପଦ୍ଧତି ରହିଛି । ଉଦାହରଣ ସ୍ୱରୂପ- ଦ୍ୱିତୀୟ ଏକକର 'ଉଦ୍ଭିଦ ବିଷୟରେ ଜାଣିବା' ପାଠରେ ଏକ ବଗିଚାକୁ ଅନୁସନ୍ଧାନ କରିବା ଏବଂ ବିଭିନ୍ନ ପ୍ରକାର ଗଛ, ଗଛର ଅଂଶକୁ ଆବିଷ୍କାର କରିବା ସହ ସନ୍ତୁଳିତ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ ପାଇଁ ଗଛର ଯତ୍ନ ନେବାର ଆବଶ୍ୟକତା ଉପରେ ଏକ ବାର୍ତ୍ତାଳାପ ଉପସ୍ଥାପନ କରାଯାଇଛି ।

ପ୍ରତ୍ୟେକ ପାଠର ବିଷୟବସ୍ତୁ ଶିଶୁପ୍ରିୟ ହେବା ସହିତ ଏହା ଶିକ୍ଷଣ ପ୍ରକ୍ରିୟାରେ ପିଲାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରେ । ପିଲାମାନଙ୍କର ପର୍ଯ୍ୟବେକ୍ଷଣ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାର ଦକ୍ଷତା ବିକାଶ କରିବା ହିଁ ଏହି ସ୍ୱ-ବ୍ୟାଖ୍ୟାମୂଳକ ଚିତ୍ରଗୁଡ଼ିକର ଉଦ୍ଦେଶ୍ୟ । ପୁସ୍ତକରେ ଥିବା ଭାଷା ଓ ଧାରଣାର ସ୍ତର ଯେପରି ବୟସ ଉପଯୋଗୀ ହେବ ଏବଂ ଆମ ଦେଶ, ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ସଂଯୁକ୍ତ ହେବ ସେଥିପାଇଁ ପ୍ରୟାସ କରାଯାଇଛି ।

ପ୍ରତ୍ୟେକ ଏକକର ପ୍ରାରମ୍ଭରେ, ସମସ୍ତ ପାଠର ଧାରଣା ଦିଆଯାଇଛି ଯାହା ଉଦ୍ଦିଷ୍ଟ ଦକ୍ଷତା ଏବଂ ଆଶାନୁରୂପ ଶିକ୍ଷଣ ଫଳାଫଳକୁ ହାସଲ କରିବାରେ ସାହାଯ୍ୟ କରିବ ।



ପୁସ୍ତକରେ ସରଳ ଭାଷା ବ୍ୟବହାର କରାଯାଇଛି । ଫଳରେ ପିଲାମାନେ ଚାରୋଟି ଏକକରେ ଦିଆଯାଇଥିବା ଧାରଣାକୁ ସହଜରେ ବୁଝିପାରିବେ । ଏହି ପୁସ୍ତକରେ ପିଲାଙ୍କ ଭାଷା ଦକ୍ଷତାକୁ ବିସ୍ତାର କରିବା ପାଇଁ କେତେକ ନୂତନ ଶବ୍ଦ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ଉଦାହରଣ ସ୍ୱରୂପ- ପଦାର୍ଥ ଏବଂ ଏହାର ଗୁଣ ବିଷୟରେ ଶିଖିବା ପ୍ରରିପ୍ରେକ୍ଷୀରେ 'ସ୍ୱଚ୍ଛ', 'ଅସ୍ୱଚ୍ଛ' ଏବଂ 'ଆଂଶିକ ସ୍ୱଚ୍ଛ' ପରି ଶବ୍ଦ ବ୍ୟବହାର କରାଯାଇଛି । ଏହି ଶବ୍ଦଗୁଡ଼ିକୁ ବୁଝିବାରେ ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଏହାକୁ ଚିତ୍ର ଏବଂ ବର୍ଣ୍ଣନା ମାଧ୍ୟମରେ ସ୍ପଷ୍ଟ କରାଯାଇଛି ।

ଏହାବ୍ୟତୀତ, ପ୍ରତ୍ୟେକ ପାଠରେ ଏକ ଅନ୍ତର୍ନିହିତ ମୂଲ୍ୟାୟନ ବ୍ୟବସ୍ଥା ରହିଛି ଯାହା ପିଲାଙ୍କ ପ୍ରଗତିକୁ ଆକଳନ କରିବାରେ ସାହାଯ୍ୟ କରିବ ଏବଂ ସେହି ଅନୁଯାୟୀ ଶିକ୍ଷଣ – ଶିକ୍ଷାଦାନ କୌଶଳ ପ୍ରସ୍ତୁତ କରାଯିବ । ଏହି ମୂଲ୍ୟାୟନକୁ ବିଭିନ୍ନ କାର୍ଯ୍ୟ ଯେପରି ଘରଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ନକ୍ସା ଆଙ୍କିବା, ପ୍ରାକୃତିକ ସାମଗ୍ରୀରେ ରଙ୍ଗୋଲି କରିବା, ଆଲୋଚନା କରିବା, ଟ୍ରାଫିକ୍ ସଙ୍କେତ ମେଳ କରିବା, ନିର୍ଦ୍ଦିଷ୍ଟ ଚିତ୍ରଗୁଡ଼ିକୁ ନାମ ଦେବା, ଉଦ୍ଭିଦର ବୃଦ୍ଧିକୁ ନିରୀକ୍ଷଣ କରିବା ପାଇଁ ସରଳ ପରୀକ୍ଷଣ କରିବା କିମ୍ବା ଗଛର ବିଭିନ୍ନ ଅଂଶର କାର୍ଯ୍ୟ ବିଷୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଆଦି ମାଧ୍ୟମରେ କରାଯିବ ।

'ଆସ ଚିନ୍ତା କରିବା' ହେଉଛି ଏକ ବିଭାଗ ଯେଉଁଥିରେ ପିଲାମାନେ ପାଠରୁ କ'ଣ ଶିଖିଲେ ତାହା ପ୍ରକାଶ କରିବାକୁ ସୁଯୋଗ ପାଇବେ ।

ପୁସ୍ତକରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ପ୍ରସ୍ତାବିତ ଅଟେ । ଶିକ୍ଷକମାନେ ପିଲାମାନଙ୍କ ଉପରେ କୌଣସି ପ୍ରକାର ଚାପ ନ ପକାଇ ପୁସ୍ତକରେ ଦିଆଯାଇଥିବା କାର୍ଯ୍ୟାବଳୀ ବ୍ୟତୀତ ଅତିରିକ୍ତ କାର୍ଯ୍ୟ ସୃଷ୍ଟି କରିବେ ଏବଂ ପିଲାମାନଙ୍କୁ ସେମାନଙ୍କ ସ୍ଥାନୀୟ ପରିବେଶ ସହିତ ଯୋଡ଼ିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିବେ । 'ବିଚିତ୍ର ଆମ ପୃଥିବୀ' ପାଠ୍ୟପୁସ୍ତକ ମାଧ୍ୟମରେ ଆମେ ପିଲାମାନଙ୍କୁ ଆନନ୍ଦଦାୟୀ ଓ ଆକର୍ଷଣୀୟ ଶିକ୍ଷଣ ଅନୁଭୂତି ପ୍ରଦାନ କରିବାର ପ୍ରୟାସ କରିଛୁ ।

ଆମେ ଆଶା କରୁଛୁ ଏହି ପୁସ୍ତକ ପୃଥିବୀର ବିଚିତ୍ରତାକୁ ବୁଝିବା ପାଇଁ ଯଥେଷ୍ଟ ସୁଯୋଗ ପ୍ରଦାନ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ତଃବିଭାଗୀୟ ବିଷୟକୁ ବୁଝିବା ପାଇଁ ଏକ ଫଳପ୍ରଦ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ସୃଷ୍ଟି କରିବାରେ ଏହି ପୁସ୍ତକ ସହାୟକ ହେବ ।



# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ସୂଚୀପତ୍ର


ପ୍ରସ୍ତାବନା

ପୁସ୍ତକ ବିଷୟରେ

| ଏକକ | ପାଠର ନାମ | ପୃଷ୍ଠା ସଂଖ୍ୟା |
|---|---|---|

**ପ୍ରଥମ ଏକକ : ଆମ ପରିବାର ଏବଂ ସମାଜ**



ପ୍ରଥମ ପାଠ : ପରିବାର ଏବଂ ବନ୍ଧୁବାନ୍ଧବ ୦୩



ଦ୍ୱିତୀୟ ପାଠ : ଚାଲ ମେଳା ବୁଲିଯିବା ୧୯



ତୃତୀୟ ପାଠ : ପର୍ବପର୍ବାଣି ପାଳନ ୩୪

**ଦ୍ୱିତୀୟ ଏକକ : ଆମ ଚତୁଃପାର୍ଶ୍ୱର ଜୀବନ**



ଚତୁର୍ଥ ପାଠ : ଉଦ୍ଭିଦ ବିଷୟରେ ଜାଣିବା ୪୭



ପଞ୍ଚମ ପାଠ : ଉଦ୍ଭିଦ ଓ ପ୍ରାଣୀଙ୍କ ଏକତ୍ର ବସବାସ ୬୨



ଷଷ୍ଠ ପାଠ : ମିଳିମିଶି ବଞ୍ଚିବା ୭୨

## ତୃତୀୟ ଏକକ : ପ୍ରକୃତିର ଦାନ


ସପ୍ତମ ପାଠ : ଜଳ - ପ୍ରକୃତିର ଏକ ମୂଲ୍ୟବାନ ଉପହାର  ୮୬

ଅଷ୍ଟମ ପାଠ : ଆମ ଖାଦ୍ୟ  ୧୦୦

ନବମ ପାଠ : ସୁସ୍ଥ ଓ ସୁଖୀ ରହିବା  ୧୦୯


## ଚତୁର୍ଥ ଏକକ : ଆମ ଚତୁଃପାର୍ଶ୍ୱର ବସ୍ତୁ


ଦଶମ ପାଠ : ପଦାର୍ଥର ଦୁନିଆ  ୧୨୩

ଏକାଦଶ ପାଠ : ପଦାର୍ଥରୁ ବସ୍ତୁ  ୧୩୫

ଦ୍ୱାଦଶ ପାଠ : ଆବର୍ଜନାର ପରିଚାଳନା  ୧୪୯


## ପ୍ରଥମ ଏକକ

# ଆମ ପରିବାର ଏବଂ ସମାଜ

## ଏକକ ସମ୍ପର୍କରେ

ଆମେ ସମସ୍ତେ ବିଭିନ୍ନ ପରିବାରରୁ ଆସିଛୁ । ଆମେ ପରସ୍ପରର ନିକଟତର ହୋଇ ସାହାଯ୍ୟ ଏବଂ ସହଯୋଗ କରି ସମାଜରେ ଚଳୁଛୁ । ଆମେ ସମସ୍ତେ ମିଶି ବିଭିନ୍ନ ପ୍ରକାର ଗଛ ଲଗାଇଥାଉ ଏବଂ ଜୀବଜନ୍ତୁଙ୍କ ଯତ୍ନ ନେଇଥାଉ, ଯାହା ଆମ ପରିବେଶର ସୁରକ୍ଷାରେ ସହାୟକ ହୋଇଥାଏ । ପାରସ୍ପରିକ ସହାୟତା ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ଆମେ ଜୀବନ୍ତ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ କରିଥାଉ ।

ଏହି ଏକକରେ ଆମ ପରିବାର ଏବଂ ସମାଜର ଅନେକ ଦିଗକୁ ଅନୁସନ୍ଧାନ କରାଯିବା ସହିତ ଆମର ସହଯୋଗପୂର୍ଣ୍ଣ କାର୍ଯ୍ୟ ଏବଂ ପାରସ୍ପରିକ ସମର୍ଥନ ଉପରେ ମଧ୍ୟ ଆଲୋକପାତ କରାଯାଇଛି । ଆମେ ଆମ ଚତୁଃପାର୍ଶ୍ୱକୁ ରକ୍ଷଣାବେକ୍ଷଣ କରିବା ଓ ଯତ୍ନ ନେବା ସହିତ ଖାଦ୍ୟ, ପୋଷାକ ଆଦି ଯୋଗାଉଥିବା ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କୁ ସୁରକ୍ଷିତ ରଖିବା ପାଇଁ ଉତ୍ସର୍ଗୀକୃତ ଅଟୁ । ଉତ୍ସବ, ମେଳା ଓ ପର୍ବପର୍ବାଣିରେ ଆମେ ଏକାଠି ହୋଇ ଖେଳିବା, ଗୀତ ଗାଇବା ଏବଂ ନୃତ୍ୟ କରିବା ସହ ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଜଳ ଏବଂ ମୃତ୍ତିକା ସମେତ ପ୍ରାକୃତିକ ଉପାଦାନଗୁଡ଼ିକୁ ସମ୍ମାନ ଦେଇ କୃତଜ୍ଞତା ପ୍ରକାଶ କରିଥାଉ ।



## ଶିକ୍ଷକଙ୍କ ପାଇଁ ସୂଚନା

ଏହି ପୁସ୍ତକରେ ଚାରୋଟି ଏକକ ରହିଛି । ପ୍ରତି ଏକକରେ ତିନୋଟି ଲେଖାଏଁ ପାଠ ରହିଛି । ପ୍ରଥମ ଏକକରେ 'ଆମ ପରିବାର ଏବଂ ସମାଜ' ସମ୍ପର୍କରେ ଆଲୋଚନା କରାଯାଇଛି । ପାଠଗୁଡ଼ିକରେ ଥିବା ମୁଖ୍ୟ ଧାରଣାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ପାଠ-୧ : 'ପରିବାର ଏବଂ ବନ୍ଧୁବାନ୍ଧବ' ପାଠରେ ଗୋଟିଏ ପରିବାର ମଧ୍ୟରେ ଥିବା ବିଭିନ୍ନ ସଦସ୍ୟ, ସେମାନଙ୍କର ପରସ୍ପର ସହିତ ସମ୍ପର୍କ, ପାରସ୍ପରିକ ସହଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବସବାସ କରିବାର ଅନ୍ତର୍ନିହିତ ଆନନ୍ଦକୁ ଦର୍ଶାଯାଇଛି ।

ପାଠ-୨ : 'ଚାଲ ମେଳା ବୁଲିଯିବା' ପାଠଟି ମେଳାକୁ ଯାଉଥିବା ନିକଟ ଏବଂ ଦୂର ସମ୍ପର୍କୀୟ ପରିବାର ମଧ୍ୟରେ ଥିବା ସମ୍ପର୍କ ଏବଂ ସେମାନଙ୍କର ଆନନ୍ଦଦାୟକ କାର୍ଯ୍ୟକୁ ଉପସ୍ଥାପନ କରିଛି । ପରିବାରର ଲୋକମାନେ ମେଳାକୁ ଯିବାକୁ ଭଲ ପାଆନ୍ତି, ଯେଉଁଠାରେ ସେମାନେ ବିଭିନ୍ନ ସାମଗ୍ରୀ ଦେଖିବାର ସୁଯୋଗ ପାଆନ୍ତି, ବିଭିନ୍ନ ଲୋକଙ୍କ ସହିତ ସାକ୍ଷାତ କରନ୍ତି, ବିଭିନ୍ନ କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି ଏବଂ ଏକାଠି ହୋଇ ମଜାଦାର ବାତାବରଣ ଉପଭୋଗ କରନ୍ତି । ସମାଜର ସମସ୍ତ ପରିବାର ପରସ୍ପରକୁ କିପରି ସାହାଯ୍ୟ କରନ୍ତି ଏବଂ ଖୁସିରେ ରୁହନ୍ତି, ତାହା ସେମାନେ ଜାଣିବାକୁ ପାଆନ୍ତି ।

ପାଠ-୩ : 'ପର୍ବପର୍ବାଣି ପାଳନ' ପାଠରେ ଲୋକମାନେ ପର୍ବପର୍ବାଣି ପାଳନ କରିବା ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ, ପୋଷାକ ଏବଂ ସାଂସ୍କୃତିକ ପରମ୍ପରାକୁ ଉପଭୋଗ କରନ୍ତି । ସବୁ ବୟସର ଲୋକମାନେ ସାମୂହିକ ପର୍ବକୁ ବହୁତ ଆନନ୍ଦର ସହିତ ଏକାଠି ପାଳନ କରନ୍ତି ।





- ବିଭିନ୍ନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ସ୍ଥାନୀୟ ଏବଂ ବିନା ମୂଲ୍ୟ ବିଶିଷ୍ଟ ଶିକ୍ଷଣ ସାମଗ୍ରୀ ସଂଗ୍ରହ କରନ୍ତୁ । ପ୍ରଥମ ପାଠ ଆରମ୍ଭ କରିବା ପୂର୍ବରୁ ପିଲାମାନଙ୍କୁ ସେମାନଙ୍କ ପରିବାରର ଫଟୋ ଆଣିବାକୁ କୁହନ୍ତୁ ।
- ପିଲାମାନଙ୍କୁ ଦେଖାଇବା ପାଇଁ ସାଧାରଣ ଟ୍ରାଫିକ ସଙ୍କେତ, ସ୍ଥାନୀୟ ଖାଦ୍ୟ, ପୋଷାକ ଏବଂ ଖେଳନା ଆଦିର ଫଟୋ ସଂଗ୍ରହ କରନ୍ତୁ ।
- ପରିଦର୍ଶନ ଏବଂ ପରିଦର୍ଶକ : ବଗିଚା, ମେଳା, ଟ୍ରାଫିକ ଛକ, ପାର୍କ, ସ୍ଥାନୀୟ ଥାନା, ଡାକ୍ତରଖାନା, ବଜାର ଆଦି ସ୍ଥାନକୁ ପରିଭ୍ରମଣର ଯୋଜନା କରନ୍ତୁ । ପରିଦର୍ଶନ ସମ୍ଭବ ନ ହେଲେ ସେହି କ୍ଷେତ୍ରର ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରନ୍ତୁ । ଉଦାହରଣ ସ୍ୱରୂପ- ପୋଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ଡାକ୍ତର, ଗୃହପାଳିତ ପଶୁ ସହ ଅଭିଭାବକ, ଜେଜେମାଆ, ଜେଜେବାପା ଇତ୍ୟାଦି ।

ପାଠ


୧




# ପରିବାର ଏବଂ ବନ୍ଧୁବାନ୍ଧବ

## ଏକାଠି ଖେଳିବା

ନମସ୍କାର ! ମୋ ଘରକୁ ସ୍ୱାଗତ ! ମୋ ନାଁ ସ୍ନେହା । ମୋର ଦୁଇ ଭାଇ ଅଛନ୍ତି – ବଡ଼ଭାଇଙ୍କ ନାମ ଶ୍ୟାମ ଏବଂ ଛୋଟ ଭାଇର ନାମ ସୂରଜ । ଆମକୁ ବାହାରେ ଏକାଠି ଲୁଚକାଳି (ଲୁଚିବା ଏବଂ ଖୋଜିବା) ଖେଳିବାକୁ ମଜା ଲାଗେ । ଲୁଚକାଳି କେମିତି ଖେଳାଯାଏ ତୁମେ ଜାଣ କି ?





ଘରେ ଆମେ ସମସ୍ତେ ସୂରଜ ସହ ଲୁଚକାଳି* ଖେଳିବା ପାଇଁ ଭଲ ପାଉ । ଆମେ ଆମ ଘର ବାହାରେ ଥିବା ଖୋଲା ସ୍ଥାନରେ ଖେଳୁ ।

ଆମ ଘରେ ବିଭିନ୍ନ ଫୁଲଗଛ ଥିବା ଗୋଟିଏ ବଗିଚା ଅଛି । ଆମର ବନ୍ଧୁ, ସମ୍ପର୍କୀୟ ଏବଂ ପଡ଼ୋଶୀମାନେ ବଗିଚାକୁ ବୁଲିବାକୁ ଆସନ୍ତି । ସେମାନେ ସେଠାରେ ଏକାଠି ବସି କଥାବାର୍ତ୍ତା ଓ ମଜା କରନ୍ତି ।

ଯେତେବେଳେ ମୋ ବାପା, ମା' ଦିନସାରା କଠିନ ପରିଶ୍ରମ କରି ଥକି ଯାଆନ୍ତି, ସେମାନେ ମଧ୍ୟ ଏଠାରେ ବସି ଆରାମ କରନ୍ତି । ଆମେ ସମସ୍ତେ ଏକାଠି ବସି ସନ୍ଧ୍ୟା ସମୟକୁ ଉପଭୋଗ କରୁ ।



*ଲୁଚକାଳି ହେଉଛି ଛୋଟ ପିଲାଙ୍କ ସହ ଖେଳାଯାଉଥିବା ଏକ ଖେଳ, ଯେଉଁଥିରେ ଲୁଚି ରହି ହଠାତ୍ ଦେଖାଦେବା ଏବଂ କହିବା 'ମୁଁ ଆସିଗଲି'... ।




## ଏକାଠି ଗୀତ ଗାଇବା



ବର୍ଷା ଦିନେ, ଆମେ ବଗିଚାରେ ତିଆରି ହୋଇଥିବା ଗୋଟିଏ ଛୋଟ ଛପର ତଳେ ବସୁ । ବର୍ଷା ହେଉଥିବା ବେଳେ ବାହାରେ ବସିବାକୁ ବହୁତ ମଜା ଲାଗେ । ଏହି ସମୟରେ ଆମେ ଅନ୍ତାକ୍ଷରୀ ଏବଂ ସାପ ଓ ସିଡ଼ି (ଲୁଡୁ) ଭଳି ଖେଳ ଖେଳିଥାଉ । ବର୍ଷାଦିନେ ମୋ ମା', ଜେଜେମା' ଗରମ ଗରମ ପକୁଡ଼ି ଏବଂ ଚା' ତିଆରି କରନ୍ତି । ଜେଜେବାପା ଓ ଜେଜେମା'ଙ୍କ ସମେତ ଆମେ ସମସ୍ତେ ଏକାଠି ବସି ଗରମ ପକୁଡ଼ିର ମଜା ନେଇଥାଉ । ଅନେକ ସମୟରେ ମୋର ଜେଜେମାଆ ବର୍ଷାକୁ ନେଇ ଗୀତ ଗାଆନ୍ତି । ସେ ଆମକୁ ମଧ୍ୟ କିଛି ଗୀତ ଶିଖାଇଛନ୍ତି, ବେଳେବେଳେ ତାଙ୍କ ସହ ମିଶି ଆମେ ମଧ୍ୟ ଗୀତ ଗାଉ । ଏହା ଆମକୁ ବହୁତ ଆନନ୍ଦ ଦିଏ ।

## ବର୍ଷା ଗୀତ

ଶ୍ରାବଣ ମାସେ ମେଘ ଗରଜେ ବିଜୁଳି ମାରେ ଚକ୍‌ଚକ୍
    ବେଙ୍ଗୁଲି ନାନୀ ପାଣିରେ ନାଚେ ଖୁସିରେ ଡିଏଁ ଫକ୍‌ଫକ୍ ।
ବରଷା ରାଣୀର ଟୁପୁରୁଟାପୁରୁ ଶବଦ ଲାଗେ ମଜା
    ପାଣିରେ ଭାସେ କାଗଜ ଡଙ୍ଗା ଶିଖାଇଥିଲେ ଅଜା ।
ବଣେ ମୟୂର ନାଚୁଥିବ ତା' ସୁନ୍ଦର ପୁଚ୍ଛକୁ ମେଲି
    ଭିଜିବା ଆମେ ସଭିଏଁ ଆସ ବରଷା ଗୀତ ବୋଲି ।





## ଆସ କଥା ହେବା

- ସ୍ନେହାର ପରିବାରରେ କେଉଁମାନେ ଅଛନ୍ତି ?
- ଝିପିଝିପି ବର୍ଷା ହେଉଥିଲେ ତୁମକୁ କ'ଣ କରିବାକୁ ଭଲ ଲାଗେ ?
- ବର୍ଷା ହେଲେ ତୁମ ପରିବାର ସଦସ୍ୟମାନେ କ'ଣ କରନ୍ତି ?
- ବର୍ଷାକୁ ନେଇ ଗୀତଟିଏ ଗାଅ କିମ୍ବା ଛୋଟ ଗପଟିଏ କୁହ ।

## ଆସ ଲେଖିବା

ନିମ୍ନରେ ଥିବା ସାରଣୀରେ ତୁମ ପରିବାର ସଦସ୍ୟଙ୍କ ନାମ ଲେଖ ।

| ନାମ | ତୁମ ସହିତ ସମ୍ପର୍କ | ତୁମେ ତାଙ୍କୁ କ'ଣ ଡାକ (ତୁମେ ତାଙ୍କୁ କ'ଣ ସମ୍ବୋଧନ କର) |
|---|---|---|
| ଉର୍ମିଳା | ମା'ଙ୍କ ଭଉଣୀ | ମାଉସୀ |
| | | |
| | | |
| | | |
| | | |

## ଏକାଠି ମଜା କରିବା







ଆମ ଜେଜେବାପା ତାଙ୍କ ପିଲାବେଳେ ଖେଳୁଥିବା ଖେଳକୁ ଶ୍ୟାମକୁ ଓ ମୋତେ ଶିଖାଇଲେ । ସେ ମଧ୍ୟ କିଛି ଖେଳ ଆମ ସହ ଖେଳନ୍ତି । ଟମି ଆମ ସହ ମିଶି ଚାରିଆଡ଼େ ଦୌଡ଼େ ଓ ଖୁସିରେ ତା'ର ଲାଞ୍ଜକୁ ହଲାଇ ଭୁକେ । ଆମ ଘରେ ଟମିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ଆମ ପରିବାରର ଜଣେ ସଦସ୍ୟ ଭଳି । ଆମ ସାଙ୍ଗମାନେ ମଧ୍ୟ ତା' ସହ ଖେଳିବାକୁ ଭଲ ପାଆନ୍ତି ।

ଶ୍ୟାମ ଏବଂ ସ୍ନେହା ଟମିକୁ କେବେ ହଇରାଣ କରନ୍ତି ନାହିଁ । ସେମାନେ ତାଙ୍କ ଖାଦ୍ୟକୁ ଟମିକୁ ମଧ୍ୟ ଦିଅନ୍ତି ।



ଆସ ଖୋଜିବା

ତୁମେ ଜାଣ କି– ତୁମ ଜେଜେବାପା ଛୋଟ ଥିବା ବେଳେ କେଉଁ ସବୁ ଖେଳ ଖେଳୁଥିଲେ ?

## ବିଭିନ୍ନ ପ୍ରକାର ପରିବାର



କେଉଁ ପରିବାର ବଡ଼ ତ ଭାଇ
କେଉଁ ପରିବାର ସାନ,
ଉଣା ଅଧିକ ହେଲେ ବି ଲୋକ
କମେନି କାହା ମନ ।
ଖାଇବାବେଳେ ଆମ ଭିତରେ
ନଥାଏ ଭାବରେ ଭେଦ,
ଶାଗ ପଖାଳ ହେଲେ ବି ତାହା
ଲାଗଇ ଭାରି ସୁଆଦ ।



ଘରର ବଡ଼ ଆମକୁ କେବେ
ଦିଅନ୍ତି ନାହିଁ ଗାଳି,
ପାଖରେ ବସାଇ ଗେହ୍ଲାରେ ସବୁ
ତୁଟାନ୍ତି ଆମ କଳି ।
ବାପା, ମା'ତ ଆମ ସାଥିରେ
ଅଛନ୍ତି ମୋର ଭାଇ,
ସରଗ ଲାଗେ ଆମ ଘରଟି
ହସିଲେ ଅଜା ଆଇ ।



ଆମେ ସ୍ନେହାଙ୍କ ପରିବାରକୁ ଛୋଟ ନା ବଡ଼ ପରିବାର କହିବା ?



ଗୋଟିଏ ପରିବାରରେ କମ୍ କିମ୍ବା ବେଶି ସଦସ୍ୟ ରହିପାରନ୍ତି । ଯଦି ତୁମେ ନିଜ ଆଖପାଖକୁ ଲକ୍ଷ୍ୟ କରିବ, ତେବେ ତୁମକୁ ଅନେକ ପ୍ରକାର ପରିବାର ଦେଖିବାକୁ ମିଳିବ ।

## ଆସ କଥା ହେବା

- ତୁମେ ତୁମ ପରିବାରର ବୟସ୍କ ଏବଂ ଅନ୍ୟ ସଦସ୍ୟଙ୍କ ସହିତ କେଉଁ ଖେଳ ଖେଳିବାକୁ ପସନ୍ଦ କର ?
- କେଉଁ କେଉଁ ପଶୁ ତୁମ ଘରକୁ କିମ୍ବା ତୁମ ସାହିକୁ ଆସନ୍ତି ?
- ତୁମେ କେବେ ତୁମ ଘର ପାଖକୁ ଆସିଥିବା ପଶୁପକ୍ଷୀମାନଙ୍କୁ ଖାଇବାକୁ ଦେଇଛ କି ? ତୁମ ଅନୁଭୂତି କୁହ ।
- ଆମେ ପଶୁପକ୍ଷୀମାନଙ୍କୁ ଚିଡ଼ାଇବା କିମ୍ବା ଆଘାତ ଦେବା ଉଚିତ ନୁହେଁ କାହିଁକି ?



ଆମ ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ପଡ଼ୋଶୀ ଏବଂ ସମ୍ପର୍କୀୟମାନେ ସମସ୍ତେ ଆମକୁ ଭଲ ପାଆନ୍ତି, ଆମର ଯତ୍ନ ନିଅନ୍ତି ଏବଂ ସହଯୋଗ କରନ୍ତି । ପିତାମାତା (ବାପା ଓ ମାଆ), ତାଙ୍କ ପୁଅ ଓ ଝିଅ (ଶ୍ୟାମ, ସୂରଜ ଓ ସ୍ନେହାଙ୍କ ପରି), ଜେଜେମାଆ, ଜେଜେବାପା ଏବଂ ଅନ୍ୟ ବୟସ୍କ ସଦସ୍ୟଙ୍କୁ ନେଇ ପରିବାର ଗଠିତ ହୋଇଥାଏ ।

ପରିବାରରେ ସମସ୍ତେ ପରସ୍ପରକୁ ଭଲ ପାଆନ୍ତି ଏବଂ ପରସ୍ପରର ଯତ୍ନ ନିଅନ୍ତି । ପରିବାରର ସଦସ୍ୟମାନେ ପଶୁ, ପକ୍ଷୀ, ବୃକ୍ଷଲତାକୁ ଭଲ ପାଆନ୍ତି ଓ ଯତ୍ନ ମଧ୍ୟ ନିଅନ୍ତି । ଗାଈ, ମଇଁଷି, କୁକୁର, ବିଲେଇ ଓ ଛେଳି ଭଳି ପଶୁମାନେ ଏବଂ ଶୁଆ, ଶାରୀ, ପାରା ଆଦି ପକ୍ଷୀମାନେ ପରିବାରର ଅଂଶ ହୋଇପାରନ୍ତି । ସ୍ନେହା ଏବଂ ଶ୍ୟାମ ଯେପରି ତାଙ୍କ ପୋଷା କୁକୁର ଟମିକୁ ଭଲ ପାଆନ୍ତି, ସେହିପରି ଆମେ ମଧ୍ୟ ପଶୁପକ୍ଷୀମାନଙ୍କୁ ଭଲ ପାଇବା ଏବଂ ସେମାନଙ୍କର ଯତ୍ନ ନେବା ଉଚିତ୍ ।



## ପରସ୍ପରକୁ ସାହାଯ୍ୟ କରିବା

### କାର୍ଯ୍ୟ ୧

ତୁମ ପରିବାରରେ ଦେଖୁଥିବା କାର୍ଯ୍ୟଗୁଡ଼ିକୁ ଠିକ୍ (✓) ଚିହ୍ନ ଦିଅ ଏବଂ ରଙ୍ଗ କର ।













ଆମେ ଆମ ଘରର ଅନେକ କାମ ମିଳିମିଶି କରିଥାଉ । ମୋର ଲମ୍ବା କେଶ ଅଛି । ମୋର ଜେଜେମା' ମୁଁ ସ୍କୁଲଯିବା ପୂର୍ବରୁ ସକାଳେ ମୋ କେଶକୁ ତେଲ ଲଗାଇ ବେଣୀ କରିଦିଅନ୍ତି । ସେହି ସମୟରେ ସେ ଗୁଣୁଗୁଣୁ ହୋଇ ଗୀତ ଗାଆନ୍ତି । ତାଙ୍କ ଗୀତ ଶୁଣିବାକୁ ମୋତେ ବହୁତ ଖୁସି ଲାଗେ । ମୁଁ ତାଙ୍କଠାରୁ ଅନେକ ଗୀତ ଶିଖିଛି । ରୋଷେଇ ଓ ସଫେଇଠାରୁ ଆରମ୍ଭ କରି ଘରର ସମସ୍ତ କାମରେ ବାପା, ମାଆ ପରସ୍ପରକୁ ସାହାଯ୍ୟ କରନ୍ତି ।



ମୋର ଜେଜେବାପା ବଗିଚା କାମ କରିବାକୁ ଭଲ ପାଆନ୍ତି । ଶ୍ୟାମ ଭାଇ ଓ ମୁଁ, ଆମ ବାପାମାଆ ଏବଂ ଜେଜେବାପା ଓ ଜେଜେମା'ଙ୍କୁ ପ୍ରତିଦିନ ସେମାନଙ୍କର କାମରେ କିଛି କିଛି ସାହାଯ୍ୟ କରିଥାଉ । ଶ୍ୟାମ ଭାଇ ପନିପରିବା ଧୁଆଧୋଇ କରି କାଟିବାରେ ମାଆଙ୍କୁ ସାହାଯ୍ୟ କରୁଥିବାବେଳେ, ମୁଁ ଜେଜେବାପାଙ୍କୁ ବଗିଚା କାମରେ ସାହାଯ୍ୟ କରେ ।






ମୁନି ଆମର ଜଣେ ଘନିଷ୍ଠ ସାଙ୍ଗ । ସେ ଏବଂ ତାଙ୍କ ମା' କୁସୁମ ମାଉସୀ (ମା'ଙ୍କ ଘନିଷ୍ଠ ସାଙ୍ଗ ଯିଏ କି ଭଉଣୀ ଭଳି) ଆମ ଘର ନିକଟରେ ରୁହନ୍ତି । କୁସୁମ ମାଉସୀ ଭଲ ରୋଷେଇ କରନ୍ତି । ପର୍ବପର୍ବାଣିରେ ସେ ଆମ ପାଇଁ ପିଠା ଏବଂ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରନ୍ତି । ସେ ଏବଂ ମୁନି ଆମ ଘରର ବିଭିନ୍ନ ପର୍ବପର୍ବାଣିରେ ଆମ ସହିତ ଯୋଗ ଦିଅନ୍ତି । ମୁନି ମୁରୁଜରେ ଭଲ ରଙ୍ଗୋଲି ପକାଇପାରେ । ସେ ବିଭିନ୍ନ ରଙ୍ଗର ଶୁଖିଲା ଫୁଲରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର କରେ । କେତେକ ସମୟରେ ସେ ପତ୍ର ଓ ଫୁଲ ବ୍ୟବହାର କରି ସୁନ୍ଦର ରଙ୍ଗୋଲି କରିଥାଏ । ମୁଁ ତାକୁ ସାହାଯ୍ୟ କରିବାକୁ ଭଲ ପାଏ ।



## ଆସ ଚିତ୍ର କରିବା

ତୁମ ପରିବାରର ସଦସ୍ୟମାନେ ପରସ୍ପରକୁ କିପରି ସାହାଯ୍ୟ କରନ୍ତି, ତାହା ଦେଖାଇବା ପାଇଁ ତୁମେ ଆଉ କିଛି ଚିତ୍ର ଆଙ୍କିପାରିବ ।





ଆମେ ସମସ୍ତେ ପରିବାରର ସଦସ୍ୟ ଏବଂ ପଡ଼ୋଶୀଙ୍କଠାରୁ ଅନେକ କଥା ଶିଖିଥାଉ ।

- ତୁମେ ତୁମ ପରିବାରର କୌଣସି ସଦସ୍ୟଙ୍କଠାରୁ କିଛି ଶିଖିଛ କି ?
- ତୁମେ କାହାଠାରୁ କ'ଣ ଶିଖିଛ ?
- ତୁମଠାରୁ କେହି କିଛି ଶିଖିଛନ୍ତି କି ?

## କାର୍ଯ୍ୟ ୨

ଗଛ ତଳେ ପଡ଼ିଥିବା କିଛି ପତ୍ର ଓ ଫୁଲକୁ ସଂଗ୍ରହ କରି ଏକ ରଙ୍ଗୋଲି ତିଆରି କର ।

## ଆସ କଥା ହେବା

- ତୁମେ ତୁମ ପରିବାରକୁ କିପରି ସାହାଯ୍ୟ କର ?
- ପରିବାରର ବୟସ୍କ ସଦସ୍ୟ (ଯେପରି ଜେଜେବାପା, ଜେଜେମାଆ) ଏବଂ ଛୋଟ ପିଲା ବେଳେବେଳେ ଅସୁସ୍ଥ ହୋଇପଡ଼ନ୍ତି । ସେତେବେଳେ ସେମାନେ ସ୍ୱତନ୍ତ୍ର ଯତ୍ନ ଓ ସହଯୋଗ ଆବଶ୍ୟକ କରନ୍ତି । ତୁମେ ସେମାନଙ୍କୁ କିପରି ସାହାଯ୍ୟ କର ?

## ଆସ ଲେଖିବା

- ତୁମ ପରିବାରରେ ସବୁଠାରୁ ବୟସ୍କ ବ୍ୟକ୍ତି କିଏ ?

  ______________________________
- ତୁମ ପରିବାରରେ ସବୁଠାରୁ ସାନ କିଏ ?

  ______________________________
- ତୁମ ପରିବାରର କିଏ ସମସ୍ତଙ୍କୁ ଅଧିକାଂଶ ସମୟରେ ସାହାଯ୍ୟ କରନ୍ତି ?

  ______________________________
- କିଛି ସଦସ୍ୟ ତୁମ ପରିବାରର ହେଲେ ମଧ୍ୟ ତୁମ ସହ ରୁହନ୍ତି ନାହିଁ । ସେମାନେ କିଏ ?

  ______________________________
- ସେମାନେ କେଉଁଠାରେ ରହନ୍ତି ?

  ______________________________

**ଶିକ୍ଷକଙ୍କ ପାଇଁ ସୂଚନା:**
ପିଲାମାନଙ୍କୁ ବୁଝାନ୍ତୁ ଯେ ବିଭିନ୍ନ ସାମଗ୍ରୀ ବ୍ୟବହାର କରି ରଙ୍ଗୋଲି ତିଆରି କରାଯାଇପାରିବ । ଶ୍ରେଣୀ କକ୍ଷର ଚଟାଣରେ ପିଲାଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରାଯାଇପାରିବ ।



- ସେମାନଙ୍କ ସହିତ ତୁମର କେବେ କେବେ ଦେଖାହୁଏ ?

  ______________________________

- ଘରେ କିମ୍ବା ତୁମ ଘର ପାଖରେ ତୁମ ସହିତ ଖେଳୁଥିବା ସାଙ୍ଗମାନଙ୍କ ନାମ ଲେଖ ।

  ______________________________

  ______________________________

## କାର୍ଯ୍ୟ ୩

ନିମ୍ନରେ ଥିବା ଚିତ୍ରଗୁଡ଼ିକୁ ଦେଖ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ସହ ସ୍ନେହାର ସମ୍ପର୍କକୁ ଲେଖ ।






## କାର୍ଯ୍ୟ ୪

ତୁମ ପରିବାରର ସଦସ୍ୟମାନଙ୍କର ଏକ ଚିତ୍ର ଅଙ୍କନ କର ଏବଂ ସେମାନଙ୍କ ସହିତ ତୁମ ସମ୍ପର୍କ ଲେଖ ।
ତୁମେ ପୃଷ୍ଠା ୧୩ ରେ ଦିଆଯାଇଥିବା କାର୍ଯ୍ୟ-୩ ର ଉଦାହରଣ ଦେଖିପାର ।





## ଆସ ଲେଖିବା

ତୁମ ଘରକୁ ଆସୁଥିବା ସମ୍ପର୍କୀୟମାନଙ୍କ ନାମ ଲେଖ । ତୁମ ସହିତ ସେମାନଙ୍କ ସମ୍ପର୍କ କ'ଣ ?

| ସମ୍ପର୍କୀୟଙ୍କ ନାମ | ତୁମ ସହିତ କ'ଣ ସମ୍ପର୍କ ? | ତୁମେ ତାଙ୍କୁ କ'ଣ ବୋଲି ଡ଼ାକ ? |
|---|---|---|
| | | |
| | | |
| | | |
| | | |
| | | |
| | | |

ଗୋଟିଏ ପରିବାରରେ ଆମେ ସ୍ନେହା ଓ ଶ୍ୟାମଙ୍କ ଭଳି ଘରର ଦୈନନ୍ଦିନ କାର୍ଯ୍ୟରେ ଭାଗ ନେଇଥାଉ । ଆମ ପରିବାରରେ ସମ୍ପର୍କୀୟମାନେ ମଧ୍ୟ ଅଛନ୍ତି ଯେଉଁମାନେ ଆମ ସହିତ ରୁହନ୍ତି ନାହିଁ । ସେମାନେ ଆମ ମା' କିମ୍ବା ବାପାଙ୍କ ମାଧ୍ୟମରେ ଆମ ସହିତ ସମ୍ପର୍କିତ ।

## ଆସ ଖୋଜିବା

- ସ୍ନେହାର ପରିବାରରେ ସମସ୍ତେ କିଛି ନା କିଛି କାମ କରନ୍ତି ।
- ତୁମ ପରିବାରରେ କିଏ କେଉଁ କାମ କରନ୍ତି ?
- ପୃଷ୍ଠା ୧୬ ରେ ଥିବା ସାରଣୀ ପୂରଣ କର ।



| କାର୍ଯ୍ୟ | ଏହା କିଏ କରନ୍ତି ? |
|---|---|
| ରୋଷେଇ କରନ୍ତି | |
| ଗଛରେ ପାଣି ଦିଅନ୍ତି | |
| ଘରର ଜିନିଷ ମରାମତି କରନ୍ତି | |
| ସିଲେଇ କରନ୍ତି | |
| ଘର ସଫା କରନ୍ତି | |
| ବଜାରରୁ ଜିନିଷ କିଣନ୍ତି | |
| | |
| | |

ତୁମ ଘରେ ତୁମ ପରିବାରର ସଦସ୍ୟମାନେ କରୁଥିବା ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକୁ ତାଲିକାରେ ଯୋଡ଼ିପାରିବ ।

## ପରିବାର ଏବଂ ବନ୍ଧୁମାନଙ୍କ ସହିତ ମଜା

ଏହା ଏକ ଛୁଟି ଦିନ ଥିଲା । ଆମେ ସମସ୍ତେ ଆମ ଜେଜେବାପାଙ୍କ ସହିତ ପାର୍କ ଯାଇଥିଲୁ । ଯେତେବେଳେ ଆମେ ସେଠାରେ ପହଞ୍ଚିଲୁ ଆମର ସାଙ୍ଗ ରୋହିତ, ରାକେଶ, ଚିନୁ, ଲକି ଓ ମନୋଜ ଅନ୍ୟମାନଙ୍କ ସହ ରୁମାଲ ଚୋରି ଖେଳୁଥିଲେ । ଆମେ ସେମାନଙ୍କ ସହ ଖେଳରେ ଯୋଗ ଦେଲୁ ଓ ସମସ୍ତେ ଗୋଲରେ ବସିଲୁ । ମୋର ପାଳି ଯେତେବେଳେ ପଡ଼ିଲା, ମଝିରେ ରଖାଯାଇଥିବା ରୁମାଲକୁ ନେଇ ମୋ ଫ୍ରକ୍‌ରେ ଲୁଚାଇ ସମସ୍ତଙ୍କ ଚାରିପଟେ ଘୁରି ଚିନୁର ପଛରେ ତା' ଅଜାଣତରେ ରଖିଦେଲି । ମୁଁ ଗୋଲରେ ଘୁରି ଚିନୁ ପାଖକୁ ଆସିବାବେଳେ ସେ ଜାଣିପାରିଲା ନାହିଁ । ମୁଁ ଚିନୁକୁ ଠିଆ କରି ରୁମାଲରେ ମାରିବା ପାଇଁ ଗୋଡ଼ାଇଲି । ଚିନୁ ଗୋଲରେ ବୁଲି ତା' ସ୍ଥାନରେ ବସିପଡ଼ିଲା । ଏଥର ରୁମାଲ ରାକେଶ ପଛ ପଟେ ରଖିଲି । ରାକେଶ କିନ୍ତୁ ଜାଣିପାରି ରୁମାଲ ଉଠାଇ ମୋତେ ମାରିବା ପାଇଁ ଗୋଡ଼ାଇଲା, ମୁଁ ଧାଇଁ ଆସି ରାକେଶର ସ୍ଥାନରେ ବସି ପଡ଼ିଲି । ଏହି ଭଳି ଆମେ ଖେଳଟି ଖେଳିଥିଲୁ ।



ଏହା ମଜାଦାର ଥିଲା । କିଛି ସମୟ ପରେ ଆମେ ଥକ୍କା ଅନୁଭବ କରିବାରୁ ଜେଜେବାପା ଆମକୁ ବିଶ୍ରାମ ନେବାକୁ କହିଥିଲେ ।



ପାଖାପାଖି ୨୦ ମିନିଟ୍ ପରେ ଜେଜେବାପା ଆମକୁ ସରବତ ପିଆଇଲେ । ଖୁବ୍ ଶୀଘ୍ର ଅନ୍ଧାର ହେବାକୁ ଲାଗିଲା ଏବଂ ଆମେ ଘରକୁ ଫେରିଲୁ । ସେଦିନର ସାଙ୍ଗସାଥିମାନଙ୍କ ସହ ମିଶିବା, ଖେଳିବା ଓ ମଜା କରିବା ଆମକୁ ବହୁତ ଆନନ୍ଦ ଦେଇଥିଲା ।

## ଆସ ଚିନ୍ତା କରିବା

୧. ଲେଖ

କ. ପରିବାରର ସଦସ୍ୟମାନେ ପରସ୍ପରକୁ କିପରି ଭଲ ପାଆନ୍ତି ଏବଂ ଯତ୍ନ ନିଅନ୍ତି ?

ଖ. ତୁମେ ତୁମ ସାଙ୍ଗମାନଙ୍କ ସହିତ କେଉଁ ଖେଳଗୁଡ଼ିକ ଖେଳ ?

୨. ଚିତ୍ର ଅଙ୍କନ କର

ତୁମେ ତୁମ ପରିବାର ସହିତ ମିଶି ଉପଭୋଗ କରୁଥିବା କିଛି ଖୁସି ସମୟକୁ ଚିତ୍ର ମାଧ୍ୟମରେ ପ୍ରକାଶ କର ।



## ୩. ଆସ କଥା ହେବା

କ. ତୁମ ପରିବାରର ବୟସ୍କମାନଙ୍କଠାରୁ ତୁମେ କ'ଣ ଶିଖିଛ ?

ଖ. ଆମ ପରିବାରର ସଦସ୍ୟମାନଙ୍କ ପ୍ରତି ଆମର ଭଲପାଇବା ଏବଂ ଯତ୍ନକୁ କିପରି ପ୍ରଦର୍ଶନ କରିପାରିବା ?

ଗ. ଆମେ ଆମ ପରିବାରର ସଦସ୍ୟ ବ୍ୟତୀତ ଅନେକଙ୍କର ଯତ୍ନ ମଧ୍ୟ ନେଇଥାଉ । ସେମାନେ କିଏ ? ଆମେ ସେମାନଙ୍କର ଯତ୍ନ କିପରି ନେଇଥାଉ ?

## ୪. କାର୍ଯ୍ୟ

**ଖୋଜ ଏବଂ ଗୋଲ କର**

ନିମ୍ନରେ ପ୍ରଦତ୍ତ ଘରେ ଖେଳ ସଂପର୍କିତ ପାଞ୍ଚଟି ଶବ୍ଦକୁ ଗୋଲ କର । ଗୋଟିଏ ଉଦାହରଣ ତୁମ ପାଇଁ ଦିଆଯାଇଛି ।

| | | | | | | |
|---|---|---|---|---|---|---|
| ଚ | ପ | ଟା | ବ | ଖ | ଟି | ଜ |
| ମ | ହ | ଶ | ଲ୍ | ଖେ | କ୍ଷ | ଣ୍ଟ |
| ର | କି | ଥ | ଫ | ଳ | ନ | ଟୁ |
| କ | ଟ | ଲୁ | ଡୁ | ନା | କୈ | ସ |
| ବା | ଦ | ପା | ସେ | ଙ୍କ | ମ | ଙ୍ଖ |
| ଡ଼ି | ଘ | ଢ଼ | ଖୁ | କ୍ରି | କେ | ଟ |
| କ୍ଷ | ଗ | ଳ | ଛ | ପ୍ର | ମି | ଲୁ |



ପାଠ ୭



# ଚାଲ ମେଳା ବୁଲିଯିବା



## ମେଳା ବୁଲିଯିବା ପାଇଁ ପ୍ରସ୍ତୁତି

ଅନେକ ଦିନ ପରେ ସହରକୁ ମେଳା ଆସିଛି । ଏହା ଶୁଣି ଅନୀତା ଓ ସ୍ମିତା ଖୁସି ହେଲେ । ସେମାନେ ବାପା, ମା'ଙ୍କ ସହିତ ମେଳା ଯିବାକୁ ପ୍ରସ୍ତୁତ ହେଲେ । ମେଳା ସ୍ଥାନ ଘରଠାରୁ ଦୂରରେ ଥିଲା । ତେଣୁ ସେମାନଙ୍କୁ ବସ୍‌ରେ ଯିବାକୁ ପଡ଼ିବ ।

"କ'ଣ ହୋଇଛି ? ତୁମେମାନେ ସମସ୍ତେ ବହୁତ ବ୍ୟସ୍ତ ଥିବା ପରି ମନେ ହେଉଛ ?'' ଜେଜେମାଆ ପଚାରିଲେ ।

'ଜେଜେମାଆ, ଆମେ ମେଳାକୁ ଯାଉଛୁ । ତୁମେ ମଧ୍ୟ ଆମ ସହିତ ଆସ ।'' ଅନୀତା ଏବଂ ସ୍ମିତା ଅନୁରୋଧ କଲେ ।

"ଆଚ୍ଛା, ମେଳା ! ହଁ, ତୁମ ମାଆ ମଧ୍ୟ ମୋତେ ଯିବାକୁ କହିଥିଲେ । ମେଳାକୁ ଯିବା ପାଇଁ ମୁଁ ବି ପସନ୍ଦ କରେ । କିନ୍ତୁ ମୋ ଗୋଡ଼ରେ ଯନ୍ତ୍ରଣା ହେଉଛି", ଜେଜେମାଆ କହିଲେ ।



ଏହି କଥାବାର୍ତ୍ତା ମଧ୍ୟରେ ଅନୀତାଙ୍କ ବାପା ସେଠାରେ ପହଞ୍ଚିଲେ । ଜେଜେମାଆଙ୍କ କଥା ଶୁଣି ସେ କହିଲେ, ''ଆମ ସହିତ ଅନେକ ଲୋକ ଅଛନ୍ତି । ଆମର ପଡ଼ୋଶୀ ଶ୍ରଦ୍ଧା ଓ ରୋହିତଙ୍କ ସହ ମୋହନ ମଉସା ଏବଂ ତାଙ୍କ ପରିବାର ମଧ୍ୟ ଯିବେ ।

ସେମାନେ ଆଜି ଟ୍ରେନ୍‌ରେ ଆସୁଛନ୍ତି । ଚିନ୍ତା କର ନାହିଁ । ଆମ ସହିତ ଗଲେ ତୁମର କିଛି ଅସୁବିଧା ହେବ ନାହିଁ ।''

ଜେଜେମା' ହସି ହସି କହିଲେ, "ଠିକ୍ ଅଛି, ମୁଁ ଯିବି । କିନ୍ତୁ ମନେରଖ, ଘରୁ ପାଣି ବୋତଲ ନେବାକୁ ଭୁଲିବ ନାହିଁ ।"





"ହଁ, ଜେଜେମା' । ଏଥିପାଇଁ ଆମେ ବ୍ୟାଗ୍ ସଜାଡ଼ି ସାରିଛୁ ବୋଲି ଅନୀତା କହିଲା । ଜେଜେମାଆ ଯିବାକୁ ରାଜି ହେବାରୁ ସମସ୍ତେ ବହୁତ ଖୁସି ହେଲେ । ପିଲାମାନେ ଖୁସିରେ ଡେଇଁଲେ ।

ଅନୀତାଙ୍କ ବାପା ପଡ଼ୋଶୀମାନଙ୍କୁ ଫୋନ୍ କରି ଠିକ୍ ସମୟରେ ବାହାରିବାକୁ କହିଲେ ।

ଇତି ମଧ୍ୟରେ ମୋହନ ମଉସା ସେମାନଙ୍କୁ ଫୋନ୍‌ରେ କହିଲେ ଯେ ସେମାନେ ସିଧାସଳଖ ଅନୀତା ଏବଂ ତାଙ୍କ ପରିବାରକୁ ମେଳାରେ ଭେଟିବେ । ସେମାନେ ପ୍ରଥମେ ସିଟି ବସ୍ ଏବଂ ପରେ ଅଟୋରିକ୍ସାରେ ଯାଇ ମେଳା ପଡ଼ିଆରେ ପହଞ୍ଚିବେ ।

ସ୍ମିତା କହିଲା "ଆମେ ବହୁତ ଲୋକ ଅଛୁ । ମେଳାରେ ବହୁତ ମଜା ହେବ ।"



## ଆସ କଥା ହେବା

- ଅନୀତା ଏବଂ ସ୍ମିତା ବ୍ୟାଗରେ କ'ଣ ସବୁ ନେଇଥିବେ ବୋଲି ଭାବୁଛ ?
- କୌଣସି ଦୂର ସ୍ଥାନକୁ ଯାତ୍ରା କରିବା ସମୟରେ ତୁମେ କିପରି ପ୍ରସ୍ତୁତ ହୁଅ ?



## ମେଳାକୁ ଯିବା ବାଟରେ



ଶ୍ରଦ୍ଧା ଓ ରୋହିତ କେବଳ ଅନୀତାଙ୍କ ପଡ଼ୋଶୀ ନୁହଁନ୍ତି; ସେମାନେ ଘନିଷ୍ଠ ବନ୍ଧୁ ମଧ୍ୟ । ସେମାନେ ମଧ୍ୟ ମେଳାକୁ ଯିବା ପାଇଁ ପ୍ରସ୍ତୁତ ହେଲେ ।

ମା' କହିଲେ- "ଶ୍ରଦ୍ଧା, ଶୀଘ୍ର ପ୍ରସ୍ତୁତ ହୁଅ । ଖୁବ୍ ଶୀଘ୍ର ଅନୀତାଙ୍କ ପରିବାର ପହଞ୍ଚିଯିବେ ।



ଶ୍ରଦ୍ଧା କହିଲା- "ମୁଁ ପ୍ରାୟ ପ୍ରସ୍ତୁତ ଅଛି ମା' । କିନ୍ତୁ ମୁଁ ମୋର ଆବଶ୍ୟକୀୟ ସବୁ ଜିନିଷ ନେଇଛି କି ନାହିଁ ଦେଖୁଛି ।"

'ଚାଲ ଯିବା ସମୟ ହୋଇଗଲାଣି । ଅନୀତାଙ୍କ ପରିବାର ଏଠାକୁ ଆସିଗଲେଣି', ଶ୍ରଦ୍ଧାଙ୍କ ବାପା କହିଲେ ।

ଏହାପରେ ସେମାନେ ସମସ୍ତେ ମେଳା ଅଭିମୁଖେ ବାହାରିଲେ । ଅନୀତା ଜେଜେମାଆଙ୍କ ହାତ ଧରି ଧୀରେ ଧୀରେ ତାଙ୍କୁ ବସ୍ ଷ୍ଟାଣ୍ଡକୁ ନେଇଗଲା । ରାସ୍ତାର ଉଭୟ ଦିଗରେ ଯାତାୟତ କରୁଥିବା ଗାଡ଼ି ଉପରେ ନଜର ରଖି ସେମାନେ ସତର୍କତାର ସହ ଚାଲିଲେ ।


ଧୀରେ ଧୀରେ ବସ୍ ଅଟକିଲା । ଜେଜେମାଆଙ୍କୁ ବସ୍‌ରେ ଚଢ଼ିବାକୁ କଣ୍ଡକ୍ଟର ଏବଂ ଅନୀତାଙ୍କ ବାପା ସାହାଯ୍ୟ କରିଥିଲେ ।






ବସ୍‌ରେ ବୟସ୍କ ଲୋକଙ୍କ ପାଇଁ ସିଟ୍ ସଂରକ୍ଷିତ ଥିଲା । ଜେଜେମା' ସେହି ସିଟ୍‌ରେ ଆରାମରେ ବସିଲେ ।

ବସ୍‌ରେ ସମସ୍ତେ ଜେଜେମାଆଙ୍କ ପାଖାପାଖି ସିଟ୍‌ରେ ବସିଲେ । ରୋହିତଙ୍କ ବାପା ସମସ୍ତଙ୍କ ପାଇଁ ଟିକେଟ୍ କିଣିଲେ । ସେ କଣ୍ଡକ୍ଟରଙ୍କୁ କହିଲେ, "ଦୟାକରି ୫ଟି ଫୁଲ୍ ଓ ୪ଟି ହାଫ୍ ଟିକେଟ୍ ଦିଅନ୍ତୁ ।" ସେ ପିଲାମାନଙ୍କୁ ନିଜ ସିଟ୍‌ରେ ସ୍ଥିର ହୋଇ ବସିବାକୁ ଏବଂ ବସ୍‌ରେ ଡିଆଁ ଡେଇଁ ନ କରିବାକୁ କହିଲେ । ସୁରକ୍ଷା ପାଇଁ ଝରକା ଦେଇ ହାତ କିମ୍ବା ମୁଣ୍ଡ ବାହାର ନ କରିବାକୁ ମଧ୍ୟ କହିଲେ । ବସ୍‌ଟି ସହର ଅତିକ୍ରମ କରି ଶେଷରେ ମେଳା ହେଉଥିବା ବଡ଼ ପଡ଼ିଆରେ ପହଞ୍ଚିଥିଲା ।



## ଆସ କଥା ହେବା

- ତୁମ ସହର/ଗାଁକୁ ଯିବା ସମୟରେ ତୁମେ କେଉଁ ଯାନରେ ଯାଅ ?
- ବସ୍, କାର୍ କିମ୍ବା ସାଇକେଲ୍‌ରେ ଯାତ୍ରା କରିବା ସମୟରେ ସଡ଼କ ସୁରକ୍ଷା ବ୍ୟବସ୍ଥା କାହିଁକି ପାଳନ କରାଯିବା ଉଚିତ୍ ?

## ଆସ ଲେଖିବା

ତୁମେ ତୁମ ବନ୍ଧୁ, ପଡ଼ୋଶୀ କିମ୍ବା ପରିବାର ସହିତ ଯାଇଥିବା କୌଣସି ମେଳା ବିଷୟରେ ସଂକ୍ଷେପରେ ଲେଖ ।






## ଆସ ଦେଖିବା ମେଳା

ଉଭୟ ପରିବାର ମେଳା ଆୟୋଜନ ହୋଇଥିବା ବଡ଼ ପଡ଼ିଆରେ ପହଞ୍ଚିଲେ । ମୋହନ ମଉସା ଏବଂ ତାଙ୍କ ପରିବାର ମଧ୍ୟ ଅଟୋରିକ୍ସାରୁ ସେଠାରେ ଓହ୍ଲାଇଲେ ।


ମେଳାର ପ୍ରବେଶ ଦ୍ୱାରରେ ଏକ ନକ୍ସା ଥିଲା, ସେଥିରେ ପଡ଼ିଆରେ ଥିବା ବିଭିନ୍ନ ଷ୍ଟଲ୍ ଓ ସେଗୁଡ଼ିକର ନିର୍ଦ୍ଦିଷ୍ଟ ସ୍ଥାନ ପ୍ରଦର୍ଶିତ ହୋଇଥିଲା । ଏହା ନିକଟରେ ଆମ୍ବୁଲାନ୍ସ, ପୋଲିସ୍ ଜିପ୍ ଓ ଦମକଳ ବାହିନୀ ମୁତୟନ ହୋଇଥିଲେ । ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ 'ସହାୟତା କେନ୍ଦ୍ର' ମଧ୍ୟ ଥିଲା । ଜେଜେମା'ଙ୍କ ପାଇଁ ମୋହନ ମଉସା ଏବଂ ରୋହିତ ଅତି ଶୀଘ୍ର ହ୍ୱିଲଚେୟାର ଆଣିବାକୁ ଗଲେ ।



ମେଳା ଭିତରକୁ ପ୍ରବେଶ କରିବା ମାତ୍ରେ ସେମାନେ ବିଭିନ୍ନ ପ୍ରକାର ଖେଳ, ଖେଳନା, ମିଠା ଓ ଅନେକ ଆକର୍ଷଣୀୟ ଜିନିଷ ଥିବା ଷ୍ଟଲ୍ ଦେଖିବାକୁ ପାଇଲେ । ବିଭିନ୍ନ ରଙ୍ଗର ଆଲୋକମାଳାରେ ଚାରିଆଡ଼ ସଜ୍ଜିତ ହୋଇଥିଲା । ଏହା ଦେଖି ପିଲାମାନେ ବହୁତ ଖୁସି ହୋଇଗଲେ । ସେମାନେ ଖେଳନା ଦୋକାନ ବୁଲି ଦେଖିଲେ ଓ



ସେଠାରୁ ସେମାନେ ନଟୁ, କାଠ ତିଆରି ଖେଳନା, ଚକ୍ରି ଏବଂ କଣ୍ଢେଇ କିଣିଲେ । ଏହାପରେ ପିଲାମାନେ ଚକ୍ରି ଦୋଳି ଓ ରାମଦୋଳିରେ ବସିଲେ । ଶ୍ରଦ୍ଧା ଏବଂ ସ୍ମିତା ଚୁଡ଼ି ଓ କମ୍ ମୂଲ୍ୟର ଛୋଟ ଛୋଟ ଅଳଙ୍କାର କିଣିଲେ ।






ଅନୀତା କହିଲା "ଆସ, ଏବେ ଆମେ ଯାଦୁ ଖେଳ ଦେଖିବା। ସେମାନେ ଏହା ଦେଖି ବହୁତ ଖୁସି ହେଲେ ।

ମୋହନ ମଉସା ପିଲାମାନଙ୍କୁ ଡାକି କହିଲେ, "ତୁମେମାନେ ବହୁତ ମଜା କଲ; ଏବେ ଆସ କିଛି ଖାଇବା । କିନ୍ତୁ ଖାଇବା ପୂର୍ବରୁ ତୁମମାନଙ୍କୁ ଭଲ ଭାବରେ ହାତ ଧୋଇବାକୁ ପଡ଼ିବ ।" ପିଲାମାନେ ପାଣି ପାଇପ୍ ପାଖକୁ ଯାଇ ହାତ ଧୋଇଲେ । ସମସ୍ତେ ମିଶି ଗରମ ଗରମ ପୁରି, ତରକାରୀ, ଜିଲାପି ସହ ରାବିଡ଼ି, ଏବଂ ଆହୁରି ଅନେକ ସ୍ୱାଦିଷ୍ଟ ଜିନିଷ ଖାଇଲେ । ଖାଇ ସାରିବା ପରେ ସେମାନେ ଅଦରକାରୀ ଜିନିଷକୁ ଡଷ୍ଟବିନ୍‌ରେ ପକାଇଦେଲେ ।


ସେମାନେ ମେଳାରୁ ବାହାରିବା ବେଳେ, ଜେଜେମାଆ କହିଲେ, "ଦେଖ, ପିଲାମାନେ ! ପୋଲିସ ଅଧିକାରୀଙ୍କ ସହ କିଏ ଅଛି ?"

ସବୁ ପିଲା ଏକାଠି ଉତ୍ତର ଦେଲେ, "ଜେଜେମା', ଏହା ଏକ ପୋଲିସ କୁକୁର !"



**ତୁମେ ଜାଣ କି ?**

କୁମ୍ଭ ମେଳା ବିଶ୍ୱର ସବୁଠାରୁ ବଡ଼ ମେଳା । ଏହା ମାନବ ଜାତିର ସର୍ବବୃହତ ସମାବେଶ ଅଟେ । ଏହି ମେଳା ଗଙ୍ଗା, ଯମୁନା, ଗୋଦାବରୀ ଏବଂ ଶିପ୍ରା ନଦୀ କୂଳରେ ଅନୁଷ୍ଠିତ ହୁଏ । ହରିଦ୍ୱାର, ପ୍ରୟାଗରାଜ, ନାସିକ ଓ ଉଜ୍ଜୟିନୀରେ ପ୍ରତି ୧ ୨ ବର୍ଷରେ ଥରେ ଏହା ଅନୁଷ୍ଠିତ ହୋଇଥାଏ ।



## ଆସ ଲେଖିବା

- ସହାୟତା କେନ୍ଦ୍ରର ଆବଶ୍ୟକତା କ'ଣ ?

___

- ପୋଲିସ କୁକୁରର ଭୂମିକା କ'ଣ ?

___

- ତୁମେ କେବେ ମେଳା ଯାଇଛ କି ? ମେଳାରେ କେଉଁ ଜିନିଷଗୁଡ଼ିକ ତୁମକୁ ସବୁଠାରୁ ଅଧିକ ପସନ୍ଦ ଲାଗେ ?

___

## ଆସ କଥା ହେବା

### ଅନୁଭୂତି ବାଣ୍ଟିବା

ଅନୀତା, ସ୍ମିତା, ଶ୍ରଦ୍ଧା ଓ ରୋହିତଙ୍କ ସ୍ଥାନରେ ନିଜକୁ କଳ୍ପନା କର । ଏହି ମେଳାରେ ଯେଉଁ କାର୍ଯ୍ୟଗୁଡ଼ିକ ତୁମକୁ ଆନନ୍ଦ ଦେଇଥିଲା, ସେ ବିଷୟରେ ସାଙ୍ଗମାନଙ୍କୁ କୁହ ।







ପରିବାରର ବୟସ୍କଲୋକଙ୍କ ସହ କଥା ହୋଇ ତାଙ୍କ ପିଲା ବେଳେ ମେଳା କିପରି ଭାବେ ହେଉଥିଲା, ପଚାରି ବୁଝ ।

ଦମକଳ ଓ ଆମ୍ବୁଲାନ୍ସ କାହିଁକି ମେଳାରେ ରଖାଯାଇଥାଏ ?




**କାର୍ଯ୍ୟ ୧**

## ଆସ ନକ୍ସା (ରେଖାଚିତ୍ର)କୁ ପଢ଼ିବା




## ନକ୍ସାକୁ ଦେଖ ଏବଂ ଉତ୍ତର ଦିଅ ।


- ନକ୍ସାରେ ରୋହିତ ଏବଂ ଶ୍ରଦ୍ଧାଙ୍କ ଘର ଖୋଜି ଗୋଲ ବୁଲାଅ ।
- ନକ୍ସାରେ ଅନୀତା ଏବଂ ସ୍ମିତାଙ୍କ ଘର ଖୋଜି ଗୋଲ ବୁଲାଅ ।
- ବଡ଼ ପଡ଼ିଆ ନିକଟରେ କାହା ଘର ଅଛି ?
- ଯଦି ତୁମକୁ ପୋଲିସ୍ ଷ୍ଟେସନ୍‌ରୁ ବଡ଼ ପଡ଼ିଆକୁ ଯିବାକୁ ପଡ଼େ, ତେବେ ତୁମେ କେଉଁ ସବୁ ସ୍ଥାନ ଦେଇ ଯିବ ?



## ଆସ ଚିତ୍ର କରିବା

ତଳେ ଦିଆଯାଇଥିବା ସ୍ଥାନରେ, ତୁମେ ପ୍ରତିଦିନ ଘରୁ ସ୍କୁଲକୁ ଯିବା ରାସ୍ତାର ନକ୍‌ସା (ରେଖାଚିତ୍ର) ଅଙ୍କନ କର ।





## ଆସ ଚିନ୍ତା କରିବା

**୧. ଶ୍ରେଣୀରେ ଆଲୋଚନା କର ।**

କ. ଆମେ କିପରି ବୟସ୍କମାନଙ୍କର ଯତ୍ନ ନେଇପାରିବା ?

ଖ. ରାସ୍ତାରେ କେଉଁ ସବୁ ଯାନବାହନ ଦେଖିବାକୁ ମିଳେ ?

ଗ. ଯେକୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ନିଜ ଧନ ଜୀବନ ସୁରକ୍ଷା କିପରି କରିବା ?

**୨. ଶବ୍ଦ ସହିତ ଚିତ୍ରକୁ ଗାର ଟାଣି ଯୋଡ଼ ।**


ତାଲିକାରୁ ଏକ ଉପଯୁକ୍ତ ଶବ୍ଦ ବାଛ, ଏହାକୁ ଚିତ୍ର ସହିତ ଗାର ଟାଣି ଯୋଡ଼ ଏବଂ ଚିତ୍ର ତଳେ ଶବ୍ଦଟିକୁ ଲେଖ । ତୁମ ପାଇଁ ଗୋଟିଏ ଉଦାହରଣ ଦିଆଯାଇଛି ।




ସ୍ୱେଚ୍ଛାସେବୀ











- ଅଗ୍ନିଶମ ବାହିନୀ
- ମିଠାଦୋକାନୀ
- ଖେଳନା ବିକ୍ରେତା
- କଣ୍ଢେଇ ନାଚ ଦେଖାଉଥିବା ବ୍ୟକ୍ତି
- ଚୁଡ଼ି ବିକ୍ରେତା
- ସ୍ୱେଚ୍ଛାସେବୀ
- ପୋଲିସ ଅଧିକାରୀ
- ସ୍ୱାସ୍ଥ୍ୟ କର୍ମୀ
- ମେହେନ୍ଦୀ କଳାକାର












**୩. ତୁମ ଖାତାରେ ଅଙ୍କନ କର ।**

ତୁମେ ଦେଖିଥିବା ବିଭିନ୍ନ ଯାନବାହନର ଚିତ୍ର କର ଏବଂ ନାମ ଲେଖ ।

**୪. ନାଟକ କର: ତୁମେ ଦେଖିଥିବା ମେଳା ଢାଞ୍ଚାରେ ତୁମ ବିଦ୍ୟାଳୟରେ ଛୋଟ ମେଳାର ଆୟୋଜନ କର ।**

ଶିକ୍ଷକଙ୍କ ସହାୟତାରେ ତୁମ ଶ୍ରେଣୀ କକ୍ଷରେ ଏକ ମେଳାର ଆୟୋଜନ କର । ମେଳାରେ ଥିବା ବିଭିନ୍ନ ଜିନିଷ ଯଥା ଲୋକ, ଷ୍ଟଲ୍ ଏବଂ ଖେଳ ବିଷୟରେ ଆଲୋଚନା କରି ଯୋଜନା ପ୍ରସ୍ତୁତ କର । ନିଜ ଅଞ୍ଚଳରେ ଉପଲବ୍ଧ ଶିକ୍ଷଣ ସାମଗ୍ରୀ ଉଦାହରଣ ସ୍ୱରୂପ- ଖେଳନା, କଣ୍ଢେଇ, କ୍ଷୁଦ୍ର ଚିତ୍ର, ମାଟି ମଡେଲ୍ ଆଦିକୁ ବ୍ୟବହାର କରି ତୁମ ଷ୍ଟଲ ସ୍ଥାପନ କର ଓ କ୍ରେତା-ବିକ୍ରେତା ଭାବରେ ଅଭିନୟ କର ।






ପାଠ

# ୩

# ପର୍ବପର୍ବାଣି ପାଳନ





ମୋ ନାଁ ତୁଳସୀ ।

ମୁଁ ପଟାଙ୍ଗୀରୁ ଆସିଛି । ମୁଁ ମୋ ବାପାମା'ଙ୍କ ସହ ଦେଓମାଳିକୁ ଯାତ୍ରା କରୁଛି ।

ଆମେ ମାମୁ, ମାଇଁ ଏବଂ ମୋର ସମ୍ପର୍କୀୟ ଭାଇ ସନ୍ତୋଷ ଓ ଭଉଣୀ ଶିବାନୀଙ୍କୁ ଭେଟିବାକୁ ଯାଉଛୁ । ସେମାନେ ପାହାଡ଼ ନିକଟରେ ଥିବା ଏକ ଛୋଟ ଗାଁରେ ରୁହନ୍ତି । ଆମେ ବସ୍‌ରେ ଯାତ୍ରା କରୁଛୁ । ମୁଁ ବସ୍‌ର ଝରକା ବାହାରର ସୁନ୍ଦର ଦୃଶ୍ୟ ଦେଖି ଏହି ଯାତ୍ରାକୁ ଉପଭୋଗ କରୁଛି । ରାସ୍ତାଟି ଘାଟି ପରି ଅଙ୍କାବଙ୍କା ଅଟେ ଏବଂ ପାହାଡ଼ଟି ରଙ୍ଗୀନ ଫୁଲରେ ଆଚ୍ଛାଦିତ ହୋଇଛି । ଦୂରରେ ଥିବା ବିଭିନ୍ନ ପ୍ରକାର ଡେଙ୍ଗା ଗଛ ମଧ୍ୟ ମୁଁ ଦେଖିପାରୁଛି ।







- ତୁମେ କେବେ ବସ୍‌ରେ ଯାତ୍ରା କରିଛ କି ? ଯଦି ହଁ, ତେବେ ତୁମ ସହପାଠୀଙ୍କ ସହ ଏହି ଅନୁଭୂତି ବିଷୟରେ ଆଲୋଚନା କର ।
- ଯାତ୍ରା ସମୟରେ ତୁମେ କେଉଁ ପ୍ରକାର ଗଛ ଏବଂ ଫୁଲ ଦେଖିଛ ?
- ଯାତ୍ରା କରିବା ସମୟରେ କେଉଁ ସବୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ଉଚିତ୍ ?
- ସାଇକେଲ ଚଲାଇବା ଏବଂ ରାସ୍ତାରେ ଚାଲିବା ସମୟରେ ତୁମେ କେଉଁ ସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଉଚିତ ?

## କାର୍ଯ୍ୟ ୧

**ସ୍ତମ୍ଭ 'କ'ରେ ଥିବା ଫଳକଗୁଡ଼ିକ ସହିତ ସ୍ତମ୍ଭ 'ଖ'ରେ ଥିବା ସଂପର୍କିତ ଅର୍ଥକୁ ଗାର ଟାଣି ଯୋଡ଼ ।**

| ସ୍ତମ୍ଭ 'କ' | ସ୍ତମ୍ଭ 'ଖ' |
|---|---|
|  | ଗାଡ଼ି ରଖିବା ସ୍ଥାନ ନୁହେଁ |
|  | ଦୟାକରି ହର୍ଣ୍ଣ ବଜାନ୍ତୁ ନାହିଁ |
|  | ଗତି ରୋଧକ |
|  | ୟୁ-ଟର୍ଣ୍ଣ ନାହିଁ |
|  | ଆଗରେ ଲୋକମାନେ କାର୍ଯ୍ୟ କରୁଛନ୍ତି |
|  | ଆଗରେ ସ୍କୁଲ ଅଛି |

## ଆସ ଚିତ୍ର କରିବା

**ତୁମେ ରାସ୍ତାରେ ଅନେକ ନାମଫଳକ ଦେଖିଥିବ । ଉପର ତାଲିକାରେ ଲେଖା ହୋଇନଥିବା ଯେକୌଣସି ତିନୋଟି ସଡ଼କ ସୁରକ୍ଷା ସମ୍ପର୍କିତ ନାମଫଳକ ଅଙ୍କନ କରି ନାମକରଣ କର ।**






କିଛି ସମୟ ପରେ ଆମେ ମାମୁ ଘର ଗାଁ ପାଖରେ ଥିବା ବସ୍‌ଷ୍ଟାଣ୍ଡରେ ପହଞ୍ଚିଲୁ । ଆମେ ବସରୁ ତଳକୁ ଓହ୍ଲାଇଲୁ । ମାମୁ ଆମକୁ ସ୍ୱାଗତ କରିବା ପାଇଁ ସେଠାରେ ଥିଲେ । ଆମେ ପ୍ରଥମେ ଏକ ପ୍ରଶସ୍ତ କଂକ୍ରିଟ ରାସ୍ତାରେ ଯାତ୍ରା ଆରମ୍ଭ କଲୁ । ପରେ ଏକ ସଂକୀର୍ଣ୍ଣ କାଦୁଅ ରାସ୍ତା ଦେଇ ସେମାନଙ୍କ ଘର ନିକଟରେ ପହଞ୍ଚିଲୁ ।

ଆମେ ମୁଖ୍ୟ ଫାଟକ ଭିତରେ ପ୍ରବେଶ କରିବା ସମୟରେ, ମୁଁ ବଗିଚାରେ ଧାଡ଼ି ଧାଡ଼ି ରଙ୍ଗୀନ ଫୁଲ ଫୁଟିଥିବା ଦେଖିଲି । ମୁଁ ସେଗୁଡ଼ିକ ମଧ୍ୟରୁ କେତେକ ଫୁଲ ଚିହ୍ନିପାରିଲି, ଯଥା- ଗୋଲାପ, ଗେଣ୍ଡୁ ଓ ମନ୍ଦାର । ଫୁଲଗୁଡ଼ିକୁ ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି, ଯାହା ମୁଁ ପୂର୍ବରୁ କେବେ ଦେଖିନଥିଲି ।

"ଦୟାକରି ତୁମେ ମୋତେ ଏହି ଫୁଲଗୁଡ଼ିକର ନାମ କହିପାରିବ କି ?" ମୁଁ ଶିବାନୀକୁ ପଚାରିଲି । ଶିବାନୀ ଗୋଟିଏ ଫୁଲକୁ ଦେଖାଇ କହିଲା, "ଏହା ହେଉଛି ସୂର୍ଯ୍ୟମୁଖୀ ଫୁଲ" ।



"ଆମ ଘରେ ବସନ୍ତ ଋତୁରେ ଫୁଟୁଥିବା ସୁନ୍ଦର ଲାଲ ଫୁଲ ମଧ୍ୟ ଅଛି । ତାହାର ନାମ "ପଳାଶ" ମୁଁ କହିଲି ।



ମାଇଁ ତା'ପରେ ସମସ୍ତଙ୍କୁ ଖାଇବା ପାଇଁ ଡାକିଲେ ।

ସମସ୍ତଙ୍କ ପାଇଁ ଗରମ ଭାତ, ମଟର ଚଣା ତରକାରୀ, ଶାଗ, ମାଣ୍ଡିଆ ଖିରି ପ୍ରସ୍ତୁତ କରିଥିଲେ । ଏହା ପ୍ରକୃତରେ ସ୍ୱାଦିଷ୍ଟ ଥିଲା ।

"ତୁମେ ଜାଣ କି ବର୍ଷର ଏହି ସମୟରେ ଆମ ଗାଁରେ ହୋଲିପର୍ବ ବହୁତ ଧୁମ୍‌ଧାମ୍‌ରେ ପାଳନ କରାଯାଏ ।'' ଖାଇବା ସମୟରେ ଶିବାନୀ କହିଲେ ।

ମୁଁ ସନ୍ତୋଷ ଏବଂ ଶିବାନୀକୁ ବସନ୍ତ ଋତୁରେ ଆମ ଅଞ୍ଚଳରେ ପାଳନ ହେଉଥିବା ଚଇତି ପର୍ବ ବିଷୟରେ କହିଲି । ଏହି ପର୍ବରେ ଆମ୍ବକୁ ପୂଜାରେ ଭୋଗ ଲଗେଇ ନୂଆ କରି ଖାଆନ୍ତି । ଗାଁରେ ସମସ୍ତେ ମିଶି ନାଚନ୍ତି ଓ ଗୀତ ଗାଆନ୍ତି । ବହୁତ ଖୁସିରେ ସମସ୍ତେ ଏହି ପର୍ବକୁ ପାଳନ କରନ୍ତି ।





ସନ୍ତୋଷ ଉତ୍ସାହିତ ହୋଇ କହିଲା, ମୋର ସାଙ୍ଗ ଉନ୍ନି କେରଳରୁ ଆସି ଏଠାରେ ରହୁଛି, ସେମାନେ ମଧ୍ୟ ଏହି ସମୟରେ 'ବିଶୁ' ନାମକ ଏକ ପର୍ବ ପାଳନ କରନ୍ତି । ନୂଆ ବର୍ଷରେ ବିଶୁ କନି* ପ୍ରସ୍ତୁତ କରିବା ପାଇଁ ପ୍ରଚୁର ହଳଦିଆ ରଙ୍ଗର ସୁନାରି ଫୁଲ, ଅନ୍ୟାନ୍ୟ ଫଳ ଏବଂ ପନିପରିବା ବ୍ୟବହାର କରନ୍ତି" ।

ଆମ ରାଜ୍ୟରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଦିନ ଓଡ଼ିଆ ନୂଆବର୍ଷ ପାଳନ କରାଯାଏ ।

ମାଇଁ ମଧ୍ୟ କହିଲେ, "ବସନ୍ତ ଋତୁ ହେଉଛି ପ୍ରକୃତିର ଉତ୍ସବ ।" ଅତ୍ୟଧିକ ଶୀତ ପରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହୋଇଥାଏ ଏବଂ ଆମ ଚାରିପାଖରେ ନୂଆ ଫୁଲ ଫୁଟୁଥିବାର, ଘାସ ଏବଂ ଗଛରେ ନୂଆ ପତ୍ର କଅଁଳୁଥିବାର ଦେଖିବାକୁ ମିଳେ ।



ମୋ ଚାରିପାଖରେ ଥିବା ସୁନ୍ଦର ଏବଂ ରଙ୍ଗୀନ ଫୁଲ ଦେଖି ମୁଁ କେତେ ଖୁସି ଅନୁଭବ କଲି ତାହା ମାଇଁ, ସନ୍ତୋଷ ଏବଂ ଶିବାନୀକୁ କହିଲି ।


ଆମେ କିଛି ଦିନ ପରେ ଘରକୁ ଫେରିଲୁ । ପରିବାର ସହିତ ଏହି ଛୁଟି ଏବଂ ଭ୍ରମଣ ବହୁତ ଆନନ୍ଦଦାୟକ ଥିଲା ।

---

*ବିଶୁ କନି କେରଳରେ ନବବର୍ଷ ଅନୁକୂଳର ପ୍ରଥମ ଦିନ ଭାବରେ ପାଳନ କରାଯାଇଥାଏ । ସୂର୍ଯ୍ୟୋଦୟ ସମୟରେ ଶୁଭ ସାମଗ୍ରୀ ଦେଖିବା ଦ୍ୱାରା ଆଗାମୀ ବର୍ଷ ଫଳପ୍ରଦ ଓ ସମୃଦ୍ଧିମୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

## କାର୍ଯ୍ୟ ୨

## ଆସ ଗୀତ ଗାଇ ମଜା କରିବା



ବସନ୍ତ ଋତୁର ତାଜା ପବନ
ଖୁସିରେ ନାଚଇ ପିଲାଙ୍କ ମନ,
ନୂଆ ପତରରେ ଗଛ ଭରିଛି
ପବନ ଦୋଳିରେ ଫୁଲ ଝୁଲୁଛି ।

ଆକାଶେ ସୂରୁଜ ଯାଏ ଝଲସି
ଗୁଣ୍ଡୁଚି ଓ ବଣି ବାଣ୍ଟନ୍ତି ଖୁସି,
ବସନ୍ତେ ନାଚିବା ଗାଇବା ମିଶି,
ଆନନ୍ଦ ଉଲ୍ଲାସେ ହୋଇବା ଖୁସି ।




## ଆସ ଲେଖିବା

୧. ନିମ୍ନରେ ଦିଆଯାଇଥିବା ସାରଣୀରେ ପ୍ରତ୍ୟେକ ଋତୁରେ ତୁମ ଅଞ୍ଚଳରେ ପାଳନ କରାଯାଉଥିବା ପର୍ବଗୁଡ଼ିକର ନାମ ବଡ଼ମାନଙ୍କୁ ପଚାରି ଲେଖ ।

୨. ଏହି ପର୍ବପର୍ବାଣିରେ ପ୍ରସ୍ତୁତ ହେଉଥିବା ସ୍ୱତନ୍ତ୍ର ଖାଦ୍ୟର ଏକ ତାଲିକା ପ୍ରସ୍ତୁତ କର ।

| ଋତୁ | ପର୍ବପର୍ବାଣି | ପ୍ରସ୍ତୁତ ହେଉଥିବା ସ୍ୱତନ୍ତ୍ର ଖାଦ୍ୟ |
|---|---|---|
| ବସନ୍ତ | | |
| ଗ୍ରୀଷ୍ମ | | |
| ବର୍ଷା | | |
| ଶୀତ | | |



୩.  ପର୍ବପର୍ବାଣି ସମୟରେ ତୁମେ କେଉଁ ପ୍ରକାର ସ୍ୱତନ୍ତ୍ର ପୋଷାକ ପିନ୍ଧ ?



______________________________

______________________________

## କାର୍ଯ୍ୟ ୩

ନିମ୍ନରେ ଦିଆଯାଇଥିବା ତାଲିକାରୁ ପର୍ବ ସହିତ ଖାଦ୍ୟର ନାମକୁ ମେଳ କର ।

| | | | |
|---|---|---|---|
| ରଜ | ପ୍ରଥମାଷ୍ଟମୀ | ଖ୍ରୀଷ୍ଟମାସ | ଇଦ୍-ଉଲ୍-ଫିତର |
| ମାଣବସା ଗୁରୁବାର | ନୂଆଖାଇ | ଚିତଉ ଅମାବାସ୍ୟା | |

| ପର୍ବପର୍ବାଣିରେ ପ୍ରସ୍ତୁତ ଖାଦ୍ୟ | | ପର୍ବପର୍ବାଣିର ନାମ |
|---|---|---|
|  | ପୋଡ଼ପିଠା | ରଜ |
|  | ଏଣ୍ଡୁରୀ | ______________ |
|  | କେକ୍ | ______________ |
|  | ମଣ୍ଡାପିଠା | ______________ |
|  | ଅନ୍ନ, ତରକାରୀ, ଖିରି | ______________ |
|  | ଚିତଉ ପିଠା | ______________ |
|  | ସିମେଇ | ______________ |




- ତୁମେ ଭାବୁଛ କି ସମସ୍ତେ ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଖାଦ୍ୟ ଖାଇ ଏବଂ ନୂତନ ପୋଷାକ ପିନ୍ଧି ପର୍ବ ପାଳନ କରନ୍ତି ?
- ତୁମେ ରହୁଥିବା ସ୍ଥାନ ନିକଟରେ କୌଣସି ପର୍ବତ, ନଦୀ କିମ୍ବା ଝରଣା ଅଛି କି ? ତୁମେ କେବେ ଦୂର ସ୍ଥାନରେ ରହୁଥିବା ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଛ କି ? ଭେଟିବା ପରେ ତୁମକୁ କିପରି ଲାଗେ ?

## ଆସ ଚିନ୍ତା କରିବା

### ୧. ଆଲୋଚନା କର

କ. ତୁମେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କେଉଁ ସବୁ ଯାନରେ ଯାଇଛ ?

ଖ. ଯାତ୍ରା ସମୟରେ ଆମେ କିପରି ସୁରକ୍ଷିତ ରହିପାରିବା ?

ଗ. ପର୍ବପର୍ବାଣି ସମୟରେ କେଉଁ ସବୁ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଏ ?

ଘ. ପର୍ବପର୍ବାଣି ଏବଂ ଉତ୍ସବ ଆମକୁ କିପରି ଏକାଠି କରିଥାଏ ?

ଙ. ପ୍ରାକୃତିକ ପରିବେଶରେ ସମୟ ଅତିବାହିତ କଲେ ତୁମକୁ ଖୁସି ଲାଗେ କି ? ତୁମକୁ କ'ଣ ସବୁ ଦେଖି ଖୁସି ଲାଗେ ?

### ୨. ଲେଖ

କ. ନିକଟରେ ଭେଟିଥିବା ଯେକୌଣସି ଦୁଇ ଜଣ ସମ୍ପର୍କୀୟଙ୍କ ନାମ ଲେଖ ।

ଖ. ତୁମେ ତୁମର ସମ୍ପର୍କୀୟ ଭାଇଭଉଣୀଙ୍କ ସହିତ କିପରି ସମୟ ବିତାଅ ?

### ୩. ଖାଲି ସ୍ଥାନଗୁଡ଼ିକ ପୂରଣ କର


କ. ସନ୍ତୋଷ ଏବଂ ଶିବାନୀ ________ ନିକଟରେ ଥିବା ଏକ ଛୋଟ ଗାଁରେ ରୁହନ୍ତି ।

ଖ. ବସ୍‌ଟି __________ ରାସ୍ତା ଦେଇ ଯାଉଥିଲା, ଯେଉଁ ରାସ୍ତାରେ ପାହାଡ଼ ରଙ୍ଗୀନ୍ ଫୁଲରେ ଆଚ୍ଛାଦିତ ଥିଲା ।

ଗ. ତୁଳସୀ ଏବଂ ତାଙ୍କ ପରିବାର ଏକ ________ କାଦୁଅା ରାସ୍ତା ଦେଇ ତାଙ୍କ ମାମୁଙ୍କ ଘରକୁ ଚାଲିକି ଆସିଲେ ।

ଘ. ବସନ୍ତ ଋତୁରେ ଫୁଟିଥିବା ଲାଲ ଫୁଲକୁ ________ କୁହାଯାଏ ।

ଙ. ମାଇଁ ସମସ୍ତଙ୍କୁ ଗରମ ଭାତ ସହିତ ________ ଖାଇବାକୁ ଦେଲେ ।



## ୪. ଅଙ୍କନ କର

ଗୋଟିଏ ଡ୍ରଇଁସିଟ୍ ନିଅ ଏବଂ ନିମ୍ନଲିଖିତ ଶବ୍ଦଗୁଡ଼ିକ ପାଇଁ ନାମ ଫଳକ ଅଙ୍କନ କର । ନାମ ଫଳକ ପ୍ରସ୍ତୁତ କରିବା ପାଇଁ ତୁମେ ତୁମ ପସନ୍ଦର ଯେକୌଣସି ଚିତ୍ର ଏବଂ ରଙ୍ଗ ବ୍ୟବହାର କରିପାରିବ । ତୁମେ କ'ଣ ତିଆରି କରିଛ ତାହା ବର୍ଣ୍ଣନା କର ।

- ସ୍କୁଲ ପାଠାଗାର
- ଶୌଚାଳୟ
- ପ୍ରାର୍ଥନା ସଭା
- ପାନୀୟ ଜଳ ସ୍ଥାନ
- ଖେଳ ପଡ଼ିଆ
- ମୋ ଶ୍ରେଣୀଗୃହ
- ସିଡ଼ି (ପାହାଚ)



### ତୁମେ ଜାଣ କି ?

ପୃଥିବୀର ସବୁଠାରୁ ବଡ଼ / ଉଚ୍ଚ ପର୍ବତ ଭାରତର ଉତ୍ତରାଞ୍ଚଳରେ ଅବସ୍ଥିତ ଏବଂ ଏହାର ନାମ ହିମାଳୟ (ଅର୍ଥାତ୍ 'ବରଫର ଘର') । ମାଉଣ୍ଟ ଏଭରେଷ୍ଟ ପୃଥିବୀର ସର୍ବୋଚ୍ଚ ପର୍ବତ ଶିଖର ଅଟେ । ଏହା ଆମ ପଡ଼ୋଶୀ ଦେଶ ନେପାଳରେ ରହିଛି । ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ପ୍ରାୟ ୮,୮୪୮ ମିଟର ।



ତୁମେ ଜାଣ କି ?

## ସରହୁଲ: ବସନ୍ତ ଋତୁର ଏକ ପର୍ବ

ପ୍ରତି ବର୍ଷ ବସନ୍ତ ଋତୁରେ ସରହୁଲ ପର୍ବ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରେ ପାଳନ କରାଯାଏ । ଲୋକମାନେ ସେମାନଙ୍କର ପାରମ୍ପରିକ ପୋଷାକ ପିନ୍ଧି ଶୋଭାଯାତ୍ରାରେ ବାହାରି ସଖୁଆ ଗଛ ନିକଟକୁ ଯାଆନ୍ତି । ସେମାନେ ତାଜା ଅଙ୍କୁରିତ ଶସ୍ୟ ଏବଂ ସଖୁଆ ଫୁଲ ନେଇଥାନ୍ତି । ଏହାକୁ ସେମାନେ ପୃଥିବୀ ଓ ସୂର୍ଯ୍ୟଙ୍କୁ ଶ୍ରଦ୍ଧା ଓ କୃତଜ୍ଞତାର ସହ ଅର୍ପଣ କରନ୍ତି । ସେମାନେ ଏକାଠି ବାଜାର (ଢୋଲ, ନାଗରା ଆଦି) ତାଳରେ ଗୀତ ଗାଇ ନୃତ୍ୟ କରନ୍ତି ଏବଂ ଏହା ସହ ଅନ୍ୟାନ୍ୟ ସ୍ଥାନୀୟ ବାଦ୍ୟଯନ୍ତ୍ର ବଜାଇ ସରହୁଲ ପର୍ବ ପାଳନ କରନ୍ତି ।




# ଦ୍ୱିତୀୟ ଏକକ

# ଆମ ଚତୁଃପାର୍ଶ୍ୱର ଜୀବନ

## ଏକକ ସମ୍ପର୍କରେ

ଆମ ଅଞ୍ଚଳରେ ଆମେ ଅନେକ ପ୍ରକାର ଉଦ୍ଭିଦ ଏବଂ ପ୍ରାଣୀଙ୍କୁ ଦେଖିଥାଉ । ଆମେ ପରସ୍ପରକୁ ସାହାଯ୍ୟ କରିଥାଉ ଏବଂ ଆମ ଆଖପାଖରେ ଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କର ବିଭିନ୍ନ ବୈଶିଷ୍ଟ୍ୟ ଏବଂ ଆଚରଣକୁ ଅନୁଧ୍ୟାନ କରି ଆନନ୍ଦିତ ହୋଇଥାଉ ।

ଆମେ ସେମାନଙ୍କୁ ଯେତେ ଅଧିକ ଦେଖିବା, ସେମାନଙ୍କ ଆକର୍ଷଣୀୟ ଜୀବନ ବିଷୟରେ ସେତେ ଅଧିକ ଶିଖିବା । ଏହି ଉତ୍କଣ୍ଠା ଆମକୁ ଅଧିକ ଅନୁସନ୍ଧାନ କରିବାକୁ, ନୂତନ ଏବଂ ରୋମାଞ୍ଚକର ତଥ୍ୟ ଆବିଷ୍କାର କରିବାକୁ ପ୍ରେରଣା ଦିଏ । ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଉନ୍ନତ ସମାଜ ଗଠନ ପାଇଁ ଉଭୟ ଉଦ୍ଭିଦ ଏବଂ ପ୍ରାଣୀଙ୍କ ଅବଦାନକୁ ଗୁରୁତ୍ୱ ଏବଂ ସମ୍ମାନ ଦେବା ଆବଶ୍ୟକ ।



# ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକରେ ଆମ ଚତୁଃପାର୍ଶ୍ୱର ଜୀବନ ସମ୍ପର୍କରେ ଆଲୋଚନା କରାଯାଇଛି । ପାଠଗୁଡ଼ିକରେ ଥିବା ମୁଖ୍ୟ ଧାରଣାଗୁଡ଼ିକ ନିମ୍ନରେ ତାଲିକାଭୁକ୍ତ କରାଯାଇଛି ।

**ପାଠ-୪:** ଉଦ୍ଭିଦ ବିଷୟରେ ଜାଣିବା : ଏହି ପାଠ ମାଧ୍ୟମରେ ଆମେ ଚାରିପାଖରେ ବଢୁଥିବା ବିଭିନ୍ନ ପ୍ରକାର ଉଦ୍ଭିଦଙ୍କ ସହ ପରିଚିତ ହେବା । ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଉଦ୍ଭିଦର ଶାରୀରିକ ଗଠନ, ବିଶେଷତ୍ୱ ଓ ବିବିଧତା ବିଷୟରେ ଜାଣିବେ ।

ସେମାନେ ଉଦ୍ଭିଦର ପତ୍ର, ଫୁଲ, ଫଳ ଓ ଅନ୍ୟାନ୍ୟ ଅଂଶକୁ ବ୍ୟବହାର କରି ସୃଜନଶୀଳତାକୁ ପରିପ୍ରକାଶ କରନ୍ତି । ଏହା ବ୍ୟତୀତ, ସେମାନେ ଉଦ୍ଭିଦ ବଞ୍ଚିବା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଅନୁସନ୍ଧାନ କରନ୍ତି ଏବଂ ସେମାନଙ୍କୁ ପୋଷଣ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରନ୍ତି ।

**ପାଠ-୫:** ଉଦ୍ଭିଦ ଏବଂ ପ୍ରାଣୀଙ୍କ ଏକତ୍ର ବସବାସ: ଏହି ପାଠରେ ପର୍ଯ୍ୟବେକ୍ଷଣ ମାଧ୍ୟମରେ କରାଯାଇଥିବା ଅନୁସନ୍ଧାନ ଉଦ୍ଭିଦ ଏବଂ ପ୍ରାଣୀଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କକୁ ଦର୍ଶାଏ, ଯାହା ଏକ ସହଜାତ ପ୍ରକ୍ରିୟା । ଛାତ୍ରଛାତ୍ରୀମାନେ ସେମାନଙ୍କ ଆଖପାଖରେ ଥିବା ବିଭିନ୍ନ ପ୍ରକାର ପ୍ରାଣୀଙ୍କୁ ଦେଖନ୍ତି । ସେମାନଙ୍କର ପ୍ରକୃତି ଏବଂ ବାସସ୍ଥାନକୁ ଅଧ୍ୟୟନ କରନ୍ତି । ସେମାନେ ଉଦ୍ଭିଦ ଓ ପ୍ରାଣୀମାନଙ୍କ ଯତ୍ନ ନେବା ସହ ମୃତ୍ତିକାର ସଂରକ୍ଷଣ କରିବାକୁ ପ୍ରାଥମିକତା ଦିଅନ୍ତି ଏବଂ ଜୈବ ସମ୍ପଦ ମଧ୍ୟରେ ଏକ ସନ୍ତୁଳିତ ଅସ୍ତିତ୍ୱକୁ ପ୍ରୋତ୍ସାହିତ କରନ୍ତି ।

**ପାଠ-୬ :** ଆମେ ସମସ୍ତେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ଉପରେ ଅତ୍ୟନ୍ତ ନିର୍ଭରଶୀଳ, ଏହା ଆମେ ଏକତ୍ର ରହିବା ଦ୍ୱାରା ଶିଖିଥାଉ । ଏମାନଙ୍କ ମଧ୍ୟରୁ କେତେକ ଉଦ୍ଭିଦ ଓ ପ୍ରାଣୀ ଆମ ଘର ନିକଟରେ ରହୁଥିବା ବେଳେ ଆଉ କେତେକ ଦୂରରେ ରୁହନ୍ତି । ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟା କରିବା, ସେମାନଙ୍କୁ ପାଳିବା ଓ ଯତ୍ନ ନେବା ନିହାତି ଜରୁରୀ । ପ୍ରକୃତି ସହିତ ଆମର କାର୍ଯ୍ୟକଳାପରେ ସନ୍ତୁଳନ ଏବଂ ସମନ୍ୱୟ ବଢ଼ାଇବା ଦ୍ୱାରା, ଆମେ ସାମୂହିକ ସୁଖ ଏବଂ କଲ୍ୟାଣ ପାଇଁ ମାର୍ଗ ପ୍ରଶସ୍ତ କରିଥାଉ ।



- ପ୍ରାଣୀମାନଙ୍କର ମୁଖାକୁ ଛାତରୁ ଝୁଲାଇ ପ୍ରଦର୍ଶନ କରନ୍ତୁ, ଜୀବଜନ୍ତୁ ଏବଂ ଗଛର ପ୍ରତିକୃତି ବ୍ୟବହାର କରି ସବୁଜ ଅଞ୍ଚଳ ସୃଷ୍ଟି କରନ୍ତୁ ।
- ପଶୁ, ପକ୍ଷୀ, କୀଟପତଙ୍ଗ, ଫୁଲ ଏବଂ ଗଛର ଫ୍ଲାସ୍ କାର୍ଡ ପ୍ରସ୍ତୁତ କରନ୍ତୁ ।
- ଉପରୋକ୍ତ ଧାରଣା ସହିତ ଜଡ଼ିତ ପ୍ରାମାଣିକ ଏବଂ ବୟସ ଉପଯୋଗୀ କ୍ଷୁଦ୍ର ଭିଡ଼ିଓ ଚଳଚ୍ଚିତ୍ର, କାହାଣୀ, ପୁସ୍ତକ ଏବଂ କବିତା ସଂଗ୍ରହ କରି ରଖନ୍ତୁ ।
- ପରିଦର୍ଶନ ଏବଂ ପରିଦର୍ଶକ: ଏକ ପ୍ରକୃତି ଉଦ୍ୟାନ, ଫାର୍ମ, ପଶୁ ଆଶ୍ରୟସ୍ଥଳୀ, ଗୋଶାଳା କିମ୍ବା ଉଦ୍ଭିଦ ନର୍ସରୀ ପରିଦର୍ଶନ କରିବାକୁ ଯୋଜନା କରନ୍ତୁ କିମ୍ବା ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସାକ୍ଷାତ କରନ୍ତୁ, ଯେଉଁମାନେ ପିଲାମାନଙ୍କ ସହିତ ଆଲୋଚନା କରିବେ ।



ପାଠ ୪

# ଉଦ୍ଭିଦ ବିଷୟରେ ଜାଣିବା




## ବିଭିନ୍ନ ପ୍ରକାର ଉଦ୍ଭିଦ

ଜିତୁ, ଲିପି ଓ ସୋନୁ ପ୍ରତିଦିନ ଚାଲି ଚାଲି ସ୍କୁଲ ଯାଆନ୍ତି । ବାଟରେ ସେମାନେ ସୁନ୍ଦର ଫୁଲ, ଗଛ, ନଈ, ନାଳ, ପର୍ବତ ଓ ଝରଣା ଦେଖନ୍ତି ।

ଦିନେ ଜିତୁ କହିଲା, "ପ୍ରକୃତି କେତେ ଆଶ୍ଚର୍ଯ୍ୟଜନକ ? ଏଠାରେ ଅନେକ ପ୍ରକାର ଉଦ୍ଭିଦ, ପଶୁ, ପକ୍ଷୀ ଏବଂ କୀଟପତଙ୍ଗ ଅଛନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇ ଭାବେ ସତେ ଯେପରି ସେମାନଙ୍କର କିଛି କାହାଣୀ ଅଛି କହିବାକୁ ।"

ଲିପି କହିଲା, "ହଁ ଉଦ୍ଭିଦଗୁଡ଼ିକ ଅନେକ ଆକାର ଏବଂ ଆକୃତିର । କେତେକ ଆକାରରେ ବହୁତ ଛୋଟ, ଆଉ କେତେକ ବଡ, ପୁଣି କେତେକ ବୁଦାଳିଆ ।

ସୋନୁ କହିଲା- "କିଛି ଉଦ୍ଭିଦ ସରୁଆ ଓ ଅଙ୍କାବଙ୍କା ଆଉ କେତେକ ସିଧା ଓ ଖୁବ୍ ଡେଙ୍ଗା ।"



ଜିତୁ କହିଲା, “କେତେକ ପତ୍ର ଖଦଡ଼ା ଓ କେତେକ ପତ୍ର ଚିକ୍କଣ । ମୁଁ ସେମାନଙ୍କୁ ଛୁଇଁବାକୁ ଏବଂ ଶୁଙ୍ଘିବାକୁ ଭଲପାଏ ।’’


ଲିପି ସୋନୁକୁ କହିଲା, “ଦେଖ, ଏହି ଜାମୁ କୋଳି ଗଛର ପତ୍ରଗୁଡ଼ିକ ମୋଟା ଏବଂ ଚିକ୍କଣିଆ । ଏହି ଗଛ କ’ଣ ସ୍ୱତନ୍ତ୍ର ନୁହେଁ କି ?’’

ସୋନୁ କହିଲା, “ହଁ ! ଏଥିରେ ଛୋଟ ଧଳା ଫୁଲ ହୋଇଛି । ଛୋଟ ଛୋଟ ସବୁଜ ଫଳ ମଧ୍ୟ ଯାହା କିଛି ଦିନ ମଧ୍ୟରେ ଲାଲ ଓ ପରେ ବାଇଗଣି ହୋଇଯିବ । ଗଛରୁ ପାଚିଲା ଜାମୁକୋଳି ତୋଳିବାରେ ଆମେ କେତେ ଆନନ୍ଦ ପାଉ ।’’

ଲିପି କହିଲା, “ଏହି ଗଛଗୁଡ଼ିକର ଶୀତଳ ଛାଇରେ ଚାଲିବାକୁ ବହୁତ ମଜା ଲାଗେ ।’’

ଗଛର ବହୁତ ବଡ଼ କାଠଗଣ୍ଡି ଥାଏ ଯେଉଁଥିରେ ବଡ଼ ଡାଳ ବାହାରିଥାଏ ଏବଂ ଏହି ଡାଳରେ ପତ୍ର ସବୁ କଅଁଳିଥାଏ । ଗଛର ମୂଳ ମାଟିର ବହୁତ ଗଭୀରକୁ ଯାଇଥାଏ ।


## ଗଛ


ଆମ୍ବ


ନଡ଼ିଆ


ତେନ୍ତୁଳି


ପଣସ


ବରଗଛ


କୃଷ୍ଣଚୂଡ଼ା


ଅଶ୍ୱତ୍ଥ


ଦେବଦାରୁ

## ଆସ ଲେଖିବା

ତୁମେ ଜାଣିଥିବା ଗଛଗୁଡ଼ିକର ନାମ ଲେଖ । ତୁମେ ଏହି ଗଛଗୁଡ଼ିକୁ କେଉଁଠାରେ ଦେଖିଛ ତାହା ମନେ ପକାଇ ଲେଖ । ତୁମେ ଏହି ଗଛଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ତୁମ ଘର ନିକଟରେ କିମ୍ବା ସ୍କୁଲ ଯିବା ବାଟରେ ଦେଖିଛ ଲେଖ ।

### ଛୋଟ ବୁଦାଳିଆ ଗଛ



ଜିତୁ କହିଲା "ସବୁ ଉଦ୍ଭିଦ ଗଛ ଭଳି ବଡ଼ ବା ଲମ୍ବା ହୋଇନଥାଏ । ସୁନ୍ଦର ନାଲି ଫୁଲ ଥିବା ଏହି ଗଛକୁ ଦେଖ । ଏହାର ବଡ଼ ଗଛ ଭଳି ଗଣ୍ଡି ନାହିଁ ।"

ସୋନୁ କହିଲା, "ଏହା ବଦଳରେ ଏଥିରେ ଅନେକ ଛୋଟ ଛୋଟ ଡାଳ ଅଛି ।"

"ଏହିପରି ଝଙ୍କାଳିଆ ଉଦ୍ଭିଦଗୁଡ଼ିକୁ ବୁଦା କୁହାଯାଏ । ଆମ ଘରେ ଥିବା ତୁଳସୀ ଗଛ ଏକ ବୁଦା", ବୋଲି ଲିପି କହିଲା ।

> ବୁଦା ମଧ୍ୟମ ଆକାରର ଉଦ୍ଭିଦ ଯେଉଁଥିରେ ଅନେକ ଡାଳ ଥାଏ ଏବଂ ଏହା ଭୂମିଠାରୁ ଅଳ୍ପ ଉଚ୍ଚତା ଯାଏ ବଢ଼ିଥାଏ ।

**ବୁଦା**



ମନ୍ଦାର



ଗୋଲାପ



ତୁଳସୀ



ମଲ୍ଲୀ

### ତୁମେ ଜାଣ କି ?

ଆମେ ଖାଉଥିବା ଡାଲି-ହରଡ଼, ମସୁର, ମୁଗ ଏବଂ ବିରି ଆଦି ବୁଦାଜାତୀୟ ଉଦ୍ଭିଦ ମଞ୍ଜିର ଉଦାହରଣ ଅଟେ ।



ହରଡ଼ | ମସୁର | ମୁଗ | ବିରି

### ଆସ ଲେଖିବା

- କେତେକ ବୁଦାଳିଆ ଗଛର ନାମ ଲେଖ । ତୁମେ ଉପରୋକ୍ତ ଚିତ୍ରରେ ଦିଆଯାଇଥିବା କୌଣସି ବୁଦାଳିଆ ଗଛ ଦେଖିଛ କି ?
- ତୁମ ଅଞ୍ଚଳରେ ଏହି ଗଛଗୁଡ଼ିକର ନାମ କ'ଣ ଜାଣିଛ କି ?

## ଗୁଳ୍ମ ଏବଂ ଘାସ

ସୋନୁ କହିଲା- "ଆମ ଘରେ ପୁଦିନା ଓ ଟମାଟୋ ଗଛ ଅଛି । ଏଗୁଡ଼ିକର ଡାଳ/କାଣ୍ଡ ନରମ ଏବଂ ସବୁଜ ରଙ୍ଗର ହୋଇଥାଏ" ।



ଜିତୁ କହିଲା - "ମୋ ଜେଜେମାଆ ମୋତେ କହିଥିଲେ ଯେ କୋମଳ ବା ନରମ କାଣ୍ଡ ଥିବା ଉଦ୍ଭିଦଗୁଡ଼ିକୁ ଗୁଳ୍ମ କୁହାଯାଏ ।''

ଲିପି, ଘାସ ଆଡ଼କୁ ଇଙ୍ଗିତ କରି କହିଲା, "ଏହିସବୁ ଭିନ୍ନ ଭିନ୍ନ ଘାସକୁ ଦେଖ । ସେଗୁଡ଼ିକର କାଣ୍ଡ ମଧ୍ୟ କୋମଳ ଓ ସବୁଜ ରଙ୍ଗର । ପତ୍ରଗୁଡ଼ିକ ଲମ୍ବା, ପତଳା ଓ ଚେପଟା ହୋଇଛି ।''

ଜିତୁ କହିଲା– "ତୁମେ ଠିକ୍ କହୁଛ ଲିପି । ତୁମେ ଭାବୁଛ କି ଘାସ ମଧ୍ୟ ଏକ ପ୍ରକାର ଗୁଳ୍ମ ?"


ଗୁଳ୍ମଗୁଡ଼ିକ ଆକାରରେ ଛୋଟ । ଏଗୁଡ଼ିକର କୋମଳ କାଣ୍ଡ ଥାଏ । ଘାସ ହେଉଛି ଏକ ପ୍ରକାର ଗୁଳ୍ମ ।

ଘାସର ପତ୍ର ପତଳା ଓ ଚେପଟା ଏବଂ କାଣ୍ଡ ଫମ୍ପା । ନିଜ ଆଖପାଖରେ ଥିବା ବିଭିନ୍ନ ପ୍ରକାର ଘାସ ଉପରେ ଧ୍ୟାନ ଦିଅ । କେତେ ପ୍ରକାର ଘାସ ଲକ୍ଷ୍ୟ କଲ ?

## ଗୁଳ୍ମ ଜାତୀୟ ଗଛ



ପୁଦିନା



ଟମାଟୋ




ଧନିଆ



ସୋରିଷ

## ଘାସ





ଜଙ୍ଗଲୀ ଘାସ

### ତୁମେ ଜାଣ କି ?

ଆମେ ଖାଉଥିବା ଶସ୍ୟ- ଧାନ (ଚାଉଳ), ଗହମ, ବାଜରା, ଯଅ, ମାଣ୍ଡିଆ, ଆଦି ହେଉଛି ବଡ଼ ଘାସର ମଞ୍ଜି ।


ଧାନ


ଗହମ


ବାଜରା


ମାଣ୍ଡିଆ


ଯଅ

ଆଖୁ ଓ ବାଉଁଶ ହେଉଛି ଲମ୍ୱା ଘାସ । ବାଉଁଶ ହେଉଛି ଏକ ବିଶେଷ ପ୍ରକାର ଘାସ, ଯାହା ଏକ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିଥାଏ ।


ଆଖୁ


ବାଉଁଶ


### ଆସ ଲେଖିବା

ତୁମେ ଦେଖିଥିବା କେତେକ ଗୁଳ୍ମର ନାମ ଲେଖ ଏବଂ କେଉଁଠାରେ ଦେଖିଛ ଲେଖ ।

## ଆଶ୍ରିତ ଲତା ଓ ବିନା ଆଶ୍ରିତ ଲତା

ସୋନୁ କହିଲା- "ଦେଖ ! ଏହି ବଡ଼ ଗଛରେ ଏକ ଲତା ଗୁଡ଼େଇ ହୋଇଛି ।"

ଜିତୁ କହିଲା- "ହଁ ! ମୋର ବନ୍ଧୁ ତାପସଙ୍କ ଘରେ ଏକ ମନି ପ୍ଲାଣ୍ଟ ଅଛି । ଏହା କିପରି ଉପରକୁ ମାଡ଼ିଛି ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏହା ଧୀରେ ଧୀରେ କାନ୍ଥ ଉପରକୁ ମାଡ଼ିବା ଭଳି ଲାଗେ ।''



ଲିପି ବୁଝାଇଲା ଯେ ମନି ପ୍ଲାଣ୍ଟର ଗୋଟିଏ ଲମ୍ବା ଏବଂ ପତଳା କାଣ୍ଡ ଅଛି । ଏହା ଦୁର୍ବଳ । ଏହା ଠିଆ ହୋଇପାରେ ନାହିଁ । ଯଦି ଏହାକୁ ଚଢ଼ିବା ପାଇଁ କିଛି ସହାୟତା ମିଳେ ନାହିଁ, ତେବେ ଏହା ମାଟିରେ ମାଡ଼ିଥାଏ ।

ସୋନୁ କହିଲା- "କଖାରୁ ଗଛ ମଧ୍ୟ ଏକ ବିନା ଆଶ୍ରିତ ଲତା । ମୁଁ ଦେଖିଲି ଯେ ଏହା ମାଟିରେ ଏହାର ଶାଖା ପ୍ରଶାଖା ବିସ୍ତାର କରୁଛି ।"

ଆଶ୍ରିତ ଓ ବିନା ଆଶ୍ରିତ ଲତାର ପତଳା ଏବଂ ନମନୀୟ କାଣ୍ଡ ଥାଏ । ସହାୟତା ପାଇଁ ଅନ୍ୟ ଗଛ ଉପରେ ଚଢ଼ି ବଢୁଥିବା ଗଛଗୁଡ଼ିକ ଆଶ୍ରିତ ଲତା ଏବଂ ମାଟିରେ ଲଟେଇ ବଢୁଥିବା ଗଛଗୁଡ଼ିକ ବିନା ଆଶ୍ରିତ ଲତା ଅଟନ୍ତି । ଏପରିକି କେତେକ ଆଶ୍ରିତ ଲତା ଯେଉଁ ଗଛ ଉପରେ ମାଡ଼ି ଥାଆନ୍ତି ସେହି ଗଛରୁ ଖାଦ୍ୟ ମଧ୍ୟ ସଂଗ୍ରହ କରିଥାନ୍ତି ।

## ଆଶ୍ରିତ ଲତା



ମନି ପ୍ଲାଣ୍ଟ




କଲରା



ଲାଉ

## ବିନା ଆଶ୍ରିତ ଲତା




ତରଭୁଜ



କଖାରୁ

## ଅନୁମାନ କର

- ଏହା ଆଶ୍ରିତ ଲତା ନା ବିନା ଆଶ୍ରିତ ଲତା ?
- ତୁମ ଅଞ୍ଚଳରେ ଏହାକୁ କ'ଣ କହନ୍ତି ?




## ଆସ ଲେଖିବା

- ତୁମେ ଦେଖିଥିବା କିଛି ଆଶ୍ରିତ କିମ୍ବା ବିନା ଆଶ୍ରିତ ଲତାର ନାମ ଏବଂ ସେଗୁଡ଼ିକୁ କେଉଁଠାରେ ଦେଖିଛ ଲେଖ । ପୃଷ୍ଠା ୫୩ରେ ଦିଆଯାଇଥିବା ଚିତ୍ରଗୁଡ଼ିକରେ ସେଗୁଡ଼ିକ ମଧ୍ୟରୁ କିଛି ଅଛି କି ? ସେଗୁଡ଼ିକୁ ତୁମ ଅଞ୍ଚଳରେ କ'ଣ କୁହ ?
- ଏହି ଗଛଗୁଡ଼ିକୁ ତୁମ ଭାଷାରେ କ'ଣ କୁହନ୍ତି ? ସେଗୁଡ଼ିକ ଗଛ, ବୁଦା, ଆଶ୍ରିତ କିମ୍ବା ବିନା ଆଶ୍ରିତ ଲତା, ତାହା କୁହ ।

| ଗେଣ୍ଡୁଫୁଲ | ନିମ୍ବ | ବରକୋଳି |
|---|---|---|
| ________ | ________ | ________ |
| ________ | ________ | ________ |

## କାର୍ଯ୍ୟ ୧

- ତୁମେ ଦୁଇରୁ ଚାରି ଜଣିଆ ଦଳରେ, ବିଦ୍ୟାଳୟ ଭିତରେ କିମ୍ବା ନିକଟରେ ଥିବା କୌଣସି ଗଛ କିମ୍ବା ବୁଦା ପାଖରେ ଠିଆ ହୁଅ ।
- ଏବେ ତୁମ ଚାରିପଟେ ଯେତେ ଦୂର ପର୍ଯ୍ୟନ୍ତ ଦେଖିପାରିବ , ଦେଖ । ତୁମ ପାଦତଳକୁ ମଧ୍ୟ ଲକ୍ଷ୍ୟ କର ।
- ତୁମେ କେତେ ପ୍ରକାର ଗଛ, ବୁଦା, ଗୁଳ୍ମ, ଘାସ, ଆଶ୍ରିତ କିମ୍ବା ବିନା ଆଶ୍ରିତ ଲତା ଦେଖିଲ ?

**ଶିକ୍ଷକଙ୍କ ପାଇଁ ସୂଚନା :**
ଆଞ୍ଚଳିକ ସ୍ତରରେ ଉପଲବ୍ଧ ଗଛର ସ୍ଥାନୀୟ ନାମ ବ୍ୟବହାର କରନ୍ତୁ । ପିଲାମାନଙ୍କୁ ପ୍ରକୃତ ଗଛ ଦେଖାଇ ଆଶ୍ରିତ ଏବଂ ବିନା ଆଶ୍ରିତ ଲତା ମଧ୍ୟରେ ପାର୍ଥକ୍ୟ ଦର୍ଶାନ୍ତୁ । ମନେରଖନ୍ତୁ ଯେ କେତେକ ଉଦ୍ଭିଦ ଗଠନଗତ ସହାୟତା ଉପରେ ନିର୍ଭର କରି ଆଶ୍ରିତ କିମ୍ବା ବିନା ଆଶ୍ରିତ ଲତା ପରି ଆଚରଣ କରିଥାଆନ୍ତି ।

## କାର୍ଯ୍ୟ ୨

### ଉଦ୍ଭିଦ ସହ ବନ୍ଧୁତା କରିବା !

ତୁମେ ବନ୍ଧୁତା କରିବାକୁ ଚାହୁଁଥିବା ଏକ ମୋଟା କାଣ୍ଡ ଥିବା ବୁଦା କିମ୍ବା ଏକ ଗଛକୁ ବାଛ । ଏହା ତୁମେ ନିଜେ କିମ୍ବା ତୁମ ସାଙ୍ଗମାନଙ୍କ ସହିତ କରିପାରିବ । ତୁମେ ବାଛିଥିବା ଉଦ୍ଭିଦଟିର ନାମ ଦିଅ । ପ୍ରତିଦିନ ତାକୁ ପାଣି ଦେଇ ତାହାର ଯତ୍ନ ନିଅ । ନିଜ ବନ୍ଧୁ ଭଳି ତାକୁ ସୁରକ୍ଷିତ ରଖ ।

ଏବେ ତୁମେ ସେହି ଉଦ୍ଭିଦକୁ ନିକଟରୁ ଦେଖ । ଏହାର ପତ୍ର, ଫୁଲ ଏବଂ ଫଳକୁ ଦେଖ । ଏଥିରେ ଅନେକ ପତ୍ର, ଫୁଲ ଓ ଫଳ ଅଛି / ଅଳ୍ପ ଅଛି / ଆଦୌ ନାହିଁ ଆଧାରରେ ପରବର୍ତ୍ତୀ ପୃଷ୍ଠାର ସାରଣୀରେ ତୁମର ପର୍ଯ୍ୟବେକ୍ଷଣଗୁଡ଼ିକୁ ଲିପିବଦ୍ଧ କର ।


୧. ପର୍ଯ୍ୟବେକ୍ଷଣର ସମୟ ଏବଂ ତାରିଖ : ____________________________

୨. ମାସ : ____________________________


୩. ଯେଉଁଦିନ ତୁମେ ଏହି ତଥ୍ୟ ଲିପିବଦ୍ଧ କରୁଛ ସେହି ଦିନର ପାଣିପାଗ : ____________________


ଯେତେଥର ସମ୍ଭବ ତୁମ ଉଦ୍ଭିଦ ବନ୍ଧୁଙ୍କୁ ଦେଖା କର ଏବଂ ଧ୍ୟାନର ସହ ନିରୀକ୍ଷଣ କର ଓ ନିମ୍ନୋକ୍ତ ପରିସ୍ଥିତିରେ ଉଦ୍ଭିଦବନ୍ଧୁଙ୍କ ପରିବର୍ତ୍ତନକୁ ଲକ୍ଷ୍ୟ କର ।


୧


୨


୩


୪


୫

| ଉଦ୍ଭିଦର ବିଭିନ୍ନ ଅଂଶ | ଅନେକ/ ଅଳ୍ପ / ଆଦୌ ନାହିଁ | ରଙ୍ଗ | ଆକୃତି (ବର୍ଣ୍ଣନା କିମ୍ବା ଚିତ୍ର) | ପରିସ୍ଥିତି ଅନୁଯାୟୀ ତଥ୍ୟ |
|---|---|---|---|---|
| ପତ୍ର | | | | |
| ଫୁଲ | | | | |
| ଫଳ | | | | |

## କାର୍ଯ୍ୟ ୩


- ତୁମେ ଉଦ୍ଭିଦରେ ନୂଆପତ୍ର କଅଁଳୁଥିବା ଦେଖିବାକୁ ପାଇଲ କି ? ପତ୍ର ବଡ଼ ହେବା ସହିତ ପତ୍ରର ରଙ୍ଗ ବଦଳୁଛି କି ?
- ପୁରୁଣା ମାଟିଆ ରଙ୍ଗର ପତ୍ର ଗଛରୁ ଝଡ଼ି ପଡୁଛି କି ?
- ତୁମେ କୌଣସି ଫୁଲ ଫୁଟୁଥିବାର କିମ୍ବା ଫଳ ଫଳୁଥିବାର ଲକ୍ଷ୍ୟ କଲ କି ?
- ଆଉ କ'ଣ ସବୁ ପର୍ଯ୍ୟବେକ୍ଷଣ କଲ ?


ସେଗୁଡ଼ିକ ଲେଖି ରଖ।

## ଆସ ଲେଖିବା

ତୁମ ଖାତାରେ ତୁମ ଉଦ୍ଭିଦ ବନ୍ଧୁ ବିଷୟରେ ଲେଖ ।
ବିଭିନ୍ନ ଗଛର ପତ୍ର ଭିନ୍ନ ଭିନ୍ନ ରଙ୍ଗ, ଆକୃତି ଓ ଆକାରର ହୋଇଥାଏ ।


ଅଶ୍ୱତ୍ଥ


ଆମ୍ବ


ପଦ୍ମ


ତେନ୍ତୁଳି

ଆସ ଅଧିକ ଅନୁସନ୍ଧାନ କରିବା ।

## କାର୍ଯ୍ୟ ୪

- ନିଜ ଆଖପାଖରେ ଥିବା ବିଭିନ୍ନ ଉଦ୍ଭିଦର ପତ୍ରଗୁଡ଼ିକୁ ନିରୀକ୍ଷଣ କର ।
- ତୁମ ଖାତାରେ ସେଗୁଡ଼ିକୁ ଆଙ୍କି, ରଙ୍ଗ ଦେଇ ତା'ର ବିଭିନ୍ନ ଅଂଶ ଚିହ୍ନାଅ ।
- ଶ୍ରେଣୀରେ ତୁମ ସାଙ୍ଗଙ୍କୁ ସେଗୁଡ଼ିକର ରଙ୍ଗ, ଆକୃତି, ଆକାର, ଗଠନ ଏବଂ ବାସ୍ନା ବିଷୟରେ କୁହ ।
- ଏହି କାର୍ଯ୍ୟ କରିବା ପରେ ତୁମେ ପତ୍ର ବିଷୟରେ କ'ଣ ସବୁ ଜାଣିଲ, ଲେଖ ।



ଜିତୁ କହିଲା- "ପ୍ରତ୍ୟେକ ପତ୍ରର ବାସ୍ନା ଭିନ୍ନ ଭିନ୍ନ। ମୁଁ ଲକ୍ଷ୍ୟ କରିଛି ତୁଳସୀ, ଧନିଆ, ଭୃସଙ୍ଗ, ପୁଦିନା ଓ ଲେମ୍ବୁ ପତ୍ରର ବାସ୍ନା ଭିନ୍ନ ଭିନ୍ନ।

ଲିପି, ଜିତୁକୁ କହିଲା, "ତୁମେ କେବେ ଆମ୍ବ ପତ୍ରକୁ ହାତରେ ଘଷି ଏହାର ବାସ୍ନା ଶୁଙ୍ଘିଛ କି ? ମୁଁ ଏହି ବାସ୍ନାକୁ ଭଲ ପାଏ ।''

ଜିତୁ ହଠାତ୍ କହିଲା, "ଏହି କଥାବାର୍ତ୍ତା ମୋତେ ଆମ୍ବର ସୁନ୍ଦର ବାସ୍ନାକୁ ମନେ ପକାଇ ଦେଉଛି । ମୋ ଭାଇ ଦେଖିବାକୁ ସକ୍ଷମ ନୁହଁନ୍ତି କିନ୍ତୁ ତାଙ୍କ ଆଖପାଖରେ ଥିବା ଆମ୍ବ, ସପୁରୀ, ପଣସ, ପିଜୁଳି, ଜାମୁ କୋଳି ଭଳି ଯେକୌଣସି ଫଳର ବାସ୍ନାରୁ ସେ ଜାଣିପାରନ୍ତି, ଏହା କେଉଁ ଫଳ ।"


## କାର୍ଯ୍ୟ ୫

ତୁମେ ଆଖିରେ ପଟି ବାନ୍ଧି ଖେଳ ଖେଳିଛ କି ? ଏହି ଖେଳରେ ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗର ଆଖିକୁ କପଡ଼ାରେ ବାନ୍ଧିଥାନ୍ତି । ଏବେ ସେମିତି କପଡ଼ା ନେଇ ତୁମ ସାଙ୍ଗ ଆଖିରେ ପଟି ବାନ୍ଧ । ଏଥର ତୁମ ସାଙ୍ଗ ପାଖକୁ ତୁମେ ଗୋଟିଏ ଫଳ ଆଣ । ତୁମ ସାଙ୍ଗ ଫଳକୁ କେତେ ଦୂରରୁ ଚିହ୍ନିପାରୁଛି ? ଏବେ ଏହି ଖେଳକୁ କଟା ଫଳ ଖଣ୍ଡ ସହିତ ପୁନରାବୃତ୍ତି କର । ଗୋଟା ଫଳର ବାସ୍ନା ଅପେକ୍ଷା କଟା ଫଳର ବାସ୍ନା ଦ୍ୱାରା ଫଳକୁ ଚିହ୍ନିବା ସହଜ ଥିଲା କି ? ତୁମେ ଦୂରରୁ କେଉଁ ଫଳର ବାସ୍ନା ଜାଣିପାରିବ ? ଏହି ଖେଳକୁ ଘରେ ମଧ୍ୟ ଖେଳ ।


## ଉଭିଦର ବିଭିନ୍ନ ଅଂଶ

ଉଭିଦ ବିଷୟରେ ଆଲୋଚନା କରିବା ସମୟରେ ଆମେ ଏହାର କିଛି ଅଂଶର ନାମ ଜାଣିଲେ, ଯଥା ମୂଳ, ଡାଳ, ପତ୍ର, ଫୁଲ, ଫଳ ଏବଂ ମଞ୍ଜି । ଏବେ ଆମେ ଏକ ଟମାଟୋ ଗଛର ଚିତ୍ରକୁ ଦେଖି ଏହାର ବିଭିନ୍ନ ଅଂଶ ଲକ୍ଷ୍ୟ କରିବା ।

- ଉଭିଦର ବିଭିନ୍ନ ଅଂଶର ନାମ କୁହ ।
- ଏହି ଉଭିଦର ବିଭିନ୍ନ ଅଂଶକୁ ଚିହ୍ନଟ କର ଏବଂ ସେଗୁଡ଼ିକର ନାମ ଲେଖ ।




ଟମାଟୋ ଗଛ



## କାର୍ଯ୍ୟ ୬

### ଆସ ଗଛର ଛେଲିକୁ ଜାଣିବା



ଛେଲି ହେଉଛି ଗଛର କଠିନ ବାହ୍ୟ ଆବରଣ । ଗଛର ଛେଲିକୁ ସ୍ପର୍ଶ କରି ଧ୍ୟାନର ସହ ଦେଖ । ଏଥିରେ କୌଣସି ଜୀବଜନ୍ତୁ, କୀଟପତଙ୍ଗ କିମ୍ବା ଉଦ୍ଭିଦ ଦେଖିବାକୁ ମିଳୁଛି କି ? ଛେଲି ଉପରେ ଏକ କାଗଜ ରଖ । ଧୀରେ ଧୀରେ ଏହା ଉପରେ ପେନ୍‌ସିଲ୍ କିମ୍ବା କ୍ରେୟନ୍‌କୁ ବାରମ୍ବାର ଘଷ । ଲକ୍ଷ୍ୟ କର ଯେ ଛେଲିର ଛାପ କାଗଜ ଉପରେ ସ୍ପଷ୍ଟ ଭାବେ ଦେଖାଯିବ ।

କାଗଜର ପଛପଟେ ତୁମେ ଗଛର ନାମ ଲେଖ କିମ୍ବା ତା' ସମ୍ପର୍କରେ ବର୍ଣ୍ଣନା କର । ଏବେ ତୁମ ସାଙ୍ଗମାନଙ୍କର କାଗଜ ସଂଗ୍ରହ କର ଏବଂ ତୁମେ ଗଛର ଛେଲି ଚିତ୍ରକୁ ଦେଖି ଗଛକୁ ଚିହ୍ନି ପାରୁଛ କି ନାହିଁ ?

- ତୁମେ ଗଛରେ ଅନ୍ୟ କୌଣସି ପଶୁ, ପକ୍ଷୀ ଏବଂ କୀଟପତଙ୍ଗ ଦେଖିଲ କି ?
- ସେମାନେ ସେଠାରେ କ'ଣ କରୁଥିଲେ ?

### ତୁମେ ଜାଣ କି ?

- ଆଖୁରୁ ଚିନି ଉତ୍ପାଦନ କରାଯାଏ ।
- ବାଉଁଶ ହେଉଛି ସବୁଠାରୁ ଲମ୍ବା ଘାସ ।
- ମିଜୋରାମରେ ଦେଖାଯାଉଥିବା ରାଫଲେସିଆ ହେଉଛି ସବୁଠାରୁ ବଡ଼ ଫୁଲ ।
- ଏହା ଛତା ଭଳି ବଡ଼ ।



## ଆସ ଚିନ୍ତା କରିବା

### ୧. ଆଲୋଚନା କର

କ. ଉଦ୍ଭିଦ ନଥିଲେ କ'ଣ ହୁଅନ୍ତା ?

ଖ. ଉଦ୍ଭିଦର ମୂଳ ଗଛକୁ ବଢ଼ିବାରେ କିପରି ସାହାଯ୍ୟ କରିଥାଏ ?

ଗ. ଉଦ୍ଭିଦରେ କାଣ୍ଡର ଭୂମିକା କ'ଣ ?

### ୨. ଲେଖ

କ. ସ୍କୁଲ, ପାର୍କ କିମ୍ବା ଘର ନିକଟରେ ଦେଖିଥିବା ଉଦ୍ଭିଦଗୁଡ଼ିକର ତାଲିକା କର । ସେଗୁଡ଼ିକ କେଉଁ ପ୍ରକାର ଉଦ୍ଭିଦ- (ଗଛ/ ବୁଦା/ ଗୁଳ୍ମ / ଘାସ, ଆଶ୍ରିତ / ବିନା ଆଶ୍ରିତ ଲତା) ଚିହ୍ନଟ କର ।

ଖ. ଉଦ୍ଭିଦର କେଉଁ ନିର୍ଦ୍ଦିଷ୍ଟ ଅଂଶ ତୁମକୁ ଏହା କେଉଁ ପ୍ରକାର ଉଦ୍ଭିଦ ବୋଲି ଜାଣିବାରେ ସାହାଯ୍ୟ କରିଥାଏ ?

ଗ. ତୁମ ପ୍ରିୟ ଉଦ୍ଭିଦ ବିଷୟରେ ବର୍ଣ୍ଣନା କର । ଏହା କାହିଁକି ତୁମର ପ୍ରିୟ ?

### ୩. ଚିତ୍ର ଅଙ୍କନ କର

ତୁମ ଆଖପାଖରେ ଦେଖିଥିବା ବିଭିନ୍ନ ପ୍ରକାର ପତ୍ରର ଚିତ୍ର ଅଙ୍କନ କର ।

## ଆସ ରଙ୍ଗୋଲି କରିବା

ଗଛ ତଳେ ପଡ଼ିଥିବା ପତ୍ର ଓ ଫୁଲକୁ ସଂଗ୍ରହ କର । ରଙ୍ଗୋଲି ତିଆରି କରିବା ପାଇଁ ସେଗୁଡ଼ିକ ବ୍ୟବହାର କରିପାରିବ । ସଂଗୃହୀତ ପତ୍ରକୁ ବ୍ୟବହାର କରି ତୁମେ ବିଭିନ୍ନ ଜୀବଜନ୍ତୁଙ୍କ ଆକୃତି ମଧ୍ୟ ତିଆରି କରିପାରିବ ।

ସଂଗ୍ରହ କରିଥିବା ପତ୍ର ଓ ଫୁଲକୁ ନେଇ ନିମ୍ନ ଆକୃତି ପ୍ରସ୍ତୁତ କର ।




***ଉତ୍ସ:*** *ଅରବିନ୍ଦ ଗୁପ୍ତାଙ୍କ ପତ୍ରର ଚିଡ଼ିଆଖାନା, https://arvindguptatoys.com*

ପାଠ ୪





# ଉଦ୍ଭିଦ ଓ ପ୍ରାଣୀଙ୍କ ଏକତ୍ର ବସବାସ


ଚତୁର୍ଥ ପାଠରେ ଆମେ ଅନେକ ଉଦ୍ଭିଦ ବିଷୟରେ ଜାଣିଲେ । ତୁମେ ଲକ୍ଷ୍ୟ କରିଛ କି ଯେଉଁଠି ଗଛ ଥାଏ, ସେଠାରେ ଜୀବଜନ୍ତୁ ମଧ୍ୟ ରହନ୍ତି ? ଭଲ ଭାବରେ ଲକ୍ଷ୍ୟ କଲେ ତୁମେ ଦେଖିବ ଯେ ଗଛ ଉପରେ, ଆଖପାଖରେ ଏବଂ ଏପରିକି ତଳେ ମଧ୍ୟ ଅନେକ ପ୍ରାଣୀ ବସବାସ କରୁଛନ୍ତି ।




ଏଠାରେ ଉଦ୍ଭିଦ ସହିତ ଏକାଠି ରହୁଥିବା ଜୀବଜନ୍ତୁମାନଙ୍କର କିଛି ଚିତ୍ର ଦିଆଯାଇଛି । ଏହି ଜୀବଜନ୍ତୁଙ୍କ ଚିତ୍ର ମଧ୍ୟରୁ କେଉଁମାନଙ୍କୁ ତୁମେ ଚିହ୍ନିପାରୁଛ ? ସେମାନଙ୍କ ମଧ୍ୟରୁ କେଉଁମାନଙ୍କୁ ତୁମେ ପୂର୍ବରୁ ଦେଖିଛ ? ଏଗୁଡ଼ିକ ମଧ୍ୟରୁ କେଉଁମାନେ ମାଟି ତଳେ ବାସ କରନ୍ତି ?


ଡାଳ / ପତ୍ର ଖାଉଥିବା ହାତୀ



ପତ୍ର ଉପରେ ବିଶ୍ରାମ ନେଉଥିବା ଗୋଟିଏ କୀଟ


ପତ୍ର ଖାଉଥିବା ଗୋଟିଏ ଶୁଁବାଳୁଆ



ପତ୍ର ଓ ମାଟି ଉପରେ ଜିଆ


ଗଛ ଡାଳରେ କୋଇଲି ଗୀତ ଗାଉଛି


ଗଛ ଉପରେ କାଠହଣା ଚଢ଼େଇ



ଗଛ ଡାଳରେ ପିମ୍ପୁଡ଼ି


ପତ୍ରରେ ଏକ ରଙ୍ଗୀନ ଦୁର୍ଗନ୍ଧ ପୋକ


ପତ୍ର ଉପରେ ବିଶ୍ରାମ ନେଉଥିବା ଏକ ବେଙ୍ଗ


ପତ୍ର ଉପରେ ଏକ ପ୍ରଜାପତି ବିଶ୍ରାମ ନେଉଛି


ବିଶ୍ରାମ ନେବା ପାଇଁ ଗଛର କୋରଡ଼ ବ୍ୟବହାର କରୁଥିବା ଗୁଣ୍ଡୁଚି ମୂଷା


ବସା ବାନ୍ଧିବା ପାଇଁ ବୃକ୍ଷକୋରଡ଼ରେ ଏକ ଭଦଭଦଳିଆ* ପକ୍ଷୀ

*ଭଦଭଦଳିଆ ଆମର ରାଜ୍ୟ ପକ୍ଷୀ । ଏହାକୁ ତୁମ ସ୍ଥାନୀୟ ଭାଷାରେ କ'ଣ କୁହାଯାଏ ?



## ଆସ କଥା ହେବା

ଆସ ଖୋଜିବା

ପୃଷ୍ଠା ୬୩ରେ ପ୍ରଦର୍ଶିତ ଜୀବଜନ୍ତୁମାନଙ୍କ ମଧ୍ୟରୁ କେଉଁମାନଙ୍କୁ ତୁମେ ପୂର୍ବରୁ ଦେଖିଛ ? ତୁମେ ସେମାନଙ୍କୁ କେଉଁଠାରେ ଏବଂ କିପରି ଦେଖିଲ ତାହା ବର୍ଣ୍ଣନା କର । ସେମାନେ କେତେ ଛୋଟ କିମ୍ବା ବଡ଼ ତାହା ଦେଖାଇବା ପାଇଁ ତୁମ ଆଙ୍ଗୁଠି ଓ ହାତକୁ ବ୍ୟବହାର କରି କୁହ ।

ଏହି ଜୀବଜନ୍ତୁମାନେ ଉଦ୍ଭିଦ ସହ ରହିବାକୁ କାହିଁକି ପସନ୍ଦ କରନ୍ତି ?

## ମାଟିରେ ଜୀବନ

ଗୋଟିଏ ଗଛ ପାଖରେ ଠିଆ ହୁଅ । ତୁମେ ଖାଲି ପାଦରେ ଛିଡ଼ା ହୋଇପାର ।

ତୁମ ପାଦ ତଳ ମାଟିର ରଙ୍ଗ କ'ଣ ?




## କାର୍ଯ୍ୟ ୧

**ତୁମ ଉଦ୍ଭିଦ ବନ୍ଧୁଙ୍କ ନିକଟରୁ ଅଳ୍ପ କିଛି ମାଟିକୁ ହାତରେ ନିଅ ।**

- ଏହାକୁ ସ୍ପର୍ଶ କଲେ ଏବଂ ଦେଖିଲେ କିପରି ଅନୁଭବ ହେଉଛି ?
- ଏହା ଶୁଖିଲା/ ଆର୍ଦ୍ର/ ଖଦଡ଼ା/ ଚିକ୍କଣ/କଠିନ/ ଦାନାଯୁକ୍ତ ?
- ମାଟିରେ କୌଣସି ପତ୍ର କିମ୍ବା ପୋକ ଦେଖିବାକୁ ପାଇଲ ?
- ଏବେ ଏହି ମାଟିକୁ ଶୁଙ୍ଘି ବାସ୍ନାକୁ ମନେ ରଖ ।

| | | | | | | | | |
|---|---|---|---|---|---|---|---|---|
| ମୋ ମାଟିର ଅନୁଭବ | ଖଦଡ଼ା | ☐ | ଚିକ୍କଣ | ☐ | କଠିନ | ☐ | ଦାନାଯୁକ୍ତ | ☐ |
| ମୋ ମାଟିରେ ଥିଲା | କିଛି ନାହିଁ | ☐ | ପତ୍ର | ☐ | ଛୋଟ ଛୋଟ ପଥର | ☐ | କୀଟ | ☐ |





ବର୍ଷା ହେବାର ଗୋଟିଏ ଦିନ ପରେ ଉପରୋକ୍ତ କାର୍ଯ୍ୟକୁ ପୁନରାବୃତ୍ତି କର । ମନେକରି ସେହି ସ୍ଥାନରୁ ମାଟି ଆଣ । ମାଟିର ରଙ୍ଗ, ଗଠନ ଏବଂ ବାସ୍ନାରେ ତୁମେ କିଛି ପରିବର୍ତ୍ତନ ଲକ୍ଷ୍ୟ କଲ କି ?

ଗଛଠାରୁ କିଛି ଦୂରରେ ଥିବା ଅନ୍ୟ ଏକ ସ୍ଥାନରୁ ଅଳ୍ପ ମାଟି ନିଅ । ତୁମେ ପୂର୍ବରୁ ସଂଗ୍ରହ କରିଥିବା ମାଟିଠାରୁ ଏହା ଭିନ୍ନ କି ? ଯଦି ହଁ, କିପରି ?

ମାଟିକୁ ଯତ୍ନର ସହ ନିରୀକ୍ଷଣ କର । ଏଥିରେ ତୁମେ କେଉଁ ଛୋଟ ଛୋଟ ଜିନିଷ ଦେଖିବାକୁ ପାଇଲ ?

ମାଟି ପୃଥିବୀ ପୃଷ୍ଠର ସବୁଠାରୁ ଉପର ସ୍ତର । ମାଟି ଛୋଟ ଛୋଟ ଖଣ୍ଡରେ ଭାଙ୍ଗି ଯାଇଥିବା ପଥର ସହିତ ପତ୍ର, ଚେର, ଡାଳ ଏବଂ କୀଟପତଙ୍ଗ ପରି ଜୀବିତ ଓ ମୃତ ପ୍ରାଣୀମାନଙ୍କ ଦେହାବଶେଷରୁ ତିଆରି ହୋଇଥାଏ ।



ମାଟିରେ ଅନେକ କୀଟପତଙ୍ଗ ଓ ଅନ୍ୟାନ୍ୟ ଜୀବ ବାସ କରନ୍ତି । କେତେକଙ୍କୁ ତୁମେ ଖାଲି ଆଖିରେ ଦେଖିପାରିବ । ଆଉ କେତେକ ଅତି ଛୋଟ ହୋଇଥିବା ଯୋଗୁ ଖାଲି ଆଖିରେ ଦେଖି ହୁଏ ନାହିଁ । ମାଟିର ଉପର ସ୍ତରରେ, ଘାସ ଏବଂ ପତ୍ର ଉପରେ ତୁମେ ପିମ୍ପୁଡ଼ି, ଉଇ, ଛୋଟ ଗୋବର ପୋକ ଏବଂ ଝିଣ୍ଟିକା ଭଳି କୀଟପତଙ୍ଗ ଦେଖିବାକୁ ପାଇବ ।



ବର୍ଷା ହେଲେ, ମାଟି ଓଦା ହୁଏ । ସେତେବେଳେ ଜିଆ ଓ ତେଲୁଣି ପୋକ ଭଳି ଅନ୍ୟ ଜୀବ ମଧ୍ୟ ଦେଖାଦେଇପାରନ୍ତି । ସେହି ସମୟରେ ମାଟିରେ ଅଧିକ ଘାସ ଏବଂ ଅନ୍ୟାନ୍ୟ ଉଦ୍ଭିଦ ବଢୁଥିବା ଦେଖିବାକୁ ମିଳିପାରେ ।


## ଆସ କଥା ହେବା


ବର୍ଷା ଦିନେ ଆଖପାଖରେ ଆହୁରି ଅନେକ ଉଦ୍ଭିଦ ଓ ଜୀବଜନ୍ତୁ ଦେଖିବାକୁ ପାଇବ । ଏହି ନୂଆ ଉଦ୍ଭିଦ ଓ ଜୀବଜନ୍ତୁ କେଉଁଠୁ ଆସିଲେ ? ତୁମେ ସେଗୁଡ଼ିକୁ ପୂର୍ବରୁ କାହିଁକି ଦେଖି ପାରିନଥିଲ ?


## କାର୍ଯ୍ୟ ୨

ତୁମ ଉଦ୍ଭିଦ ବନ୍ଧୁଙ୍କ ନିକଟରେ ଠିଆ ହୁଅ ଏବଂ ଚାରିଆଡ଼କୁ ଲକ୍ଷ୍ୟ କର । ତୁମେ କେତେ ପ୍ରକାର ଭିନ୍ନ ପ୍ରାଣୀଙ୍କୁ ଚିହ୍ନଟ କରିପାରୁଛ ? ସେମାନଙ୍କ ବିଷୟରେ କୁହ ଏବଂ ନିମ୍ନ ସାରଣୀ ପୂରଣ କର । ଯଦି ଆବଶ୍ୟକ ହୁଏ ତେବେ ତୁମେ ଦିଆଯାଇଥିବା ଚିତ୍ରଗୁଡ଼ିକ ବ୍ୟବହାର କରିପାରିବ ।

| ମୁଁ ଦେଖିଲି ... (ବର୍ଣ୍ଣନା କର) | ଏହା କେଉଁଠାରେ ଥିଲା... | ଏହା କ'ଣ କରୁଥିଲା? |
|---|---|---|
| ଗୋଟିଏ କ୍ଷୁଦ୍ର ପୋକ | ଘାସରେ | ଡେଉଁଥିଲା |
| ଦୁର୍ବଳ କାଣ୍ଡ ଥିବା ଗଛ | ନିକଟରେ ଥିବା ଆଉ ଏକ ଗଛରେ | କିଛି ନୁହେଁ |
| ଗୋଟିଏ କଳା ରଙ୍ଗର ପକ୍ଷୀ | | |
| | | |
| | | |


ପଚିଯାଇଥିବା ଫଳ ଉପରେ ଲାଲ ଛାରପୋକ


ପତ୍ର ଉପରେ ବସିଥିବା ନୀଳ କୀଟ


ପତ୍ର ଉପରେ ପିମ୍ପୁଡ଼ି


ନାଗେଶ୍ୱର ଫୁଲ ଉପରେ ପ୍ରଜାପତି



ପଥର ଉପରେ ଝିଟିପିଟି

**ଶିକ୍ଷକଙ୍କ ପାଇଁ ସୂଚନା:**
କିଛି ପୋକ ବର୍ଷା ହେଲେ ମାଟିରୁ ବାହାରିବା ପାଇଁ ଅପେକ୍ଷା କରିଥାନ୍ତି । ଗଛର ମଞ୍ଜି ଦୀର୍ଘ ସମୟ ଧରି ମାଟିରେ ରହିପାରେ ଏବଂ ବର୍ଷା ହେଲେ କିମ୍ବା ପାଣି ପଡ଼ିଲେ ଗଜା ହୁଏ ।



## ତୁମେ ଜାଣ କି ?

ପଶୁ, ପକ୍ଷୀ ଏବଂ କୀଟପତଙ୍ଗମାନେ ଖାଦ୍ୟ, ଆଶ୍ରୟ ଏବଂ ବିଶ୍ରାମ ପାଇଁ ଗଛର ବିଭିନ୍ନ ଅଂଶକୁ ବ୍ୟବହାର କରନ୍ତି ।



ଓଟମାନେ ଗଛର ପତ୍ର ଖାଆନ୍ତି



ପେଚା ଭଳି ପକ୍ଷୀମାନେ ଗଛରେ ଥିବା କୋରଡ଼ରେ
ନିଜ ଛୁଆମାନଙ୍କ ଲାଳନପାଳନ କରିଥାନ୍ତି





ଗୁଣ୍ଡୁଚି ଓ କାଉମାନେ ଗଛର ଡାଳ ବ୍ୟବହାର କରି
ନିଜ ବସା ତିଆରି କରିଥାନ୍ତି ଏବଂ ସେମାନଙ୍କର ଛୋଟ
ଛୁଆମାନଙ୍କୁ ଲାଳନପାଳନ କରିଥାନ୍ତି



ମାଙ୍କଡ଼ମାନେ ଗଛର ଫଳ ଖାଇବାକୁ
ଭଲ ପାଆନ୍ତି






ଫୁଲ ଛୁଇଁ ପକ୍ଷୀ ଓ ପ୍ରଜାପତି
ବିଭିନ୍ନ ଫୁଲରୁ ରସ / ମହୁ ଶୋଷନ୍ତି




ଗଛରେ ବାଇଚଢ଼େଇ
ବସା ତିଆରି କରନ୍ତି





ବାଦୁଡ଼ି ଏବଂ ଚିତାବାଘ ଗଛର ଡାଳକୁ ବିଶ୍ରାମ ଏବଂ ଆଶ୍ରୟ ପାଇଁ ବ୍ୟବହାର କରନ୍ତି



ସଁବାଳୁଆ ଗଛର ପତ୍ର ଖାଇ ବଞ୍ଚେ

ତୁମେ ଏମାନଙ୍କ ମଧ୍ୟରୁ କେଉଁ ଜୀବଜନ୍ତୁଙ୍କୁ ଦେଖିଛ ? ସେମାନଙ୍କୁ ଖୁବ୍ ପାଖରୁ ପୁଣିଥରେ ନିରୀକ୍ଷଣ କର ।

## କାର୍ଯ୍ୟ ୩

### ପକ୍ଷୀମାନଙ୍କ ରାବ

- ଆଖି ବନ୍ଦ କରି ପକ୍ଷୀମାନଙ୍କ ରାବ ଶୁଣିବାକୁ ଚେଷ୍ଟା କର ।
  ତୁମେ କୌଣସି ପକ୍ଷୀର ରାବ ଶୁଣୁଛ କି ?
  କେଉଁ ପକ୍ଷୀ ଏଭଳି ଶବ୍ଦ କରୁଛନ୍ତି ତାହା ଅନୁମାନ କରିପାରୁଛ କି ?
- ଚିତ୍ରରେ ଦର୍ଶାଯାଇଥିବା ଭଳି ନିଜ କାନକୁ ହାତରେ ଅଧା ବନ୍ଦ କର ଏବଂ ପକ୍ଷୀ ରାବର ଦିଗ ଆଡ଼କୁ ମୁହଁ କରି ବସ । ତୁମେ ଶବ୍ଦକୁ ଅଧିକ ସ୍ପଷ୍ଟ ଭାବରେ ଶୁଣିପାରୁଛ କି ?





## ବିଭିନ୍ନ ପକ୍ଷୀ, ଭିନ୍ନ ଭିନ୍ନ ରାବ

- ତୁମେ ଶୁଣିଥିବା ପକ୍ଷୀମାନଙ୍କର ରାବକୁ ମନେ ପକାଅ । ବିଭିନ୍ନ ପକ୍ଷୀ କିପରି ରାବ କରନ୍ତି, ତାକୁ ନକଲ କରିବାକୁ ଚେଷ୍ଟା କର ।
- ବର୍ତ୍ତମାନ ତୁମେ ଶୁଣିଥିବା ପକ୍ଷୀର ରାବକୁ ନିମ୍ନଲିଖିତ ସାରଣୀରେ ଶବ୍ଦରେ ଲେଖିବାକୁ ଚେଷ୍ଟା କର ।

| ପକ୍ଷୀର ନାମ | ତା'ର ରାବ ଶବ୍ଦରେ |
|---|---|
| ପାରା | ଗୁଟୁରୁ ଗୁଁ |
| | |
| | |
| | |
| | |
| | |

- ଯଦି ପକ୍ଷୀମାନଙ୍କର କୌଣସି ଶବ୍ଦ ଶୁଭୁନାହିଁ, ତେବେ ଏହାର କାରଣ କ'ଣ ବୋଲି ତୁମେ ଭାବୁଛ ?
- ତୁମେ ଅଧିକାଂଶ ପକ୍ଷୀଙ୍କ ରାବ କେଉଁ ସମୟରେ ଶୁଣିବାକୁ ପାଅ ?

  ବଡ଼ି ଭୋରରୁ

  ଖରାବେଳେ

  ସନ୍ଧ୍ୟାବେଳେ



## ଆସ ଚିନ୍ତା କରିବା

### ୧ ଆଲୋଚନା କର

କ. ପୂର୍ବ କାର୍ଯ୍ୟରେ ତୁମେ ସଂଗ୍ରହ କରିଥିବା ଦୁଇଟି ମାଟି ନମୁନାର ରଙ୍ଗ ଏବଂ ଗଠନ କିପରି ଥିଲା ? କେଉଁ ମାସରେ ତୁମେ ତାହା ସଂଗ୍ରହ କରିଥିଲ ? ସେଗୁଡ଼ିକ ଭିନ୍ନ ବାସ୍ନା ହେଉଥିଲା କି ଏବଂ ତୁମେ ସେ ବାସ୍ନାକୁ ବର୍ଣ୍ଣନା କରିପାରିବ କି ?

ଖ. ତୁମେ ଦେଖିଥିବା ଗଛରେ କେଉଁ ମାସରେ ତାଜା କଅଁଳିଆ ପତ୍ର ଦେଖାଦେଇଥିଲା ?


ଗ. ତୁମେ ଗଛ ଚାରିପାଖରେ କେଉଁ ପଶୁ, ପକ୍ଷୀ ଏବଂ କୀଟପତଙ୍ଗ ଦେଖିଥିଲ ?

ଘ. ପଶୁ, ପକ୍ଷୀ ଏବଂ କୀଟପତଙ୍ଗ କିପରି ଗଛ ଉପରେ ନିର୍ଭର କରନ୍ତି ସେ ବିଷୟରେ ମନେ ପକାଇ ଲେଖ । ସେହି ଜୀବମାନଙ୍କ ମଧ୍ୟରୁ କେଉଁଟି ତୁମକୁ ଭଲ ଲାଗିଲା ?

ଙ. ମାଟି କେଉଁଥିରେ ଗଠିତ ?

### ୨. ଲେଖ

| | | |
|---|---|---|
| ଉଭିଦ ନିକଟରେ କିମ୍ୱା ଉଭିଦ ଉପରେ ତୁମେ ଦେଖିଥିବା ଦୁଇଟି ପ୍ରାଣୀଙ୍କ ନାମ । | | |
| ଏହି ପ୍ରାଣୀମାନଙ୍କର ଆକୃତି, ଆକାର ଏବଂ ରଙ୍ଗ ବର୍ଣ୍ଣନା କର । | | |
| ଅନୁମାନ କର ଏହି ପ୍ରାଣୀମାନେ କାହିଁକି ଏହି ଉଭିଦରେ ରହୁଥିଲେ । | | |
| ଏହି ପ୍ରାଣୀମାନଙ୍କ ବିଷୟରେ ତୁମେ ଅନ୍ୟ କେଉଁ ମଜାଳିଆ କଥା ଦେଖିଛ ? | | |



## ୩. ଚିତ୍ର ଅଙ୍କନ କର


ମନେ ଅଛି ତୁମର ଉଦ୍ଭିଦ ବନ୍ଧୁଙ୍କ ବିଷୟରେ ତୁମେ ଲେଖିଥିଲ । ବର୍ତ୍ତମାନ ତୁମର ଉଦ୍ଭିଦ ବନ୍ଧୁଙ୍କ ଚିତ୍ର ଆଙ୍କିବାକୁ ଚେଷ୍ଟା କର । ତୁମେ ଉଦ୍ଭିଦର କେଉଁ ସ୍ଥାନରେ ପଶୁ, ପକ୍ଷୀ କିମ୍ବା କୀଟପତଙ୍ଗଙ୍କୁ ଦେଖିଛ, ତାହା ଦେଖାଇବା ପାଇଁ ତୁମର ଚିତ୍ରରେ ବିଭିନ୍ନ ରଙ୍ଗର ଛୋଟ ଛୋଟ ବିନ୍ଦୁ ବ୍ୟବହାର କରି ଦର୍ଶାଅ ।

## ୪. କ୍ରମରେ ସଜାଅ

ଦିନେ ସୌରଭ ଟଗର ଗଛରେ ଏକ ସଁବାଳୁଆ ଦେଖିଲା । ତାକୁ ଏହା ଖୁବ୍ ମଜା ଲାଗିଲା । ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ସେ ଏହାକୁ ନିରୀକ୍ଷଣ କଲା । ଏହା କ୍ରମାଗତ ଭାବରେ କୋମଳ ପତ୍ର ଖାଉଥିଲା । ତା' ମାଆ ତା' ପାଖକୁ ଆସିଲେ ଓ ତାକୁ ପ୍ରତିଦିନ ଏହାକୁ ନିରୀକ୍ଷଣ କରିବାକୁ କହିଲେ । ସୌରଭ ଅଧିକ ଉତ୍ସୁକ ହୋଇପଡ଼ିଲା ।

ଜଣେ ବୟସ୍କ ବ୍ୟକ୍ତିଙ୍କ ପରାମର୍ଶ ନେଇ ନିମ୍ନ ଘଟଣା ଗୁଡ଼ିକୁ କ୍ରମରେ ସଜାଅ ।

- ଏବେ ଏହା ଏକ ପ୍ରଜାପତି ହୋଇଗଲା ।
- ସଁବାଳୁଆ ଏକ କୋଷା ତିଆରି କଲା ।
- ଏହା ଧୀରେ ଧୀରେ ଉଡ଼ିଗଲା ।
- ଦିନେ ଏହା ଖାଇବା ବନ୍ଦ କରିଦେଲା ।
- ଏହା କୋଷାରୁ ବାହାରି ଆସିଲା ।



ପାଠ

୬

# ମିଳିମିଶି ବଞ୍ଚିବା









## ଆସ କଥା ହେବା

- ତୁମ ଘରେ ଏମାନଙ୍କ ମଧ୍ୟରୁ କୌଣସି ପଶୁ, ପକ୍ଷୀ, କୀଟପତଙ୍ଗ ଏବଂ ଗଛ ଅଛି କି ?
- ତୁମେ ଏବଂ ତୁମ ପରିବାର ସେମାନଙ୍କର ଯତ୍ନ ନେଉଛନ୍ତି କି ?

## ଆସ ଖୋଜିବା

- ତୁମେ ପୃଷ୍ଠା ୭୨ର ଚିତ୍ରରେ ଦର୍ଶାଯାଇନଥିବା କୌଣସି ପଶୁ, ପକ୍ଷୀ ଏବଂ କୀଟପତଙ୍ଗଙ୍କୁ ଦେଖିଛ କି ?
- ସେମାନଙ୍କ ନାମ ଜାଣିବାକୁ ଚେଷ୍ଟା କର ଏବଂ ନିମ୍ନରେ ଦିଆଯାଇଥିବା ସାରଣୀରେ ଲେଖ । ତୁମ ପାଇଁ ଗୋଟିଏ ଉଦାହରଣ ଦିଆଯାଇଛି ।

| ପଶୁର ନାମ | କେଉଁଠାରେ ତୁମେ ସେମାନଙ୍କୁ ଦେଖିଛ |
|---|---|
| ମାଙ୍କଡ଼ | ଗଛ |
| | |
| | |
| | |
| | |


ଆମେ ଘରକୁ କେତେକ ପଶୁ ଓ ଗଛ ଆଣୁ । ବେଳେବେଳେ ସେମାନଙ୍କ ସାଙ୍ଗରେ ମିଶି ରହିବାକୁ ଖୁସି ଲାଗେ, କିନ୍ତୁ ବେଳେବେଳେ ଆମକୁ ସେମାନେ ଘରେ ରହିବା ଭଲ ଲାଗେ ନାହିଁ ।

- ତୁମ ପରିବାରର ବୟସ୍କମାନଙ୍କ ସହିତ ଆଲୋଚନା କର ଯେ ସେମାନେ ଛୋଟ ବେଳେ ଘରେ କେଉଁ ପଶୁ ଏବଂ ଗଛ ରଖିଥିଲେ । ସେମାନଙ୍କୁ ଏହି ପଶୁ ଏବଂ ଗଛ ବିଷୟରେ କୌଣସି କାହାଣୀ କହିବାକୁ କୁହ ।

**ଶିକ୍ଷକଙ୍କ ପାଇଁ ସୂଚନା:**
ସମସ୍ତ ତଥ୍ୟ ପିଲାଙ୍କଠାରୁ ସଂଗ୍ରହ କରନ୍ତୁ, ସଂକ୍ଷିପ୍ତ ତାଲିକାଭୁକ୍ତ କରନ୍ତୁ ଏବଂ ପିଲାମାନଙ୍କୁ ଏହା ବିଷୟରେ କହିବାକୁ ଉତ୍ସାହିତ କରନ୍ତୁ ।



## ଆସ କଥା ହେବା



ଆସ ଦୁଇ ଦୁଇ ଜଣ ଲେଖାଏଁ ମିଶି ଗୋଟିଏ ଗୋଟିଏ ଦଳ ଗଢ଼ି କଥା ହେବା ।

- ତୁମ ଘରକୁ ବେଳେବେଳେ କେଉଁ ପଶୁ, ପକ୍ଷୀ ଏବଂ କୀଟପତଙ୍ଗମାନେ ଚାଲି ଆସନ୍ତି ?
- ସେମାନେ ତୁମ ଘରକୁ କାହିଁକି ଆସିଥାନ୍ତି ?
- ତୁମ ଘରେ ସେମାନଙ୍କ ଉପସ୍ଥିତି ତୁମକୁ କିପରି ଲାଗେ ?
- ସେମାନଙ୍କ ମଧ୍ୟରୁ ତୁମେ କାହାକୁ ପସନ୍ଦ କର ?
- ଯେତେବେଳେ ତୁମେ ସେମାନଙ୍କୁ ପସନ୍ଦ କର ନାହିଁ ସେତେବେଳେ ତୁମେ କ'ଣ କର ?

ଆମେ ଘରେ ଥିବା କିଛି ପଶୁ, ପକ୍ଷୀ ଓ ଗଛକୁ ପାଣି, ଖାଦ୍ୟ ଓ ଆଶ୍ରୟ ଦେଇ ଯତ୍ନ ନେଇଥାଉ ।



**ଶିକ୍ଷକଙ୍କ ପାଇଁ ସୂଚନା:**
ପଶୁପକ୍ଷୀମାନଙ୍କୁ ଭୟ କଲେ କିମ୍ବା ପସନ୍ଦ ନ କଲେ ମଧ୍ୟ ସେମାନଙ୍କୁ ଆଘାତ ନଦେବା ଉପରେ ଗୁରୁତ୍ୱ ଦିଅନ୍ତୁ । ଆମ ଆଡୁ ବିପଦ ସମ୍ଭାବନା ନ ଥିଲେ ପଶୁପକ୍ଷୀମାନେ ଆମର କ୍ଷତି କରନ୍ତି ନାହିଁ ।






## ଆମ୍ବ ଗଛ

ଦିନେ ମୁନୁ ତା' ବାପାଙ୍କ ସହ ଗାଁ ତୋଟା ଦେଇ ଯାଉଥିଲା । ସେମାନେ ଏକ ବିଶାଳ ଆମ୍ବ ଗଛର ଛାଇରେ ବସିଲେ । ଆମ୍ବ ଗଛରେ ବିଭିନ୍ନ ପ୍ରକାର ପକ୍ଷୀ, ଗୁଣ୍ଡୁଚି ମୂଷା, ମାଙ୍କଡ଼ ଓ ଅନ୍ୟାନ୍ୟ ଜୀବଜନ୍ତୁ ରହୁଥିଲେ । ମୁନୁ ମାଙ୍କଡ଼ ଆମ୍ବ ଖାଇ ଟାକୁଆ ଫୋପାଡ଼ି ଦେବାର ଦେଖି ତା' ବାପାଙ୍କୁ କହିଲା । ତା' ବାପା କହିଲେ, ''ମୁନୁ ତୁମେ ଜାଣ କି ଏହି ଟାକୁଆରୁ ଏକ ନୂଆ ଗଛ ସୃଷ୍ଟି ହୋଇପାରିବ ? ଏ ଟାକୁଆରୁ କିପରି ଆମ୍ବ ଗଛ ହେଉଛି ମୁଁ ତୁମକୁ ଆମ ବାଡ଼ିରେ ଦେଖାଇଦେବି । ପଶୁପକ୍ଷୀ ଓ ଉଦ୍ଭିଦ ପରସ୍ପରକୁ ଏଭଳି ସାହାଯ୍ୟ କରିଥାନ୍ତି ।''








ମୁନୁ ଗଛରୁ ପଡ଼ିଥିବା ଗୋଟିଏ ଆମ୍ବକୁ ଗୋଟାଇବାକୁ ଦୌଡ଼ିଲା । ସେ କହିଲା, "ଦେଖ ! ମୁଁ ଗୋଟିଏ ଆମ୍ବ ପାଇଛି ।" ମୁନୁର ବାପା କହିଲେ, "କେବଳ ଫଳ ନୁହେଁ, ଆମେ ଗଛରୁ ପନିପରିବା ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ପାଇଥାଉ ।"

"ଓଃ, ଏବେ ମୋର ମନେପଡ଼ିଲା ଯେ ତୁମେ ମୋତେ ଏହା ପୂର୍ବରୁ କହିଥିଲ । ଆମେ ଗଛରୁ ଔଷଧ, ପୋଷାକ ପାଇଁ ସୂତା ଏବଂ ଘର ପାଇଁ କାଠ ମଧ୍ୟ ପାଇଥାଉ ।"






### ଆସ କଥା ହେବା

- ଆମେ କିପରି ଉଦ୍ଭିଦ ଏବଂ ପ୍ରାଣୀ ଉପରେ ନିର୍ଭରଶୀଳ ?
- ଉଦ୍ଭିଦ, ପ୍ରାଣୀମାନଙ୍କୁ କିପରି ସାହାଯ୍ୟ କରେ ?
- ପ୍ରାଣୀମାନେ ଉଦ୍ଭିଦକୁ କିପରି ସାହାଯ୍ୟ କରନ୍ତି ?
- ତୁମ ଆଖପାଖରେ ଥିବା ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ତୁମେ କିପରି ଯତ୍ନ ନେବ ?
- ପଶୁ, ପକ୍ଷୀ ଓ ଉଦ୍ଭିଦ ଆମ ଉପରେ କିପରି ନିର୍ଭରଶୀଳ ?

### ତୁମେ ଜାଣ କି ?

ଆକସ୍ମିକ ଭାବେ ହଜାର ହଜାର ଉଦ୍ଭିଦ ଗୁଣ୍ଡୁଚି ମୂଷାମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାନ୍ତି । ସେମାନେ ମଞ୍ଜି ପୋତି ଦିଅନ୍ତି ଏବଂ ଭୁଲି ଯାଆନ୍ତି ଯେ ସେମାନେ ଏହାକୁ କେଉଁଠାରେ ପୋତିଥିଲେ । ଏହିପରି ଅନେକ ପ୍ରାଣୀ ଓ ଉଦ୍ଭିଦ ବିଭିନ୍ନ ଉପାୟରେ ସମନ୍ୱୟ ଓ ସନ୍ତୁଳନ ବଜାୟ ରଖିଥାନ୍ତି ।


## ଆମେ ପରସ୍ପର ନିର୍ଭରଶୀଳ

ଯେମିତି ଆମେ ପ୍ରାଣୀ ଓ ଉଦ୍ଭିଦଗୁଡ଼ିକର ଯତ୍ନ ନେଇଥାଉ; ସୁରକ୍ଷା, ଖାଦ୍ୟ ଓ ଆଶ୍ରୟ ଯୋଗାଇ ଦେଇଥାଉ, ସେହିଭଳି ସେମାନଙ୍କଠାରୁ ମଧ୍ୟ ଅନେକ ଜିନିଷ ପାଇଥାଉ ।

ଉଦାହରଣ ସ୍ୱରୂପ- ଗାଇ, ମଇଁଷି ଓ ଛେଳି ଆମକୁ କ୍ଷୀର ଦିଅନ୍ତି । ସେଥିପାଇଁ ଆମେ ସେମାନଙ୍କୁ ଦୟା, ଯତ୍ନ ଏବଂ କରୁଣାର ସହ ବ୍ୟବହାର କରିଥାଉ ।

ପ୍ରାଣୀ ଏବଂ ଉଦ୍ଭିଦ ମଧ୍ୟ ଖାଦ୍ୟ ଓ ଆଶ୍ରୟ ପାଇଁ ପରସ୍ପର ପ୍ରତି ନିର୍ଭରଶୀଳ । ପ୍ରାଣୀମାନେ ମଞ୍ଜି ବିକ୍ଷେପ କରି ଏବଂ ମୃତ୍ତିକାକୁ ସେମାନଙ୍କ ବର୍ଜ୍ୟବସ୍ତୁ ମାଧ୍ୟମରେ ଉର୍ବର କରି ଗଛକୁ ବଢ଼ିବାରେ ସାହାଯ୍ୟ କରନ୍ତି । ଖାଦ୍ୟ, ବସ୍ତ୍ର, ଓ ବାସଗୃହ ପାଇଁ ଆମେ ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଉପରେ ସବୁବେଳେ ନିର୍ଭର କରିଥାଉ ।

**ଶିକ୍ଷକଙ୍କ ପାଇଁ ସୂଚନା:**
ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ, 'ବିକ୍ଷେପଣ' ଏବଂ 'ଉର୍ବର' ଶବ୍ଦଗୁଡ଼ିକୁ ସରଳ ଓ ସଂକ୍ଷିପ୍ତ କରି ବର୍ଣ୍ଣନା କରନ୍ତୁ ।



## କାର୍ଯ୍ୟ ୧

### ପ୍ରାଣୀମାନଙ୍କୁ ଜାଣିବା


- ତୁମ ଆଖପାଖରେ ଥିବା ପ୍ରାଣୀମାନଙ୍କୁ ନିରୀକ୍ଷଣ କର ।
- ତୁମେ ପ୍ରାୟ ଦେଖୁଥିବା କୌଣସି ପଶୁକୁ ବାଛ, ଯଥା- ଛେଳି, ଗାଈ, କୁକୁର, ବିଲେଇ କିମ୍ବା ପକ୍ଷୀକୁ ବାଛ ଯଥା- କାଉ, ପାରା, ଘରଚଟିଆ, ଶୁଆ ଓ ବତକ ।
- ଯେତେବେଳେ ବି ସୁଯୋଗ ମିଳିବ ଏମାନଙ୍କୁ ଭଲ ଭାବେ ନିରୀକ୍ଷଣ କର । ତୁମେ ଏକ ପାଣି ପାତ୍ର ଏବଂ କିଛି ଶସ୍ୟ ମଧ୍ୟ ରଖିପାରିବ ।


## ଆସ ଲେଖିବା

ଯେକୌଣସି ପଶୁ ବା ପକ୍ଷୀର ସଂକ୍ଷିପ୍ତ ବିବରଣୀ ଲେଖ-

- ତୁମେ ଚୟନ କରିଥିବା ପଶୁ କିମ୍ବା ପକ୍ଷୀର ନାମ ଏବଂ ତା' ବିଷୟରେ ବର୍ଣ୍ଣନା କର ।
- ତୁମେ ତାକୁ ପ୍ରଥମେ କେବେ ଏବଂ କେଉଁଠାରେ ଦେଖିଥିଲ ?
- ଏହା ସେଠାରେ ଏକୁଟିଆ ଥିଲା ନା ତା'ର ସାଙ୍ଗମାନଙ୍କ ସହ ଥିଲା ?
- ଏହାର ଗତିବିଧି ବର୍ଣ୍ଣନା କର ।
- ଏହା କିପରି ଶବ୍ଦ କରୁଥିଲା ?
- ଏହାକୁ ଖାଉଥିବାର, ଶୋଇଥିବାର, ସାଙ୍ଗମାନଙ୍କ ସହ କଥାବାର୍ତ୍ତା କରୁଥିବାର କିମ୍ବା ବେଳେବେଳେ ଝଗଡ଼ା କରୁଥିବାର ତୁମେ ଦେଖିଛ କି ?
- ତୁମେ ଆଶ୍ଚର୍ଯ୍ୟ ହେବା ଭଳି କିମ୍ବା ତୁମକୁ ହସାଇଲା ଭଳି ସେ କିଛି କାର୍ଯ୍ୟ କରିଛି କି ?
- ତୁମର ଏହି ଅନୁଭୂତିକୁ ତୁମ ସହପାଠୀଙ୍କ ସହ ଆଲୋଚନା କର ।







## କାର୍ଯ୍ୟ ୨



### କାର୍ଯ୍ୟରତ ଚତୁର ପିମ୍ପୁଡ଼ି

ତୁମେ ଏହି କାର୍ଯ୍ୟକୁ ତୁମର ଉଦ୍ଭିଦ ବନ୍ଧୁଙ୍କ ନିକଟରେ, ଶ୍ରେଣୀଗୃହରେ କିମ୍ବା ଘରେ କରିପାର । ତୁମ ରୋଷେଇ ଘରୁ ଅଳ୍ପ ପରିମାଣର ତିନି ପ୍ରକାର ଖାଦ୍ୟ ଜିନିଷ ନିଅ:

- ଚିନି ବା ଗୁଡ଼ ପରି ମିଠା;
- ଛଣା ପାମ୍ପଡ଼ କିମ୍ବା ମୁଡ଼ୁକି;
- ରନ୍ଧା ଖାଦ୍ୟ ଯେପରି- ରୁଟି, ଇଡ଼ିଲି, ଭାତ କିମ୍ବା ମାଣ୍ଡିଆ ଜାଉ

ଉପରୋକ୍ତ ତିନି ପ୍ରକାର ଖାଦ୍ୟଗୁଡ଼ିକୁ ଚଟାଣରେ ଏକ ଏକ ଫୁଟ ଦୂରତାରେ ଏକ ସରଳ ରେଖାରେ ରଖ ।

### ଅନୁମାନ କର

- ଖାଦ୍ୟ ପାଇଁ କେଉଁମାନେ ଆସିବେ ?
- ସେମାନଙ୍କର ପ୍ରିୟ ଖାଦ୍ୟ କେଉଁଟି ହେବ ?
- ତୁମେ ରଖିଥିବା ଖାଦ୍ୟ ପାଇଁ ପିମ୍ପୁଡ଼ି ଆସିବେ କି ?
- ସେମାନେ କେଉଁଠୁ ଆସିବେ ?
- ସବୁ ପିମ୍ପୁଡ଼ି ଦେଖିବାକୁ ଏକାଭଳି କି ?
- ସେମାନେ ପ୍ରଥମେ କେଉଁ ଖାଦ୍ୟ ସାମଗ୍ରୀ ପାଖକୁ ଯିବେ ?
- କେତେ ପିମ୍ପୁଡ଼ି ଖାଦ୍ୟ ପାଇଁ ଆସିବେ ବୋଲି ଭାବୁଛ ?
- ସେମାନେ ଏହି ଖାଦ୍ୟକୁ କ'ଣ କରିବେ ବୋଲି ଭାବୁଛ ?

### ତୁମ ଉଦ୍ଭିଦ ବନ୍ଧୁଙ୍କ ସହ ସାକ୍ଷାତ

ଯେତେବେଳେ ତୁମେ ଦୁଃଖିତ, ଅସନ୍ତୁଷ୍ଟ କିମ୍ବା କ୍ରୋଧ ଅନୁଭବ କରୁଛ, ସେତେବେଳେ ତୁମେ ତୁମର ଉଦ୍ଭିଦ ବନ୍ଧୁଙ୍କ ପାଖକୁ ଯାଇ ତୁମ ଅନୁଭୂତି ତା' ପାଖରେ କହିପାରିବ ।

**ଶିକ୍ଷକଙ୍କ ପାଇଁ ସୂଚନା:**
ଛୋଟ ପିଲାମାନଙ୍କୁ ଉଦ୍ଭିଦ ସହ ବନ୍ଧୁତା କରିବା ପାଇଁ ପ୍ରୋତ୍ସାହିତ କରିବା ଉଚିତ । ସହାନୁଭୂତି ବିକଶିତ କରିବା ପାଇଁ ଏହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ପଦ୍ଧତି । ଅଧିକ ଚୁପଚାପ ଏବଂ ଶାନ୍ତ ଥିବା ଛୋଟ ପିଲାମାନଙ୍କ ପାଇଁ ଏହି କାର୍ଯ୍ୟ ସେମାନଙ୍କ ଭାବନା ବିନିମୟ କରିବାରେ ସାହାଯ୍ୟ କରିଥାଏ ।





ଖୁସି ଥିବା ସମୟରେ ମଧ ତୁମ ଉଦ୍ଭିଦ ବନ୍ଧୁଙ୍କୁ ତୁମ ଭାବନା ପ୍ରକାଶ କରିପାର । ଉଦ୍ଭିଦ ବନ୍ଧୁଙ୍କ ସହ ତୁମର ଭାବନା ବିନିମୟ ପରେ ତୁମେ କେମିତି ଅନୁଭବ କଲ ?

ଉଦ୍ଭିଦ ଓ ପ୍ରାଣୀଙ୍କୁ ମଧ ଆମର ଯତ୍ନ ଏବଂ ସହଯୋଗ ଦରକାର। ଆମେ ସମସ୍ତେ ପରସ୍ପରକୁ ସାହାଯ୍ୟ କରିପାରିବା ।


## କାର୍ଯ୍ୟ ୩

### ଅନୁମାନ କର ମୁଁ କିଏ ?

ଦୁଇ ଦୁଇ ଜଣ ଲେଖାଏଁ ଯୋଡ଼ିରେ ବସ । ତୁମ ମଧରୁ ଜଣେ ପଶୁ, ପକ୍ଷୀ, ପୋକ କିମ୍ବା ଗଛର ନାମ ଚିନ୍ତା କରି ନିଜ ସାଥୀର କାନରେ କହିବ । ନିଶ୍ଚିତ କର ଯେ ତୁମେ ଏହାକୁ ଅଧିକ ଜୋରରେ କହିବ ନାହିଁ । ତୁମ ସାଥୀକୁ ସେହି ପଶୁ, ପକ୍ଷୀ କିମ୍ବା ପୋକ ପରି ଅଭିନୟ କରିବାକୁ ପଡ଼ିବ ଏବଂ ଶ୍ରେଣୀର ସମସ୍ତଙ୍କୁ ଏହାକୁ ଚିହ୍ନଟ କରିବାକୁ ପଡ଼ିବ । ପ୍ରତ୍ୟେକ ଯୋଡ଼ି ଏହିପରି କାର୍ଯ୍ୟ କରିବେ।

ଉଦାହରଣ ସ୍ୱରୂପ

- କୁନୁର ସାଙ୍ଗ ମୁନୁ ତା' କାନରେ 'ବେଙ୍ଗ' କହିଲା । କୁନୁ କ'ଣ ଅଭିନୟ କରିଥିବ ବୋଲି ତୁମେ ଭାବୁଛ ?
- ରିତେଶର ସାଙ୍ଗ ସ୍ନେହା ତା' କାନରେ ଅଶ୍ୱତଥ ଗଛ ବୋଲି କହିଲା । ରିତେଶ କ'ଣ ଅଭିନୟ କରିଥିବ ବୋଲି ତୁମେ ଭାବୁଛ ।



## ଆସ ଚିନ୍ତା କରିବା

### ୧. ଆଲୋଚନା କର

କ. ଆମେ କିପରି ଉଦ୍ଭିଦ ଏବଂ ପ୍ରାଣୀ ଉପରେ ନିର୍ଭରଶୀଳ ?

ଖ. ଆମ ପରିବେଶରେ ଥିବା ବିଭିନ୍ନ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଆମେ କିପରି ଯତ୍ନ ନେବା ଉଚିତ ?

ଗ. ଉଦ୍ଭିଦ ଏବଂ ପ୍ରାଣୀମାନେ କିପରି ଆମ ଉପରେ ନିର୍ଭର କରନ୍ତି ?

### ୨. ଲେଖ

ଉଦ୍ଭିଦ, ପଶୁ, ପକ୍ଷୀ କିମ୍ବା କୀଟପତଙ୍ଗଙ୍କ ନାମ ସହିତ ଏହି ବାକ୍ୟଗୁଡ଼ିକୁ ପୂର୍ଣ୍ଣ କର ।

କ. ମୁଁ ________ ଦେଖିବାକୁ ପସନ୍ଦ କରେ କାରଣ ______________________

__________________________________________________

ଖ. ________ ମୋତେ ହସାଇଦିଏ କାରଣ ___________________________

__________________________________________________

ଗ. ମୋର ବନ୍ଧୁ ________________________________ ପସନ୍ଦ କରେ କାରଣ

__________________________________________________

ଘ. ମୁଁ ________ ର ଯତ୍ନ ନେବାକୁ ଚାହେଁ

କାରଣ ______________________________________________

ଙ. ଉପରେ ଲେଖିଥିବା ପଶୁ, ପକ୍ଷୀ, କୀଟପତଙ୍ଗ ଓ ଉଦ୍ଭିଦମାନଙ୍କ ମଧ୍ୟରୁ କେଉଁଟି ତୁମର ପ୍ରିୟ ?

__________________________________________________

__________________________________________________

ଚ. ତୁମେ ଏହାକୁ କାହିଁକି ପସନ୍ଦ କର ?


__________________________________________________

__________________________________________________

ଛ. ତୁମେ ଦେଖିଥିବା କିମ୍ବା ଶୁଣିଥିବା ସମସ୍ତ ପଶୁ, ପକ୍ଷୀ, କୀଟପତଙ୍ଗଙ୍କ ନାମକୁ ଛୋଟରୁ ବଡ଼ କ୍ରମେ ସଜାଇ ଲେଖ ।

__________________________________________________

__________________________________________________



## ୩. ଆସ ଚିତ୍ର କରିବା

ପଶୁ, ପକ୍ଷୀ ଏବଂ କୀଟପତଙ୍ଗମାନଙ୍କର ନାମ ଲେଖି ଚିତ୍ର ଅଙ୍କନ କର, ଯାହାର:

| | | | |
|---|---|---|---|
| କ. | ଦୁଇଟି ଗୋଡ଼ | ଖ. | ଚାରୋଟି ଗୋଡ଼ |
| ଗ. | ଛଅଟି ଗୋଡ଼ | ଘ. | ଆଠଟି ଗୋଡ଼ |



## ତୁମେ ଜାଣ କି ?



ଓଡ଼ିଶାର ଚିଲିକା ହ୍ରଦ ପ୍ରବାସୀ ପକ୍ଷୀ ବିଶେଷତଃ ଜଳପକ୍ଷୀଙ୍କ ପାଇଁ ଏକ ପ୍ରମୁଖ ଶୀତକାଳୀନ ବାସସ୍ଥାନ । ଏଠାକୁ ପ୍ରତିବର୍ଷ ବିଭିନ୍ନ ଅଞ୍ଚଳରୁ ଏକ ନିୟୁତରୁ ଅଧିକ ପକ୍ଷୀ ଆସିଥାନ୍ତି । ଉତ୍ତର ପିଣ୍ଟେଲ, ପେଲିକାନ, ଗ୍ରେଟର ଫ୍ଲେମିଙ୍ଗୋ ପରି ପକ୍ଷୀମାନେ ଅପେକ୍ଷାକୃତ ମୃଦୁ ଜଳବାୟୁ ପ୍ରତି ଆକର୍ଷିତ ହୋଇ ଏଠାକୁ ଆସିଥାନ୍ତି ।

ପ୍ରତିବର୍ଷ ଶୀତ ଋତୁରେ (ନଭେମ୍ବରରୁ ଫେବୃଆରୀ ମାସ) ଏହି ହ୍ରଦରେ ଖାଦ୍ୟ ଓ ଆଶ୍ରୟ ପାଇଁ ପକ୍ଷୀମାନେ ସାଇବେରିଆ, ଇରାନ୍, ଇରାକ୍, ହିମାଳୟ ପରି ସ୍ଥାନରୁ ହଜାର ହଜାର କିଲୋମିଟର ଯାତ୍ରା କରି ଆସିଥାନ୍ତି ।

ମଙ୍ଗଳାଯୋଡ଼ି ହେଉଛି ଚିଲିକାର ଉତ୍ତରାଞ୍ଚଳରେ ଥିବା ଏକ ଆର୍ଦ୍ରଭୂମି ଅଞ୍ଚଳ, ଯାହା ଏହାର ସମୃଦ୍ଧ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ଏଠାକୁ ଶୀତଦିନେ ବିଭିନ୍ନ ପ୍ରକାର ବିଦେଶୀ ପକ୍ଷୀ ଆସନ୍ତି ।

ହ୍ରଦ ମଧ୍ୟରେ ଥିବା ନଳବଣ ମଧ୍ୟ ଅନ୍ୟ ଏକ ପକ୍ଷୀ ଅଭୟାରଣ୍ୟ । ବିଦେଶୀ ପକ୍ଷୀମାନଙ୍କୁ ଦେଖିବା ପାଇଁ ଶୀତଦିନେ ବହୁ ପର୍ଯ୍ୟଟକ ନଳବଣକୁ ଆସନ୍ତି ।

ଚିଲିକା କେବଳ ପକ୍ଷୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ପ୍ରକୃତି ଏବଂ ଲୋକମାନେ କିପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସହାବସ୍ଥାନ କରିପାରିବେ, ତାହାର ଏକ ଜୀବନ୍ତ ଉଦାହରଣ ।

- ଉପରୋକ୍ତ ଘଟଣାର ଏକ ଶୀର୍ଷକ ତୁମେ ଦେବାକୁ ଚାହୁଁଛ କି ?
- ଶୀତଋତୁରେ ବିଦେଶୀ ପକ୍ଷୀମାନେ କାହିଁକି ଚିଲିକାକୁ ଆସିଥାନ୍ତି ?




# ତୃତୀୟ ଏକକ

# ପ୍ରକୃତିର ଦାନ

## ଏକକ ସମ୍ପର୍କରେ

ଜୀବଜନ୍ତୁ ଓ ଉଦ୍ଭିଦ ବ୍ୟତୀତ ପ୍ରକୃତିରେ ଜଳ ଓ ଖାଦ୍ୟ ଭଳି ଅନେକ ଜିନିଷ ଅଛି । ସେସବୁ ଆମ ସୁସ୍ଥ ଜୀବନଯାପନ ପାଇଁ ମୂଲ୍ୟବାନ ସମ୍ବଳ । ଭବିଷ୍ୟତ ପାଇଁ ପୃଥିବୀର ଏହି ସମ୍ବଳ ସଂରକ୍ଷଣ କରିବାର ଉପାୟ ଆମେ ଶିଖିବା ଆବଶ୍ୟକ ।

ଏହି ଏକକରେ ଆମେ ଜଳ ଓ ଖାଦ୍ୟ ସମ୍ପର୍କରେ ଅଧିକ ଜାଣିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହିତ ବିଶୁଦ୍ଧ ଜଳ ପିଇବା ଆମର ଲକ୍ଷ୍ୟ ରହିବା ଉଚିତ । ପରିଷ୍କାର ପରିଚ୍ଛନ୍ନ ରହିବା ଓ ବ୍ୟାୟାମ କରିବା ଦ୍ୱାରା ଆମେ ମାନସିକ ଏବଂ ଶାରୀରିକ ଭାବରେ ସୁସ୍ଥ ରହିଥାଉ ।



## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି 'ପ୍ରକୃତିର ଦାନ' ସମ୍ପର୍କରେ ଉଦ୍ଦିଷ୍ଟ । ଏହି ଏକକର ପାଠଗୁଡ଼ିକରେ ଅନ୍ତର୍ଭୁକ୍ତ ମୁଖ୍ୟ ଧାରଣାଗୁଡ଼ିକୁ ନିମ୍ନରେ ବର୍ଣ୍ଣନା କରାଯାଇଛି ।

**ପାଠ-୭:** ଜଳ- ପ୍ରକୃତିର ଏକ ମୂଲ୍ୟବାନ ଉପହାର: ବର୍ଷା କିପରି ଆମକୁ ଜଳ ପରି ଏକ ମୂଲ୍ୟବାନ ଉପହାର ପ୍ରଦାନ କରେ, ସେ ବିଷୟରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ସମୟରେ ବିଭିନ୍ନ ଉପାୟରେ ଏହି ଜଳ ସଂରକ୍ଷଣ କରାଯାଏ । ଆମେ ଏହି ଜଳର ସ୍ୱଚ୍ଛତାକୁ ସୁନିଶ୍ଚିତ କରୁ ଏବଂ ଏହାକୁ ଘରେ ଘରେ ବଣ୍ଟନ କରୁ । ପ୍ରତ୍ୟେକ ପରିବାର ଦୈନନ୍ଦିନ ବ୍ୟବହାର ପାଇଁ ଜଳ ସଂରକ୍ଷଣ କରନ୍ତି ଏବଂ ଏହାକୁ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି । ତେବେ ଜଳର ଗୁଣବତ୍ତା ଓ ପରିମାଣକୁ ନେଇ ସମସ୍ୟା ଉପୁଜୁଛି । ଏସବୁ ସମସ୍ୟାର ସମାଧାନ ନିମନ୍ତେ ଆମେ ଜଳସମ୍ପଦ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ।

**ପାଠ-୮:** ଆମ ଖାଦ୍ୟ: ଆମ ସ୍ୱାସ୍ଥ୍ୟକୁ ବଜାୟ ରଖିବାରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭିନ୍ନ ଭିନ୍ନ ଉତ୍ସରୁ ମିଳୁଥିବା ବିଭିନ୍ନ ପ୍ରକାର ଖାଦ୍ୟ ଆମେ ଖାଇଥାଉ । ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ, ଯାହା ଆମ ଶରୀରକୁ ଅନନ୍ୟ ଉପାୟରେ ଲାଭ ଦେଇଥାଏ । ଆମର ବିଭିନ୍ନ ସଂସ୍କୃତିରେ ଭିନ୍ନ ଭିନ୍ନ ଖାଦ୍ୟର ପୁଷ୍ଟିକର ତତ୍ତ୍ୱ ବିଷୟରେ ମୂଲ୍ୟବାନ ଜ୍ଞାନ ଅଛି ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ କରିବା ଉପରେ ଏଥିରେ ମାର୍ଗଦର୍ଶନ କରାଯାଇଛି ।

**ପାଠ-୯ :** 'ସୁସ୍ଥ ଓ ସୁଖୀ ରହିବା' ନିମନ୍ତେ ସ୍ୱଚ୍ଛତା ଏବଂ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଆମ ଘର ଏବଂ ଆଖପାଖରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ନୀତିନିୟମ ପ୍ରତି ଗୁରୁତ୍ୱ ଦେଇଥାଉ । ନିୟମିତ ବ୍ୟାୟାମ ଆମର ନିତିଦିନର ଏକ ଅଂଶ, ଯାହା ଉଭୟ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିଥାଏ । ଆମ ପରିବେଶର ପ୍ରତିଷ୍ଠିତ ନିୟମକୁ ବୁଝି ଏବଂ ଅନୁସରଣ କରି, ଆମେ ନିଜକୁ ରକ୍ଷା କରିବା ।





- ଶ୍ରେଣୀରେ ଏକ 'ଖାଦ୍ୟ ମେଳା' ଯୋଜନା କରନ୍ତୁ; ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଯଥା- ଶସ୍ୟ, ମସଲା, ଫଳ, ପନିପରିବା ଆଦି ପ୍ରଦର୍ଶନ କରନ୍ତୁ ।
- ଜଳ ରଖିବା ପାଇଁ ବ୍ୟବହୃତ ବିଭିନ୍ନ ବୋତଲ ଏବଂ ପାତ୍ରକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରନ୍ତୁ, ଆପଣ ଛବିଗୁଡ଼ିକ ମଧ୍ୟ ପ୍ରଦର୍ଶନ କରିପାରିବେ ।
- ଖାଦ୍ୟ, ଜଳ, ସ୍ୱଚ୍ଛତା ଏବଂ ସୁସ୍ଥ ଅଭ୍ୟାସ ସମ୍ବନ୍ଧୀୟ ପ୍ରାମାଣିକ ଏବଂ ବୟସ ଉପଯୋଗୀ କ୍ଷୁଦ୍ର ଭିଡ଼ିଓ ଏବଂ ଚଳଚ୍ଚିତ୍ର, କାହାଣୀ, ପୁସ୍ତକ ଏବଂ କବିତା ରଖନ୍ତୁ ।
- ପରିଦର୍ଶନ କିମ୍ବା ପରିଦର୍ଶକ: ନିରାପତ୍ତା ସହିତ ଆପଣଙ୍କ ଆଖପାଖରେ ଥିବା ଜଳର ବିଭିନ୍ନ ଉତ୍ସ ପରିଦର୍ଶନ କରିବାପାଇଁ ଯୋଜନା କରନ୍ତୁ । ଯୋଗାସନ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ । ତେଣୁ ଯୋଗ ପ୍ରଦର୍ଶନ କରିବାକୁ ଜଣେ ଯୋଗ ପ୍ରଶିକ୍ଷକଙ୍କୁ ଆମନ୍ତ୍ରଣ କରନ୍ତୁ; ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ବିଷୟରେ ପିଲାମାନଙ୍କ ସହ କଥା ହେବାକୁ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆମନ୍ତ୍ରଣ କରନ୍ତୁ; 'ଖାଦ୍ୟମେଳା' ପ୍ରଦର୍ଶନୀ ସମୟରେ ପିତାମାତା ଏବଂ ଗୋଷ୍ଠୀର ସଦସ୍ୟମାନଙ୍କୁ ସେମାନଙ୍କର ପାରମ୍ପରିକ ଖାଦ୍ୟ ବିଷୟରେ ଜଣାଇବା ପାଇଁ ଆମନ୍ତ୍ରଣ କରନ୍ତୁ ।

ପାଠ ୭



# ଜଳ-ପ୍ରକୃତିର ଏକ ମୂଲ୍ୟବାନ ଉପହାର

## ବରଷା ରାଣୀ, ଦେ.. ରେ ପାଣି



**କହିପାରିବ କି ?**

**କେଉଁ ପଦାର୍ଥ ଉଚ୍ଚ ଜାଗାରୁ ତଳକୁ ବୋହିଯାଏ କିନ୍ତୁ ତଳୁ ଉପରକୁ ଯାଇପାରେ ନାହିଁ ?**

ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ଆକାଶକୁ ଦେଖ । ବର୍ଷା ହେବ କି ? ତୁମ ଅନୁମାନ ଠିକ୍ ହୋଇପାରେ ଏବଂ ବେଳେବେଳେ ଭୁଲ୍ ହୋଇପାରେ ।

ବର୍ଷା ହେବ କି ନାହିଁ ଅନୁମାନ କରିବା ପାଇଁ ତୁମେ କିଛି ଉପାୟ ଜାଣିଛ କି ? ବଡ଼ମାନେ କିପରି ଅନୁମାନ କରନ୍ତି ସେ ବିଷୟରେ ଜଣେ ବୟସ୍କଙ୍କୁ ପଚାର । ଉପାୟଗୁଡ଼ିକ ଲେଖ ।

**ଆସ ଲେଖିବା**

ମୁଁ ଭାବୁଛି ଆଜି ବର୍ଷା ହେବ, କାରଣ..
(ଅତି କମ୍‌ରେ ୨ଟି କାରଣ ଲେଖ)

______________________________

______________________________

ମୁଁ ଭାବୁଛି ଆଜି ବର୍ଷା ହେବ ନାହିଁ କାରଣ...
(ଅତି କମ୍‌ରେ ୨ଟି କାରଣ ଲେଖ)

______________________________

______________________________

ଏଠାରେ ବର୍ଷା ହେଉଛି ।



**ଶିକ୍ଷକଙ୍କ ପାଇଁ ସୂଚନା:**
ଏହି ପାଠର ପ୍ରଥମ ଭାଗ ଆପଣଙ୍କ ଅଞ୍ଚଳରେ ବର୍ଷା ହେଉଥିବା ସମୟରେ ପଢ଼ାଯାଇପାରେ । ପିଲାମାନେ ମୁକ୍ତଭାବେ ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ପାଇବେ, ପ୍ରଶ୍ନ ପଚାରିପାରିବେ, ଅନୁମାନ କରିପାରିବେ, ଆଲୋଚନା କରିପାରିବେ, ଚିତ୍ରାଙ୍କନ କରିପାରିବେ ଏବଂ ତାଙ୍କ ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିପାରିବେ ।



## କାର୍ଯ୍ୟ ୧


ବର୍ଷା ବିଷୟରେ ନିଜକୁ ଯଥାସମ୍ଭବ ଅଧିକରୁ ଅଧିକ ପ୍ରଶ୍ନ ପଚାର ।

- ଏହା ପ୍ରବଳ ବର୍ଷା ନା ଅଳ୍ପ ବର୍ଷା ?
- ବର୍ଷା ବୁନ୍ଦା ବଡ଼ ନା ଛୋଟ ?
- ବର୍ଷା ବୁନ୍ଦା ଶୀଘ୍ର ବା ଧୀର ଗତିରେ ତଳକୁ ଆସେ କି ?
- ବର୍ଷା ଏତେ ଜୋରରେ ହେଉଛି ଯେ ଜଳ ବୁନ୍ଦା ଦେଖାଯାଉନାହିଁ, କେବଳ ଜଳ ଧାରା ଦିଶୁଛି । ଏହା କି ପ୍ରକାର ବର୍ଷା ?
- ବର୍ଷା ସିଧାସଳଖ ବା ତେରେଛା ଭାବରେ ତଳକୁ ଖସୁଛି କି ? ତା'ର ଦିଗ ବଦଳାଉଛି କି ? ଅନୁମାନ କର କାହିଁକି ?
- ବର୍ଷା ଜଳକୁ ଏକ ପାତ୍ରରେ ସଂଗ୍ରହ କର । ଏହା କିପରି ଦେଖାଯାଉଛି ? ଏହା ପରିଷ୍କାର ନା ଅପରିଷ୍କାର ?

## ଆସ ଚିତ୍ର କରିବା

- ତୁମେ ବର୍ଷା ହେଉଥିବା ସମୟର ଏକ ଚିତ୍ର ଅଙ୍କନ କର ।








- ତୁମେ କଣ ଭାବୁଛ, ଆଜି ପୁଣି ବର୍ଷା ହେବ ? ନା ଆସନ୍ତା କାଲି ହେବ ? ତୁମେ କାହିଁକି ଏପରି ଭାବୁଛ ?
- କେବଳ ତୁମ ଅଞ୍ଚଳରେ ନା ଅନ୍ୟ ଆଖପାଖ ଅଞ୍ଚଳରେ ବର୍ଷା ହୋଇଛି ? ଅନୁମାନ କର, ତା'ପରେ ପଚାର ଏବଂ ବୁଝ ।
- ବର୍ଷା ବିଷୟରେ କିଛି ଗୀତ ଲେଖ କିମ୍ବା ଗାଅ ।
- ବର୍ଷା ହେଲେ ତୁମକୁ ଖୁସି ଲାଗେ କି ? ସମସ୍ତେ ଖୁସି ହୁଅନ୍ତି କି ? କାହିଁକି ?

## ବର୍ଷା ହେଲେ କ'ଣ ହୁଏ ?



ବର୍ଷା ହେଲେ ବହୁ ପରିମାଣର ଜଳ ମାଟିରେ ପଡ଼ିଥାଏ । ଏତେ ଜଳ କୁଆଡ଼େ ଯାଏ ?

ପାର୍ଶ୍ୱରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ । ବିଭିନ୍ନ ପୃଷ୍ଠରେ ପଡ଼ିବା ପରେ ଜଳର କ'ଣ ପରିବର୍ତ୍ତନ ଘଟୁଛି ଲକ୍ଷ୍ୟ କର ।




ବର୍ଷା ଜଳ ମାଟିରେ ଶୋଷିତ ହୁଏ, ପୋଖରୀରେ ଜମା ହୁଏ ନା ବୋହିଯାଏ ? ଏହି ଜଳ ଛୋଟ ଝରଣା କିମ୍ବା ନଦୀରେ ମିଶିଥାଏ କି ବୋଲି ପ୍ରଶ୍ନ ତୁମ ମନରେ କେବେ ଆସିଛି କି ?

ବର୍ଷା ବନ୍ଦ ହୋଇ ଆକାଶରେ ସୂର୍ଯ୍ୟ ଦେଖାଯିବା ପରେ କ'ଣ ହୁଏ ? ବର୍ଷା ଜଳ ସବୁ କୁଆଡ଼େ ଗଲା ? ନିଜେ ଅନୁମାନ କର ।

ଯେତେବେଳେ ବର୍ଷା ଜଳ ମାଟି ଦ୍ୱାରା ଶୋଷିତ ହୁଏ, ଏହା ଧୀରେ ଧୀରେ ମାଟି ତଳେ ପ୍ରବାହିତ ହୋଇ ଏକ ପୋଖରୀ କିମ୍ବା ଝରଣାରେ ମିଶିଯାଏ । କିଛି ଜଳ ଶିଳା ଓ ମାଟି ମଧ୍ୟରେ ଗଚ୍ଛିତ ହୋଇଯାଏ । ଆମ କୂଅର ଜଳ ଏହି ଭୂତଳ ଜଳ ଅଟେ ।



ଝରଣାରେ ପ୍ରବାହିତ ହେଉଥିବା ଜଳ ପରେ ନଦୀରେ ମିଶିଯାଏ । କିଛି ଜଳ ନର୍ଦ୍ଦମା, ପୋଖରୀ, ହ୍ରଦ, ସମୁଦ୍ର ଓ ମହାସାଗରରେ ଆସି ଜମା ହୋଇଥାଏ ।







- ତୁମ ଗାଁ କିମ୍ବା ସହର ନିକଟରେ ଝରଣା, ନଦୀ, ପୋଖରୀ କିମ୍ବା ହ୍ରଦ ଅଛି କି ? ଏହାର ନାମ ଜାଣି ସେହି ବିଷୟରେ କିଛି ସୂଚନା ସଂଗ୍ରହ କର । ଏହାକୁ ଭଲଭାବେ ଦେଖି ଚିତ୍ର ଅଙ୍କନ କର । ଏହାର ଆଖପାଖରେ ଦେଖାଯାଉଥିବା ଯେକୌଣସି ଗଛ, ପକ୍ଷୀ କିମ୍ବା ପଶୁଙ୍କ ଚିତ୍ର ମଧ୍ୟ ଅଙ୍କନ କର ।
- ନଦୀ ବିଷୟରେ ଏକ କବିତା ସଂଗ୍ରହ କରି ଏହାକୁ ଶ୍ରେଣୀରେ ଗାଅ ।

## ଜଳ ଏକ ମୂଲ୍ୟବାନ ଉପହାର !


ଜଳ ହେଉଛି ଆକାଶରୁ ଆମେ ପାଉଥିବା ଏକ ଉପହାର । ଏହି ଉପହାର ସ୍ୱତନ୍ତ୍ର ଉପାୟରେ ଆମ ଘରେ ପହଞ୍ଚିଥାଏ ।

ଆମେ ଏହି ମୂଲ୍ୟବାନ ଉପହାରର କିପରି ଯତ୍ନ ନେବା ? କିପରି ସଂରକ୍ଷଣ କରିବା ? ଆମେ ଏହାକୁ କିପରି ବିନିଯୋଗ କରିବା ? ଆସ ଘର ଭିତରକୁ ଯାଇ ଜାଣିବା ।

ଅଧିକାଂଶ ଦିନ ରାଜୁ ଓ ମିତା ଘରେ ଥିବା ଟ୍ୟାପରୁ ଜଳ ପାଆନ୍ତି । ବିଦ୍ୟାଳୟରେ ମଧ୍ୟ ସେମାନେ ଟ୍ୟାପରୁ ଜଳ ଆଣିଥାନ୍ତି । ଏହିସବୁ ଜଳ ପାଣି ପାଇପ୍‌ରେ ଆସେ । ପାଇପ୍‌କୁ ଜଳ କେଉଁଠାରୁ ଆସୁଛି ? ରାଜୁ ଓ ମିତା ତା'ର କାରଣ ଖୋଜି ଖୋଜି ଜାଣିଲେ ଯେ, ତାଙ୍କ ଘର ଛାତ ଉପରେ ଏକ ବଡ଼ ପାଣି ଟାଙ୍କି ଅଛି । ପାଣିଟାଙ୍କିକୁ ପାଣି କେଉଁଠାରୁ ଆସୁଛି, ଏହା ସେମାନଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କଲା ।



**ଶିକ୍ଷକଙ୍କ ପାଇଁ ସୂଚନା:**
ଉପର ଶ୍ରେଣୀରେ ଜଳଚକ୍ର ବିଷୟରେ ପଢ଼ାହେବ । ବର୍ତ୍ତମାନ ପାଇଁ, ପିଲାମାନେ ଜାଣନ୍ତୁ ଯେ କଠିନ ପୃଷ୍ଠରେ ଥିବା ଜଳ ସୂର୍ଯ୍ୟ ତାପରେ ଶୁଖିଯାଏ । ମାଟି ଦ୍ୱାରା ଶୋଷିତ ବର୍ଷା ଜଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଆମର ଜଳ ଉତ୍ସକୁ ପୁନଃ ସଂରକ୍ଷିତ କରେ ଏବଂ ଗଛକୁ ବଢ଼ିବାରେ ସାହାଯ୍ୟ କରେ ।





## ଆସ କଥା ହେବା




### ତୁମେ କେଉଁଠାରୁ ଜଳ ପାଅ ?

ତୁମେ ଟ୍ୟାପରୁ ଜଳ ପାଅ କି ? ଯଦି ହଁ, ତେବେ ତୁମ ଘରର ବୟସ୍କମାନଙ୍କୁ ପଚାର, ଟ୍ୟାପକୁ ଜଳ କେଉଁଠାରୁ ଆସେ । ସେମାନେ ତୁମକୁ ଛାତ ଉପରେ କିମ୍ବା କିଛି ଦୂରରେ ଥିବା ଏକ ଟାଙ୍କି ବିଷୟରେ କହିପାରନ୍ତି ।



ତୁମେ କୌଣସି ଟାଙ୍କି ବିଷୟରେ ଜାଣିଛ କି ଯେଉଁଠାରେ ଜଳ ଗଚ୍ଛିତ ହୁଏ ? ଜଳ କେମିତି ପହଞ୍ଚିଲା ସେହି ଟାଙ୍କିରେ ? ଏହି ଟାଙ୍କିକୁ ଜଳ ଯୋଗାଣ ପାଇଁ କିଛି ବଡ଼ ପାଇପ୍ ଅଛି କି ? ଏହି ପାଇପ୍ ଗୁଡ଼ିକ କେଉଁଠାରୁ ଆସିଛି ?



ତୁମେ କୂଅ କିମ୍ବା ନଳକୂପରୁ ଜଳ ଆଣ କି ? କୂଅରୁ କେମିତି ଜଳ ଅଣାଯାଉଛି ଦେଖ । ଏଥିପାଇଁ ବୋଧେ ପୁଲି କିମ୍ବା ହ୍ୟାଣ୍ଡପମ୍ପ କିମ୍ବା ଇଲେକ୍ଟ୍ରିକ୍ ପମ୍ପ ବ୍ୟବହାର କରାଯାଉଛି । କୂଅରେ ଜଳ କେଉଁଠୁ ଆସୁଛି ତାହା ପୁଣି ଥରେ ଅନୁମାନ କର ।


କୌଣସି ବ୍ୟକ୍ତି ଟ୍ୟାପ କିମ୍ବା କୂଅରୁ କିମ୍ବା କିଛି ଦୂରରେ ଥିବା ନଦୀ କିମ୍ବା ହ୍ରଦରୁ ତୁମ ଘରକୁ ଜଳ ଆଣୁଛନ୍ତି କି ? ଏହି ଜଳ ସେମାନେ କିପରି ଆଣନ୍ତି ? ଯେଉଁମାନେ ତୁମ ପାଇଁ ଜଳ ଆଣୁଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଅ ।





## ଆସ ଖୋଜିବା

- ତୁମ ଘରକୁ ଟ୍ୟାଙ୍କରରେ ଜଳ ଯୋଗାଣ ହୁଏ କି ? ଯଦି ହଁ ତେବେ ଜାଣିବାକୁ ଚେଷ୍ଟା କର ଟ୍ୟାଙ୍କର କେଉଁଠାରୁ ଜଳ ଆଣିଥାଏ । ତୁମ ପାଇଁ ତୁମ ଗାଁ କିମ୍ବା ସହର ନିକଟରେ ଥିବା କୂଅ, ନଦୀ କିମ୍ବା ହ୍ରଦରୁ ଜଳ ଆସିଥାଏ କି ?
- ତୁମେ ଏମିତି କାହାକୁ ଜାଣିଛ କି, ଯେଉଁମାନେ ପ୍ରତିଦିନ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ?



## ଦୈନନ୍ଦିନ ଜୀବନରେ ଜଳ

**ଆସ ଲେଖିବା**

- କେଉଁ କେଉଁ କାର୍ଯ୍ୟ କରିବାକୁ ଆମେ ଜଳ ଆବଶ୍ୟକ କରୁ, ସେଗୁଡ଼ିକର ତାଲିକା କର ।
- ଦାନ୍ତ ଘଷିବା ପାଇଁ ତୁମେ କେତେ ମଗ୍ ଜଳ ଦରକାର କର ? ଗାଧୋଇବା ପାଇଁ ତୁମେ କେତେ ଜଳ ବ୍ୟବହାର କର ?

ତୁମେ କେବେ ଜଳ ମିଳୁ ନ ଥିବା ପରିସ୍ଥିତିର ସମ୍ମୁଖୀନ ହୋଇଛ କି, ସେତେବେଳେ ତୁମେ କ'ଣ କରିଥିଲ ?

ଦିନେ କରିମ ଓ ମିତାଙ୍କ ସହ ମଧ୍ୟ ଏହିପରି ଘଟିଥିଲା । ତୁମେ ଜାଣ କି ସେମାନେ କ'ଣ କରିଥିଲେ ?






ତୁମ ଜେଜେବାପା, ଜେଜେମାଆ କିମ୍ବା କୌଣସି ବୟସ୍କଙ୍କୁ ପଚାର :

- ସେମାନେ କେମିତି ଜଳ ପାଉଥିଲେ ?
- ତୁମେ ବର୍ତ୍ତମାନ ଯେପରି ଜଳ ବ୍ୟବହାର କରୁଛ, ସେମାନେ ସେହିପରି ବ୍ୟବହାର କରୁଥିଲେ କି ?
- ସେମାନେ ଜଳକୁ କିପରି ଗଚ୍ଛିତ କରୁଥିଲେ ?
- ଆଲୋଚନାରୁ ଯାହା ଜାଣିଲ, ତାକୁ ନେଇ ଛୋଟ ଗପ ଲେଖ ।

ଯେତେବେଳେ ଆମେ ଜାଣିଥାଉ ଯେ ଆମକୁ ସବୁବେଳେ ଜଳ ମିଳୁନାହିଁ ସେତେବେଳେ ଆମେ ଏହାକୁ ଗଚ୍ଛିତ କରିରଖୁ । କେତେକ ସ୍ଥାନରେ ଲୋକମାନେ ତାଙ୍କ ଘରେ ଟ୍ୟାପ ଓ ପାଇପ୍ ଯୋଗେ ଜଳ ପାଉନାହାନ୍ତି । ସେମାନଙ୍କୁ ନଦୀ କିମ୍ବା କୂଅରୁ ଜଳ ଆଣିବାକୁ ପଡୁଛି । ବେଳେବେଳେ ଏଥିପାଇଁ ଟ୍ୟାଙ୍କର ଜରିଆରେ ଜଳ ଘରେ ପହଞ୍ଚାଇ ଗଚ୍ଛିତ ରଖାଯାଉଛି ।

ବହୁ ବର୍ଷ ପୂର୍ବେ ପୃଥିବୀର କୌଣସି ସ୍ଥାନରେ ପାଇପ୍ କିମ୍ବା ଟ୍ୟାପ ନଥିଲା । ତେଣୁ ଲୋକମାନେ ଜଳ ଗଚ୍ଛିତ ରଖିବା ପାଇଁ ବାସନ କିମ୍ବା ପାତ୍ର ତିଆରି କରିବା ଶିଖିଲେ । ଏଠାରେ ଏମିତି କିଛି ପାତ୍ର ଅଛି ଯାହାକୁ ଆମେ ଆଜିକାଲି ଘରେ ଜଳ ଗଚ୍ଛିତ ପାଇଁ ବ୍ୟବହାର କରିଥାଉ । ସେଗୁଡ଼ିକ ବିଭିନ୍ନ ପଦାର୍ଥରେ ନିର୍ମିତ ।


ମାଠିଆ


ମାଟି ସୁରେଇ


ତମ୍ବା ପାତ୍ର


ପିତ୍ତଳ ପାତ୍ର


ଷ୍ଟିଲ ପାତ୍ର


ଆଲୁମିନିୟମ ପାତ୍ର


କାଚ ବୋତଲ


ପ୍ଲାଷ୍ଟିକ ବୋତଲ


ପ୍ଲାଷ୍ଟିକ ବାଲଟି



## କାର୍ଯ୍ୟ ୩

### ଆସ ଗୋଟିଏ ପ୍ରଦର୍ଶନୀ ଆୟୋଜନ କରିବା


- ତୁମ ଘରେ ଜଳ ରଖିବା ପାଇଁ ବ୍ୟବହୃତ ବିଭିନ୍ନ ପାତ୍ରକୁ ଚିହ୍ନଟ କର।
- ତୁମ ପରିବାରର ବୟସ୍କମାନଙ୍କୁ ପଚାର ସେମାନେ କେଉଁ ପ୍ରକାର ପାତ୍ରରେ ଜଳ ଗଚ୍ଛିତ କରୁଥିଲେ ।
- ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ପାତ୍ରଗୁଡ଼ିକଠାରୁ ସେଗୁଡ଼ିକ ଭିନ୍ନ ଥିଲା କି ?
- ପାତ୍ରଗୁଡ଼ିକର ଭିନ୍ନ ନାମ ଥିଲା କି ?
- ଗୋଟିଏ କାଗଜରେ ତୁମକୁ ଆକର୍ଷଣୀୟ ଲାଗୁଥିବା କୌଣସି ପାତ୍ରର ଚିତ୍ର ଅଙ୍କନ କର ଏବଂ ଏହାର ନାମ ଲେଖ ।
- ତୁମ ଶିକ୍ଷକଙ୍କ ସହାୟତାରେ ତୁମ ଶ୍ରେଣୀଗୃହରେ ଏହି ଚିତ୍ରଗୁଡ଼ିକର ଏକ ପ୍ରଦର୍ଶନୀ କର ।
- ତୁମ ସହପାଠୀଙ୍କ ଚିତ୍ରଗୁଡ଼ିକୁ ନିରୀକ୍ଷଣ କର ।
- କେତେ ପ୍ରକାର ପାତ୍ରର ଚିତ୍ର ଅଙ୍କନ କରାଯାଇଛି ?
- ଏହି ପାତ୍ରଗୁଡ଼ିକର ଆକୃତି କିପରି ?





## ଆସ ଚିନ୍ତା କରିବା !








- ଜଳ ପୃଥିବୀକୁ ବର୍ଷା ହେଲେ ଆସିଥାଏ ।
- ଏହା ଧୀରେ ଧୀରେ ଆମର ଅନେକ ଜଳ ଉତ୍ସକୁ ପୂରଣ କରିଥାଏ - ଝରଣା, ନଦୀ, ପୋଖରୀ, ହ୍ରଦ, କୂଅ, ଭୂତଳ ଜଳ ଇତ୍ୟାଦି ।
- ଏହି ଉତ୍ସଗୁଡ଼ିକରୁ ଆମେ ବିଭିନ୍ନ ଉପାୟରେ ଆମ ଘରକୁ ଜଳ ଆଣିଥାଉ ।
- ଆମେ ଏହାକୁ ବିଭିନ୍ନ ଉପାୟରେ ଗଚ୍ଛିତ କରିଥାଉ ।
- ଆମେ ଏହାକୁ ଅନେକ ଉପାୟରେ ବ୍ୟବହାର କରିଥାଉ ।
- ଜଳକୁ ବ୍ୟବହାର କରିବା ପରେ ଏହାର କି ପରିବର୍ତ୍ତନ ଘଟେ ।








ଜଳ, ବିଭିନ୍ନ ଜିନିଷ ସଫା ରଖିବାରେ ଆମକୁ ସାହାଯ୍ୟ କରିଥାଏ । ଏହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ଅଟେ । କିନ୍ତୁ ଏହାକୁ ବ୍ୟବହାର କରିବା ପରେ ଜଳ ଅପରିଷ୍କାର ହୋଇଯାଏ । ଆମେ ପିଇବା କିମ୍ବା ରୋଷେଇ ପାଇଁ ଅପରିଷ୍କାର ଜଳ ବ୍ୟବହାର କରିପାରିବା ନାହିଁ । କିନ୍ତୁ ଆମେ ଗଛଗୁଡ଼ିକରେ ଜଳ ଦେବା ପାଇଁ କିମ୍ବା ଶୌଚାଳୟରେ ବ୍ୟବହାର ପାଇଁ ଏହି ଜଳକୁ ପୁନଃବ୍ୟବହାର କରିପାରିବା ।

ଆସ ଆମେ କମ୍ ଜଳ ବ୍ୟବହାର କରିବାକୁ ଚେଷ୍ଟା କରିବା ଏବଂ ଯେତେବେଳେ ବି ସମ୍ଭବ ଜଳର ପୁନଃ-ବ୍ୟବହାର କରିବା ।

ଜଳରେ ଅଧିକ ସାବୁନ ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶାଇବା ଉଚିତ ନୁହଁ । ଆସ, ପ୍ରକୃତିର ଏହି ମୂଲ୍ୟବାନ ଉପହାରର ଯତ୍ନ ନେବା ।



## ଜଳର ପ୍ରତିଟି ବୁନ୍ଦା ମୂଲ୍ୟବାନ

ଆମ ଜୀବନଧାରଣ ପାଇଁ ଜଳ ନିତାନ୍ତ ଆବଶ୍ୟକ ହେଉଥିବାରୁ ଏହାକୁ ଖୁବ୍ ପବିତ୍ର ବୋଲି ବିଚାର କରାଯାଏ । ଆମ ଘରକୁ ଆସୁଥିବା ଲୋକଙ୍କୁ ଆମେ ପ୍ରଥମେ ପାଣି ପିଇବାକୁ ଦେଇଥାଉ । ପାଣି ନ ପିଇ ଆମ ପାଇଁ ୩ ଦିନରୁ ଅଧିକ ଦିନ ବଞ୍ଚିବା କଷ୍ଟକର ହୋଇଯିବ ।

ଯେଉଁ ସ୍ଥାନଗୁଡ଼ିକରେ ବହୁତ କମ୍ ବର୍ଷା ହୁଏ ଏବଂ ବଡ଼ ବଡ଼ ଜଳାଶୟ ନଥାଏ, ସେଠାରେ ଜଳ ପାଇବା ପାଇଁ ଲୋକଙ୍କୁ ଅନେକ ଦୂର ଚାଲିବାକୁ ପଡ଼େ ।

ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ବିଶୁଦ୍ଧ ପାନୀୟଜଳ ପାଇବା ଉଚିତ । ଏହି ଭାବନା ତୁମ ମନକୁ ଆସୁଛି କି ?


### କାର୍ଯ୍ୟରେ ପରିଣତ କର

ତୁମ ଘରକୁ ଯେଉଁମାନେ ଆସିବେ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ପିଇବାକୁ ଦିଅ । ଅନେକ ସ୍ଥାନରେ ଘର ବାହାରେ ଜଳ ଭର୍ତ୍ତି ପାତ୍ର ରଖିବାର ପରମ୍ପରା ରହିଛି, ଯାହାଦ୍ୱାରା ଶୋଷ ହେଉଥିବା ପଶୁ/ପକ୍ଷୀ ଜଳ ପିଇପାରିବେ । ବିଶେଷ କରି ଗ୍ରୀଷ୍ମ ଋତୁରେ ଏହିପରି ବ୍ୟବସ୍ଥା କରାଯାଏ ।

ଆଜିକାଲି ଖରାଦିନେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସରକାରଙ୍କ ତରଫରୁ ମଧ୍ୟ ଜଳଛତ୍ର ଖୋଲି ପାନୀୟ ଜଳ ଯୋଗାଇ ଦିଆଯାଉଅଛି ।





ଜନସାଧାରଣଙ୍କ ପାଇଁ
ନିଃଶୁଳ୍କ ପାନୀୟ ଜଳ



ଗୋଟିଏ ଟାଙ୍କିରେ ପଶୁମାନଙ୍କ
ପାଇଁ ପାନୀୟ ଜଳ



ପକ୍ଷୀମାନଙ୍କ ଗାଧୁଆ ପାତ୍ର



## କାର୍ଯ୍ୟ ୪

**ପକ୍ଷୀଙ୍କ ଗାଧୋଇବା ପାଇଁ  ପାତ୍ର ପ୍ରସ୍ତୁତ କର- ଖରାଦିନେ ପକ୍ଷୀମାନଙ୍କୁ ଜଳ ଯୋଗାଅ ।**

ପକ୍ଷୀମାନେ ପିଇବା ପାଇଁ ଏବଂ ଥଣ୍ଡା ଅନୁଭବ କରିବା ପାଇଁ ଏକ ଛୋଟ ପ୍ଲେଟରେ ଜଳ ରଖାଯାଇଥାଏ ।

- ଗୋଟିଏ ଅଗଭୀର ଏବଂ ଚଉଡ଼ା ପାତ୍ର (ଗୋଟିଏ ପୁରୁଣା ବଡ଼ ପାତ୍ର କିମ୍ବା ଗୋଟିଏ ପୁରୁଣା ବାଲ୍‌ଟି ନ ହେଲେ ବାସନର ତଳ ଅଂଶ, ୧୦ସେ.ମି.ରୁ କମ୍ ଗଭୀର ବିଶିଷ୍ଟ) ନିଅ।




- ପକ୍ଷୀମାନଙ୍କ ବିଶ୍ରାମ ପାଇଁ ସେଥିରେ କିଛି ପଥର ରଖ । ତୁମେ କିଛି ଛୋଟ ପଥର ରଖି ଗଡ଼ାଣିଆ କରିପାର ।



- ପାତ୍ରରେ ସ୍ୱଚ୍ଛ ଜଳ ନିଅ ଏବଂ ତୁମ ଅଗଣା, ବାଲକୋନି କିମ୍ବା ଛାତରେ ରଖ ।
- ୨ କିମ୍ବା  ୩ ଦିନ ବ୍ୟବଧାନରେ ଜଳକୁ ବଦଳାଅ ।
- ସପ୍ତାହକୁ ଦୁଇଥର ଭଲ ଭାବରେ ଏହାକୁ ସଫା କର ।





## ଆସ ମନେ ପକାଇବା


### ୧. ଲେଖ

କ. ତୁମେ ବର୍ଷାକୁ ଅପେକ୍ଷା କରିଥିଲ ଓ ଦେଖିଲ ବର୍ଷା ବୁନ୍ଦା କିପରି ମାଟି ଉପରେ ପଡୁଛି । ବର୍ଷା ଜଳ ସଂଗ୍ରହ କରି ଦେଖିଲ ଯେ ଏହା ପରିଷ୍କାର ନା ଅପରିଷ୍କାର ? ବିଭିନ୍ନ ସ୍ଥାନରେ ପଡ଼ିଥିବା ବର୍ଷା ଜଳର କ'ଣ ହେଲା ତାହା ତୁମେ ଦେଖିଲ । ଏବେ ବର୍ଷାକୁ ନେଇ ତୁମ ପର୍ଯ୍ୟବେକ୍ଷଣ ଆଧାରରେ କିଛି ବାକ୍ୟ ଲେଖ ।

ଖ. ତୁମେ ତୁମ ଆଖପାଖରେ ଥିବା ଝରଣା, ନଦୀ, କୂଅ, ପୋଖରୀ କିମ୍ବା ହ୍ରଦର ନାମ ଏବଂ ସେ ବିଷୟରେ କିଛି ସୂଚନା ପାଇଥିଲ । ଏହାକୁ କିଛି ବାକ୍ୟରେ ଲେଖ; ଏହି ଜଳ ପିଇବା ପାଇଁ ବ୍ୟବହୃତ ହୁଏ କି ? ଯଦି ହଁ, ତେବେ ଏହି ଜଳ ତୁମ ଘରକୁ କିପରି ଆସେ ? ଯଦି ଏହା ବ୍ୟବହୃତ ହୁଏ ନାହିଁ, ତେବେ କାହିଁକି ? ଏହା ଅତୀତରେ ବ୍ୟବହୃତ ହେଉଥିଲା କି ?

### ୨. ଚିତ୍ର ଅଙ୍କନ କର

ପକ୍ଷୀ ଗାଧୋଇବା ପାତ୍ରର ଏକ ଚିତ୍ର ଅଙ୍କନ କର । କେଉଁ ପକ୍ଷୀ ଗାଧୋଇବା ପାତ୍ରକୁ ପାଣି ପିଇବାକୁ ଆସୁଥିଲା ତାହାର ନାମ ଲେଖ ।



### ୩. ଆଲୋଚନା କର

ଜଳ ଅତ୍ୟନ୍ତ ମୂଲ୍ୟବାନ । ଆମେ ଏହାକୁ କିପରି ବ୍ୟବହାର କରିବା ସେଥିପ୍ରତି ସତର୍କ ରହିବା ଉଚିତ । ଆମେ ଗୋଟିଏ ବୁନ୍ଦା ଜଳ ବି ନଷ୍ଟ କରିବା ଉଚିତ୍ ନୁହେଁ । ନିଜ ନିଜ ମଧ୍ୟରେ ତୁମେ ତଳେ ଲେଖାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଆଲୋଚନା କର ଓ ଦଳଗତ ଭାବେ ଉପସ୍ଥାପନ କର ।


କ. ତୁମ ଘରେ କିମ୍ବା ବାହାରେ କେଉଁ ସବୁ କାର୍ଯ୍ୟ ଦ୍ୱାରା ଜଳ ନଷ୍ଟ ଓ ପ୍ରଦୂଷିତ ହୁଏ ?

ଖ. ଆମେ କିପରି ଜଳର ଅପବ୍ୟବହାରକୁ ରୋକିପାରିବା ?

ଗ. ବିଶୁଦ୍ଧ ଜଳ ବ୍ୟବହାର କଲେ ଆମର କି କି ଉପକାର ହେବ ?

ଶେଷରେ ଦଳଗତ ଆଲୋଚନା କରି ଜଳ ଅପଚୟ ରୋକିବା ପାଇଁ କି କି ପଦକ୍ଷେପ ନେବ ଲେଖ । (ଯେକୌଣସି ତିନୋଟି)





ପାଠ ୮



# ଆମ ଖାଦ୍ୟ

## ମୋର ପ୍ରିୟ ଖାଦ୍ୟ

### ଆସ ଚିତ୍ର କରିବା

ଘରେ ତିଆରି ହେଉଥିବା ତୁମ ମନପସନ୍ଦର ଖାଦ୍ୟର ଚିତ୍ର ଅଙ୍କନ କର ଏବଂ ସେଗୁଡ଼ିକର ନାମ ଲେଖ ।

## କାର୍ଯ୍ୟ ୧

ତୁମେ ଆଙ୍କିଥିବା ଖାଦ୍ୟ ସାମଗ୍ରୀକୁ କାହିଁକି ପସନ୍ଦ କର ତାହାର କାରଣ କୁହ ।

ଆମେ ସମସ୍ତେ ଭିନ୍ନ ଭିନ୍ନ ଜିନିଷ ଖାଇବା ଓ ପିଇବାକୁ ପସନ୍ଦ କରିଥାଉ । ଏଥିମଧ୍ୟରୁ କିଛି ଖାଦ୍ୟ ସାମଗ୍ରୀ ମିଠା, କିଛି ଖଟା, କିଛି ରାଗ ଓ କିଛି ପିତା । ଆମେ ଫଳ, ପନିପରିବା ଏବଂ ଭାତ, ଡାଲି କିମ୍ବା ରୁଟି ଖାଇଥାଉ । ଆମେ କ୍ଷୀର, ଲସି, ସରବତ କିମ୍ବା ଜୁସ୍ ପିଇଥାଉ । ତୁମେ କହିପାରିବ କି ଆମେ ଖାଦ୍ୟ ଖାଉ କାହିଁକି ?

## ତୁମେ ଜାଣ କି ?

'ଛପନ ଭୋଗ' ଏକ ବିଶେଷ ଖାଦ୍ୟ । ଅତିଥି ଏବଂ ପରିବାରବର୍ଗଙ୍କ ସମ୍ମାନରେ ତଥା ପର୍ବପର୍ବାଣି ଏବଂ ଶୁଭ ଅବସରରେ ଏହା ପ୍ରସ୍ତୁତ କରାଯାଏ । ଏଥିରେ ୫୬ ପ୍ରକାର ଖାଦ୍ୟ ପଦାର୍ଥ ରହିଛି ଯାହା ଛଅଟି ସ୍ୱାଦର ସମନ୍ୱିତ ମିଶ୍ରଣକୁ ପ୍ରତିପାଦିତ କରେ:- ମିଠା, ରାଗ, କଷା, ଖଟା, ଲୁଣିଆ ଏବଂ ପିତା ।

## ଆସ ଖୋଜିବା

ନିଜ ପରିବାରର ବଡ଼ମାନଙ୍କ ସହ କଥା ହୁଅ ଏବଂ ଶ୍ରେଣୀରେ ଆଲୋଚନା କର, ଆମର ଖାଇବା ଓ ପିଇବା କାହିଁକି ଆବଶ୍ୟକ ?

## ଜଣେ ଧାବିକାଙ୍କ କାହାଣୀ

ରେଶ୍ମା ତୃତୀୟ ଶ୍ରେଣୀରେ ପଢୁଥିଲା । ସେ ବହୁତ ଦ୍ରୁତ ଗତିରେ ଦୌଡୁଥିଲା । ସେ ଶ୍ରେଣୀରେ ସମସ୍ତଙ୍କ ତୁଳନାରେ ଦ୍ରୁତ ଗତିରେ ଦୌଡୁଥିଲା । ଦିନେ ସ୍କୁଲରେ ଏକ କ୍ରୀଡ଼ା ପ୍ରତିଯୋଗିତାରେ ରେଶ୍ମା ଜଣେ ଧାବିକାଙ୍କୁ ଭେଟିଲା ଯିଏ ଚାମ୍ପିୟନ ହୋଇ ଅନେକ ପଦକ ଜିତିଥିଲେ । ରେଶ୍ମା ଚାମ୍ପିୟନଙ୍କୁ ପଚାରିଲା, ''ମୁଁ କେମିତି ତୁମ ଭଳି ଦୌଡ଼ି ପଦକ ଜିତିପାରିବି'' ?

**ଶିକ୍ଷକଙ୍କ ପାଇଁ ସୂଚନା:**
ପିଲାମାନଙ୍କୁ ସେମାନଙ୍କ ମନପସନ୍ଦର ଖାଦ୍ୟ ସାମଗ୍ରୀ ବିଷୟରେ ପଚାରନ୍ତୁ । କଳାପଟାରେ ଏହି ଖାଦ୍ୟ ପଦାର୍ଥର ନାମ ଲେଖନ୍ତୁ ଏବଂ ପିଲାମାନଙ୍କୁ ସେ ବିଷୟରେ କହିବାକୁ ଉତ୍ସାହିତ କରନ୍ତୁ ।





ଚାମ୍ପିୟନ ରେଶ୍ମାଙ୍କୁ କହିଲେ, ''ଯଦି ସେ ଅଧିକ ଅଭ୍ୟାସ କରିବ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବ ତେବେ ସେ ମଧ୍ୟ ଚାମ୍ପିୟନ ହୋଇପାରିବ ।'' ରେଶ୍ମା କହିଲା, "ମୁଁ ବହୁତ ଅଭ୍ୟାସ କରେ, କିନ୍ତୁ ମୁଁ ପ୍ରାୟତଃ ଅସୁସ୍ଥ ହୋଇପଡ଼େ । ଚାମ୍ପିୟନ ପଚାରିଲେ, "ତୁମେ କ'ଣ ଖାଉଛ ?'' ରେଶ୍ମା କହିଲା, "ମୋତେ କେବଳ ଭାତ ଓ ଆଳୁ ଭଲ ଲାଗେ ।'' ଚାମ୍ପିୟନ ହସି କହିଲେ, ''ରେଶ୍ମା, ତୁମେ ଭାତ ଓ ଆଳୁ ଖାଇବା ଭଲ, କିନ୍ତୁ ଏକ ବଳିଷ୍ଠ ଏବଂ ସୁସ୍ଥ ଶରୀର ପାଇଁ ତୁମକୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଖାଇବା ଆବଶ୍ୟକ ।''



''ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଖାଅ । ବିଭିନ୍ନ ପ୍ରକାର ଶସ୍ୟରୁ ପ୍ରସ୍ତୁତ ଜିନିଷ ଖାଅ ଯେପରି- ଭାତ, ମାଣ୍ଡିଆ, ଯଅ, ଗହମ, ବାଜରା ଏବଂ ଆହୁରି ଅନେକ କିଛି । ବୁଟ, ମଟର, ଗଜାମୁଗ ଭଳି ଡାଲି ଜାତୀୟ ଏବଂ ବାଦାମ ଜାତୀୟ ଖାଦ୍ୟ ଖାଅ । ସବୁବେଳେ ଘରେ ରନ୍ଧା ହୋଇଥିବା ଖାଦ୍ୟ ଖାଇବା ଭଲ । ପ୍ରତ୍ୟେକ ଦିନ କ୍ଷୀର ପିଇଲେ ମଧ୍ୟ ଶରୀର ସୁସ୍ଥ ରହେ ।''




ରେଶ୍ମା ଚାମ୍ପିୟନଙ୍କ ପରାମର୍ଶ ମାନିଲା । ପ୍ରତିଦିନ ଦୌଡ଼ିବାର କଠିନ ଅଭ୍ୟାସ କଲା ଏବଂ ଘରେ ରନ୍ଧା ହୋଇଥିବା ବିଭିନ୍ନ ପ୍ରକାର ଖାଦ୍ୟ ଖାଇବା ଆରମ୍ଭ କଲା ।  କିଛି ମାସ ପରେ ସେ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଦୌଡ଼ି ପାରିଲା । ନିଜକୁ ଶକ୍ତିଶାଳୀ ଓ ସୁସ୍ଥ ଅନୁଭବ କଲା । ସେ ସନ୍ତୁଳିତ ଖାଦ୍ୟର ମୂଲ୍ୟ ବୁଝିଲା । ନିକଟରେ ସେ ଏକ ଦୌଡ଼ ପ୍ରତିଯୋଗିତାରେ ନିଜ ବିଦ୍ୟାଳୟ ପାଇଁ ପଦକ ଜିତିଥିଲା ।



## ଆସ କଥା ହେବା

ଆମେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାର ଆବଶ୍ୟକତା କ'ଣ ?

## କାର୍ଯ୍ୟ ୨


ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକରୁ ତୁମେ ନିୟମିତ ଖାଉଥିବା ଖାଦ୍ୟ ପଦାର୍ଥକୁ ଠିକ୍ (✓)ଚିହ୍ନ ଦିଅ ।




☐ ପନିପରିବା




☐ ସାଲାଡ୍




☐ ଫଳ




☐ ମିଠା



☐ ଭାତ



☐ ଡାଲି



☐ ରୁଟି




☐ କ୍ଷୀର



☐ ଛଣାଖାଦ୍ୟ



☐ ଲସି



☐ ଜୁସ୍



☐ ପନିର

ଉପରୋକ୍ତ କେଉଁ ଖାଦ୍ୟଗୁଡ଼ିକ ସନ୍ତୁଳିତ ଖାଦ୍ୟର ଅଂଶ ହେବା ଉଚିତ ବୋଲି ତୁମେ ଭାବୁଛ ?



## ବିଭିନ୍ନ ପ୍ରକାର ଖାଦ୍ୟ

ଗ୍ରୀଷ୍ମ ଓ ଶୀତ ଦିନେ ଆମ ପରିବାରର ବୟସ୍କ ଲୋକମାନେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ରୋଷେଇ କରିଥାନ୍ତି । ଗରମ ଦିନରେ ଆମେ କୁଲ୍ଫି କିମ୍ବା ଆଇସ୍‌କ୍ରିମ୍ ଖାଇବାକୁ ଭଲ ପାଉ । ସରବତ୍ ଏବଂ ପଇଡ଼ ପାଣି ପିଉ । ଶୀତଦିନେ ଆମେ ଗରମ ଖାଦ୍ୟ ଖାଉ ଓ ସୁପ୍ (ପରିବା ସିଝା ପାଣି) ପରି ଗରମ ପାନୀୟର ମଜା ନେଇଥାଉ । ଭିନ୍ନ ଭିନ୍ନ ଋତୁରେ ଆମେ ଭିନ୍ନ ଭିନ୍ନ ଫଳ ଓ ପନିପରିବା ଖାଇଥାଉ । ଖରାଦିନେ ଆମକୁ ଆମ୍ବ ଓ ତରଭୁଜ ଏବଂ ଶୀତଦିନେ ପ୍ରଚୁର ପରିମାଣରେ କମଳା, ସେଓ ଆଦି ଫଳ ମିଳିଥାଏ ।




ଗ୍ରୀଷ୍ମ ଏବଂ ଶୀତ ଦିନରେ ଉପଲବ୍ଧ ଫଳ ଓ ପନିପରିବା ସହିତ ପ୍ରସ୍ତୁତ ହେଉଥିବା ବିଶେଷ ଖାଦ୍ୟ ପଦାର୍ଥର ଏକ ତାଲିକା ପ୍ରସ୍ତୁତ କର ।

| ଗ୍ରୀଷ୍ମ ଋତୁ | ଶୀତ ଋତୁ |
|---|---|
| | |
| | |
| | |
| | |
| | |

ଆମ ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଭିନ୍ନ ଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଖାଇଥାନ୍ତି । ଏମିତି କିଛି ଖାଦ୍ୟ ଅଛି ଯାହା ବିଷୟରେ ତୁମେ ଶୁଣିଛ କିନ୍ତୁ ଏପର୍ଯ୍ୟନ୍ତ ତାହାର ସ୍ୱାଦ ଜାଣି ନାହଁ । ତୁମେ ଏବଂ ତୁମ ବନ୍ଧୁ କିମ୍ବା ପରିବାର ସଦସ୍ୟମାନେ ବିଭିନ୍ନ ସ୍ଥାନ ଭ୍ରମଣ କରି ସେଠାକାର ଭିନ୍ନ ଭିନ୍ନ ପ୍ରକାର ସ୍ଥାନୀୟ ଖାଦ୍ୟ ଖାଇଥିବ । ତୁମେ ଜାଣିଥିବା କୌଣସି ବ୍ୟକ୍ତି ହୁଏତ ଦେଶର ଅନ୍ୟ ପ୍ରାନ୍ତରେ ରହି ତୁମେ ଯାହା ଖାଉଛ ତାହାଠାରୁ ଭିନ୍ନ କିଛି ଖାଦ୍ୟ ଖାଉଥିବେ । ଏହିସବୁ ଖାଦ୍ୟର ନାମ ଜାଣ ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କର ।



## ତୁମ ଅଞ୍ଚଳରେ ଏହି ପାନୀୟଗୁଡ଼ିକର ଯଦି ଭିନ୍ନ ନାମ ଥାଏ, ତେବେ ସେଗୁଡ଼ିକର ନାମ କୁହ ।


ପଇଡ଼ ପାଣି


ଆମ୍ବ ରସ


ଆଖୁରସ


ବେଲ ପଣା


କମଳା ରସ


ଲେମ୍ବୁ ପାଣି

ଖରାଦିନେ ପାଗ ଗରମ ରହିଥାଏ । ଆମ ଶରୀରରୁ ବହୁତ ଝାଳ ବାହାରିଥାଏ । ଯେତେବେଳେ ଆମର ଝାଳ ବାହାରିଥାଏ ସେତେବେଳେ ଆମ ଶରୀରରେ ଜଳର ପରିମାଣ କମିଯାଏ । ସେଥିପାଇଁ ଖରାଦିନେ ଆମେ ଅଧିକ ପାଣି, ଦହି, ଲେମ୍ବୁ ପାଣି, ଫଳରସ, ଆଖୁରସ ବା ପଇଡ଼ ପାଣି ପିଇଥାଉ ।

ଖେଳିବା ବେଳେ କିମ୍ବା କୌଣସି ଶାରୀରିକ ପରିଶ୍ରମ କରିବା ସମୟରେ ମଧ୍ୟ ଆମ ଶରୀରରୁ ଝାଳ ବାହାରିଥାଏ । ତେଣୁ ଆମେ ବାରମ୍ବାର ପାଣି ପିଇବା ଉଚିତ ।

ତୁମେ ଦିନକୁ କେତେ ଥର ପାଣି ପିଅ ?

ଆମ ଶରୀରକୁ ବହୁତ ଜଳ ଦରକାର ହୋଇଥାଏ । ବିନା ଜଳରେ ଆମେ ବଞ୍ଚିପାରିବା ନାହିଁ । ସେଥିପାଇଁ ଆମେ ବାରମ୍ବାର କହିଥାଉ, **'ଜଳ ହିଁ ଜୀବନ'** ।

ଖାଦ୍ୟ କେଉଁଠୁ ଆସେ ?




- ତୁମେ ଜାଣ କି କ୍ଷେତରେ କେଉଁ କେଉଁ ଫସଲ ଚାଷ କରାଯାଏ ? ଏଭଳି କିଛି ଫସଲର ନାମ ଲେଖ ।
- ଏଥିମଧ୍ୟରୁ କେତେକ ଖାଦ୍ୟ କେଉଁ ରୂପରେ ରନ୍ଧାଯାଏ ସେ ବିଷୟରେ ଆଲୋଚନା କର ଏବଂ ଲେଖ ।




ଆମେ ଗଛର ବିଭିନ୍ନ ଅଂଶ ଖାଇଥାଉ । ନିମ୍ନରେ କେତେକ ଉଦାହରଣ ଦିଆଯାଇଛି । ତୁମେ ଖାଉଥିବା ଖାଦ୍ୟ ପାଖରେ ଠିକ୍ (✓) ଚିହ୍ନ ଦିଅ ।

## ପତ୍ର




☐ ପାଳଙ୍ଗ ☐ ମେଥି ☐ ବନ୍ଧାକୋବି / ପତ୍ରକୋବି ☐ ସୋରିଷ ☐ ଧନିଆ

## ଫଳ



☐ ପିଜୁଳି ☐ ସପେଟା ☐ ସେଓ ☐ ଆମ୍ବ


## ମୂଳ




☐ ଗାଜର ☐ ମୂଳା ☐ ବିଟ୍




**କାଣ୍ଡ**



☐ ଆଳୁ



☐ ବାଉଁଶ କରଡ଼ି



☐ ଅଦା




☐ ପିଆଜ


**ମଞ୍ଜି**



☐ ଶସ୍ୟ



☐ ଡାଲି



☐ ଶୁଖିଲା ଫଳ

ଏହାଛଡ଼ା ଆମେ ପ୍ରାଣୀମାନଙ୍କଠାରୁ ମିଳୁଥିବା କ୍ଷୀର, ଦହି, ଘିଅ, ଲହୁଣୀ, ପନିର, ମହୁ, ଅଣ୍ଡା, ମାଛ ଓ ମାଂସ ଆଦି ଖାଇଥାଉ ।

ଆମେ ସବୁଠାରୁ ଅଧିକ ବ୍ୟବହାର କରୁଥିବା ଦୁଇଟି ଉପାଦାନ ଉଦ୍ଭିଦ କିମ୍ବା ପ୍ରାଣୀମାନଙ୍କଠାରୁ ମିଳେ ନାହିଁ । ଏହି ଉପାଦାନ ଦୁଇଟି ମଧ୍ୟରୁ ଅତି କମ୍‌ରେ ଗୋଟିଏର ନାମ କୁହ ।

ପରିବାରରେ ତୁମେ ତୁମ ଭାଇ ଭଉଣୀଙ୍କ ସହିତ ଖାଦ୍ୟ ବାଣ୍ଟି ଖାଅ କି ?



## ଆସ ଚିନ୍ତା କରିବା

### ୧. ଆଲୋଚନା କର

କ. ଆମ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ କାହିଁକି ଆବଶ୍ୟକ ?

ଖ. ଆମେ କାହିଁକି ଋତୁକାଳୀନ ଖାଦ୍ୟ ଖାଇଥାଉ ?

ଗ. ଖାଦ୍ୟ ସ୍ୱାସ୍ଥ୍ୟକର କିମ୍ବା ଅସ୍ୱାସ୍ଥ୍ୟକର ତାହା ତୁମେ କିପରି ଜାଣିବ ?

ଘ. ଖାଦ୍ୟ ନଷ୍ଟ ନ କରିବା କାହିଁକି ଜରୁରୀ ? ଘରେ ଖାଦ୍ୟ ନଷ୍ଟ କମାଇବା ପାଇଁ ତୁମେ କିଛି ଉପାୟ ଚିନ୍ତା କରିପାରିବ କି ?

### ୨. ଲେଖ

କ. ତୁମ ପରିବାରରେ ଖାଉଥିବା ଫଳ ଓ ପନିପରିବାର ତାଲିକା କର ।

ଖ. ନିଜ ପସନ୍ଦ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ଲେଖ ।

ଗ. ଏକ ଖାଦ୍ୟ ପଦାର୍ଥର ନାମ ଲେଖ, ଯେଉଁଥିରେ ଉଭୟ ଉଦ୍ଭିଦ ଏବଂ ପ୍ରାଣୀଭିତ୍ତିକ ଉପାଦାନ ରହିଛି । ଉଦାହରଣ ସ୍ୱରୂପ- 'ଲସି' ଦହି ଓ ଚିନିରୁ ତିଆରି, ଦହି କ୍ଷୀରରୁ ପ୍ରସ୍ତୁତ (ଏହା ପଶୁଭିତ୍ତିକ ଉପାଦାନ) ଏବଂ ଚିନି ଆଖୁରୁ ପ୍ରସ୍ତୁତ (ଏହା ଉଦ୍ଭିଦଭିତ୍ତିକ ଉପାଦାନ) ।

### ୩. ଚିତ୍ର ଅଙ୍କନ କର

କ. ତୁମ ଖାତାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ସହିତ ତିନୋଟି ଖାଇବା ପ୍ଲେଟ୍ କିମ୍ବା ଥାଳିର ଚିତ୍ର ଅଙ୍କନ କର ।

ଖ. ଏହି ପ୍ଲେଟରେ ତୁମେ ସକାଳ, ଅପରାହ୍ଣ ଓ ରାତିରେ ଖାଇଥିବା ଖାଦ୍ୟ ସାମଗ୍ରୀର ଚିତ୍ର ଆଙ୍କି ନାମ ଦିଅ ।

### ୪. ଏକାଠି ଖାଇବା

ଶ୍ରେଣୀକୁ ଯେକୌଣସି ଗୋଟିଏ ଫଳ ଆଣ । ତୁମ ଶିକ୍ଷକଙ୍କ ସାହାଯ୍ୟରେ ସେହି ଫଳର ଚାଟ୍ କିମ୍ବା ସାଲାଡ୍ ପ୍ରସ୍ତୁତ କର । ଏହାକୁ ତୁମ ସାଙ୍ଗମାନଙ୍କ ସହିତ ବାଣ୍ଟି ଖାଅ ।

### ୫. ଚିନ୍ତା କର

କଳ୍ପନା କର ଯେ ତୁମ ଘରକୁ ହଠାତ୍ ଜଣେ ଅତିଥି ଆସିଛନ୍ତି । ତୁମେ ତାଙ୍କୁ କେଉଁ ପ୍ରକାର ଖାଦ୍ୟ ପରିବେଷଣ କରିବ ଏବଂ କାହିଁକି ?



ପାଠ ୯

# ସୁସ୍ଥ ଏବଂ ସୁଖୀ ରହିବା



ଆମେ ଜାଣିଛେ, ଆମେ ସୁସ୍ଥ ରହିଲେ ଆମ ଶରୀର ଏବଂ ମନ ଠିକ୍ ଭାବରେ କାମ କରିପାରିବ । ଶରୀରକୁ ପରିଷ୍କାର ଓ ରୋଗମୁକ୍ତ ରଖିବା ପାଇଁ ଏଠାରେ କିଛି ସରଳ ଅଭ୍ୟାସର ଚିତ୍ର ଦିଆଯାଇଛି । ଏହି ଅଭ୍ୟାସ ଗୁଡ଼ିକ ଆମ ଶରୀର ଏବଂ ମନକୁ ସୁସ୍ଥ ଓ ଖୁସି ରଖିଥାଏ ।









## ପରିଷ୍କାର ଏବଂ ପରିଛନ୍ନତା



ଏହି ପ୍ରଶ୍ନ ଗୁଡ଼ିକ ନିଜକୁ ପଚାର ।

- ମୁଁ ଆଜି ଦାନ୍ତ ଘଷିଛି କି ?
- ମୁଁ ଗାଧୋଇଛି କି ?
- ମୁଁ ମୁଣ୍ଡ କୁଣ୍ଡାଇଛି କି ?
- ମୁଁ ସାବୁନରେ ହାତ ଧୋଇଛି କି ?
- ମୁଁ ନଖ କାଟି ସଫା କରିଛି କି ?

## ଦୈନିକ କାର୍ଯ୍ୟାବଳୀ

**ଆସ ଲେଖିବା**

ପ୍ରତିଦିନ ଉଠିବାଠାରୁ ଆରମ୍ଭ କରି ଶୋଇବା ପର୍ଯ୍ୟନ୍ତ କ'ଣ ସବୁ କାମ କରୁଛ ତାହା ଲେଖି ରଖ । ତୁମ ତାଲିକାରେ ନିମ୍ନଲିଖିତ କାର୍ଯ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ । ତୁମେ ଦିନରେ ଏଭଳି କିଛି କାମ ଏକାଧିକ ଥର କର ।



- ଗାଧୋଇବା
- ସାବୁନରେ ହାତ ଧୋଇବା
- ଦାନ୍ତ ଘଷିବା
- ୬ରୁ ୮ ଗ୍ଲାସ ପାଣି ପିଇବା
- ଖାଦ୍ୟ ଖାଇବା
- ଅତି କମ୍‌ରେ ୮ ଘଣ୍ଟା ଭଲ ଭାବେ ଶୋଇବା
- ବାହାରେ ଖେଳିବା

## ଏହି କାର୍ଯ୍ୟ ଗୁଡ଼ିକ ପାଇଁ ତୁମ ତାଲିକାକୁ ଦେଖ

- ତୁମେ ଦିନରେ ଦୁଇଥର ଦାନ୍ତ ଘଷୁଛ କି- ଥରେ ସକାଳୁ ଉଠିବା ପରେ ଏବଂ ଥରେ ଶୋଇବା ପୂର୍ବରୁ ?
- ଖାଦ୍ୟ ଖାଇବା ପରେ ପ୍ରତିଥର କୁଳି କରୁଛ କି ?
- ଶୌଚାଳୟ ବ୍ୟବହାର କରିବା ପରେ ଏବଂ ବାହାରୁ ଘରକୁ ଆସିବା ପରେ ତୁମେ ସାବୁନରେ ହାତ ଧୋଉଛ କି ?
- ଯଦି ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ତୁମେ କୌଣସି ପ୍ରଶ୍ନର ଉତ୍ତର "ନା", କହୁଛ ତେବେ ତୁମେ ଏହାକୁ କିପରି ଅଭ୍ୟାସରେ ପରିଣତ କରିପାରିବ ତାହା ଚିନ୍ତା କର ଏବଂ ଆଲୋଚନା କର । ତୁମକୁ ଏହି କାର୍ଯ୍ୟକୁ ଅନୁସରଣ କରିବାରେ କିଛି ଅସୁବିଧା ହେଉଛି କି ?



## ଆମେ କେମିତି ଦାନ୍ତ ଘଷିବା ?

ମୌସୁମୀର ଜେଜେବାପା ଗୋଟିଏ ନିମ୍ବ କିମ୍ବା ବବୁଲ୍ ଗଛର କାଠି ବ୍ୟବହାର କରି ଦାନ୍ତ ସଫା କରନ୍ତି । "ଜେଜେ ! ତୁମେ ଆମ ଭଳି ଦାନ୍ତ ଘଷିବା ପାଇଁ ବ୍ରସ କାହିଁକି ବ୍ୟବହାର କରୁନାହଁ ?" ବୋଲି ମୌସୁମୀ ପଚାରିଲା ।



ଜେଜେ ହସି ହସି କହିଲେ, "ଆଚ୍ଛା, ପ୍ରତିଦିନ ମୁଁ ପାଖରେ ଥିବା ଗଛରୁ ଏକ ତାଜା କାଠି ଆଣିଥାଏ । ମୁଁ ଏହାକୁ ଚୋବାଇ ବ୍ରସ୍ ଭଳି କରିଥାଏ ଏବଂ ମୋ ଦାନ୍ତ ମଧ୍ୟରେ ଫସି ରହିଥିବା ଖାଦ୍ୟ କଣିକାଗୁଡ଼ିକୁ ବାହାର କରିଥାଏ । ଏହା ଦ୍ୱାରା ମୋ ମାଢ଼ି ମଜବୁତ ହୋଇଥାଏ । ତୁମେ ମଧ୍ୟ ଏହାକୁ ବେଳେବେଳେ ଚେଷ୍ଟା କରିବା ଉଚିତ ।"

ମୌସୁମୀ ଦେଖିଲା ନିମ୍ବ କାଠି ଅତ୍ୟଧିକ ପିତା, କିନ୍ତୁ ବବୁଲ୍ କାଠିର ସ୍ୱାଦ ତା'ଠାରୁ ଭଲ ଥିଲା । "ଜେଜେ, ମୁଁ ବବୁଲ୍ କାଠି ବ୍ୟବହାର କରି ଦାନ୍ତ ଘଷିବା ଆରମ୍ଭ କରିପାରେ !" ମୌସୁମୀ କହିଲା ।




ତୁମ ଜେଜେବାପା, ଜେଜେମା' କିମ୍ବା ତୁମ ପଡ଼ିଶାର କୌଣସି ବୟସ୍କ ବ୍ୟକ୍ତିଙ୍କୁ ପଚାର ସେମାନେ ଛୋଟବେଳେ କେଶ, ଶରୀର ଓ ପୋଷାକ ଧୋଇବା ଏବଂ ଦାନ୍ତ ସଫା କରିବା ପାଇଁ କ'ଣ ବ୍ୟବହାର କରୁଥିଲେ ? ସେହି ଜିନିଷ ଏବେ ମିଳୁଛି କି ?



### ତୁମେ ଜାଣ କି ?

ଦାନ୍ତ ଘଷିବାର ଆଧୁନିକ ଧାରଣା ଭାରତୀୟ ସ୍ୱଚ୍ଛତା ପରମ୍ପରା ଦାନ୍ତକାଠିରୁ ଆସିଛି- ଦାନ୍ତ ସଫା କରିବା ପାଇଁ ଆମେ ନିର୍ଦ୍ଦିଷ୍ଟ ଗଛ ଯଥା ନିମ୍ବ, କରଞ୍ଜ, ବବୁଲ୍ ଆଦିର କାଠି ବ୍ୟବହାର କରୁ ।

### କାର୍ଯ୍ୟ ୧

## କମଳା ଓ ଲେମ୍ବୁ ଚୋପା ବ୍ୟବହାର କରି ଘର ସଫେଇ ସାମଗ୍ରୀ ତିଆରି କରିବା

ରୋଷେଇ ଘର, ଆସବାବପତ୍ର ଓ ଗାଧୁଆ ଘର ଆଦିର ପୃଷ୍ଠରୁ ମଇଳା ଓ ଜୀବାଣୁ ବାହାର କରିବା ପାଇଁ ଆମେ ଘରେ ଅନେକ ସଫେଇ ପଦାର୍ଥ ବ୍ୟବହାର କରିଥାଉ । ତୁମ ଘର ସଫା କରିବା ପାଇଁ କେଉଁ ସାମଗ୍ରୀ ବ୍ୟବହାର କରାଯାଏ ପଚାରି ବୁଝ । ତୁମେ ମଧ ପରିବେଶ ଉପଯୋଗୀ ସଫେଇ ସାମଗ୍ରୀ ନିଜେ ତିଆରି କରିପାରିବ । ଏଥିପାଇଁ ତୁମକୁ କ'ଣ ଦରକାର :




- ଗୋଟିଏ ଅଧ ଲିଟର ସ୍ୱଚ୍ଛ ପାତ୍ର
- ୮ରୁ ୧୨ଟି କମଳା ବା ଲେମ୍ବୁର ଚୋପା
- ଦଶଟି ଲବଙ୍ଗ କିମ୍ବା ୨-୩ଟି ତେଜପତ୍ର
- ଦୁଇ କପ୍ ଭିନେଗାର, ଯାହା କମଳା ବା ଲେମ୍ବୁ ଚୋପା କିମ୍ବା ମସଲାକୁ ବୁଡ଼ାଇବା ପାଇଁ ଯଥେଷ୍ଟ ।


ଏବେ ଏହି ସବୁ ସାମଗ୍ରୀକୁ ଏକ ଅଧ ଲିଟର ସ୍ୱଚ୍ଛ ପାତ୍ରରେ ରଖି ଠିପିଟିକୁ ବନ୍ଦ କରିଦିଅ । ପାତ୍ରଟିକୁ ପ୍ରାୟ ଦୁଇ ସପ୍ତାହ ଖରା ପଡୁଥିବା ସ୍ଥାନରେ ରଖ, ବେଳେବେଳେ ମିଶ୍ରଣକୁ ହଲାଇ ଦିଅ । ଦୁଇ ସପ୍ତାହ ପରେ ତରଳ ପଦାର୍ଥକୁ ଛାଣି ଦିଅ । ସମସ୍ତ କାମ ପାଇଁ ତୁମର ଘର ସଫେଇ ସାମଗ୍ରୀ ପ୍ରସ୍ତୁତ ହୋଇଗଲା । ଘର ଏବଂ ଗାଧୁଆ ଘରର ଚଟାଣ ସଫା କରିବା ପାଇଁ ତୁମେ ଏକ ବାଲ୍ଟି ପାଣିରେ ଏକ କପ୍ ତରଳ ପଦାର୍ଥ ମିଶାଇ ପାରିବ ।




**ଶିକ୍ଷକଙ୍କ ପାଇଁ ସୂଚନା:**

- ଆପଣ ଆଲୋଚନା କରିପାରନ୍ତି ଯେ, ଆମର ରହିବା ସ୍ଥାନ ଓ ଜଳ ସମ୍ବଳର ଉପଲବ୍ଧତା ଉପରେ ଆମର ଦୈନନ୍ଦିନ କାର୍ଯ୍ୟ ନିର୍ଭର କରେ ।
- ସଫେଇ ପାଇଁ ଆମର କିଛି ପାରମ୍ପରିକ ପଦ୍ଧତି ଅଛି । ଏଥିରେ ପ୍ରାକୃତିକ ପଦାର୍ଥ ଅନ୍ତର୍ଭୁକ୍ତ ଯେପରି, ରୀଠା କିମ୍ବା ଶିକାକାଇ କେଶ ପାଇଁ ଏବଂ ଘରୋଇ ସଫେଇ ପାଇଁ କିଛି ସୁରକ୍ଷିତ ଏବଂ ପ୍ରଭାବଶାଳୀ ପ୍ରଣାଳୀ ରହିଛି ।











**ପଶୁପକ୍ଷୀମାନେ ମଧ୍ୟ ନିଜକୁ ପରିଷ୍କାର ରଖିବାକୁ ପସନ୍ଦ କରନ୍ତି ।**

ତୁମେ କେବେ ମାଙ୍କଡ଼ମାନଙ୍କୁ ଏକାଠି ବସି ପରସ୍ପରକୁ ସଫାକରିବା ଦେଖିଛ କି ? ଏହା ହେଉଛି ଏକ ଉପାୟ ଯାହା ଦ୍ୱାରା ସେମାନେ ନିଜ ଶରୀରରୁ ପୋକମାନଙ୍କୁ ବାହାର କରନ୍ତି । ତୁମେ ମଧ୍ୟ ଦେଖିଥିବ ଯେ ପକ୍ଷୀମାନେ ନିଜ ଥଣ୍ଟକୁ ବ୍ୟବହାର କରି ଡେଣାକୁ ସଫା କରିଥାନ୍ତି । ତୁମ ଆଖପାଖରେ ଥିବା ପଶୁ ଓ କୀଟପତଙ୍ଗମାନେ କିପରି ବିଭିନ୍ନ ଉପାୟ ଅବଲମ୍ବନ କରି ନିଜକୁ ପରିଷ୍କାର କରୁଛନ୍ତି ଦେଖ ।

## ଘର ଭିତରେ ଏବଂ ବାହାରେ ଖେଳିବା

କୌଣସି ଏକ ଖେଳରେ ସାଙ୍ଗମାନଙ୍କୁ ଧରିବା ପାଇଁ ଜୋରରେ ଦୌଡ଼ିବା ପରେ ତୁମେ ଧଇଁସଇଁ ହୋଇଯାଉଥିବାର ଅନୁଭବ କରିଛ କି ? ହୁଏତ ତୁମର ଗାଲ ଟିକିଏ ଲାଲ ହୋଇଥାଏ ଏବଂ ତୁମେ ଟିକିଏ ଗରମ ଅନୁଭବ କର ଏବଂ ଝାଳ ବାହାରିବା ଆରମ୍ଭ ହୋଇଥାଏ । କାରଣ ବ୍ୟାୟାମ ଆମ ହୃତପିଣ୍ଡକୁ ଉତ୍ତମ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରେ । ଶରୀର ପାଇଁ ବ୍ୟାୟାମ ଲାଭଦାୟକ । ବ୍ୟାୟାମ କରିବା ସହ ନିଜକୁ ସୁସ୍ଥ ରଖିବାପାଇଁ ଅନେକ ପ୍ରକାର ପ୍ରଣାଳୀ ରହିଛି ।



## କାର୍ଯ୍ୟ ୨



### କୁଦିବା, ଡେଇଁବା

ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କର:

- ବତକ ଭଳି ଚାଲ ।
- ବେଙ୍ଗ ଭଳି ଡିଆଁ ।
- ବିଲେଇ ଭଳି ଦୌଡ଼ ।

ତୁମେ କେଉଁ ଚାଲିକୁ ଅଧିକ ଉପଭୋଗ କଲ ?

ଦଉଡ଼ି ଡିଆଁ ଖେଳିଲା ବେଳେ କେତେଥର ଡେଇଁଲ, ଗଣ । ନିଜ ସାଙ୍ଗମାନଙ୍କ ସହ ଏପରି ଖେଳ ଏବଂ ଦେଖ କିଏ ସର୍ବାଧିକ ଥର ଡେଇଁପାରୁଛି ।

ତା'ପରେ, ଜଣେ ସାଙ୍ଗଙ୍କୁ ଡାକ ଯିଏ ତୁମେ ୧୦ ଥର ଡେଇଁବା ପରେ କିମ୍ବା ଏକ କ୍ଷୁଦ୍ର କବିତା ଗାଇବା ପରେ ସେ ଡେଇଁବା ଆରମ୍ଭ କରିବ । ଉଦାହରଣ ସ୍ୱରୂପ:

ମୁଁ ପସନ୍ଦ କରେ ପିଠା,
ମୁଁ ପସନ୍ଦ କରେ ମିଠା,
ମୁଁ ଚାହୁଁଛି, ମୋ ସାଙ୍ଗ ଚନ୍ଦ୍ରିକା
(ଜଣେ ସାଙ୍ଗଙ୍କ ନାମ)
ମୋ ସହିତ ଡେଇଁବ ଏକା ।



ତୁମେ ଦଉଡ଼ିକୁ ବ୍ୟବହାର କରି ଆଉ କେଉଁ ଖେଳ ଖେଳିଛ ? ସାଙ୍ଗମାନଙ୍କୁ ପଚାରି ବୁଝ ।

**ଶିକ୍ଷକଙ୍କ ପାଇଁ ସୂଚନା:**
ଶରୀରକୁ ମୁଖ୍ୟତଃ ତିନି ପ୍ରକାର ବ୍ୟାୟାମର ଆବଶ୍ୟକତା ଥାଏ -ରକ୍ତ ସଞ୍ଚାଳନ ଓ ଶ୍ୱାସକ୍ରିୟା ପ୍ରଣାଳୀକୁ ସୁଦୃଢ଼ କରିବା, ମାଂସପେଶୀ ଓ ହାଡ଼କୁ ସୁଦୃଢ଼ କରିବା ଏବଂ ଶରୀରର ନମନୀୟତା ବଜାୟ ରଖିବା କିମ୍ବା ବୃଦ୍ଧି କରିବା ।



ହରପ୍ରୀତଙ୍କ ଜେଜେମା'ଙ୍କ ଆଣ୍ଠୁରେ ଯନ୍ତ୍ରଣା ହେଉଥିବାରୁ ସେ ଅଧିକ ଚାଲି ପାରୁନାହାଁନ୍ତି । କିନ୍ତୁ ସେ ଏବେ ବି ଘର ଭିତରେ ଅଳ୍ପ ଚାଲୁଛନ୍ତି ଏବଂ ହରପ୍ରୀତ ସହ ଚେସ୍ ଖେଳିବାକୁ ଭଲ ପାଆନ୍ତି । ଉଭୟ ମନ ଓ ଶରୀର ସକ୍ରିୟ ରହିବା ଉଚିତ ବୋଲି ସେ କୁହନ୍ତି ।



## ଖେଳର ନାମ ଲେଖ !


ତୁମେ ଘର ବାହାରେ କେଉଁ ପ୍ରକାର ଖେଳ ଖେଳିବାକୁ ପସନ୍ଦ କର ?


ତୁମେ ଏଠାରେ ଦିଆଯାଇଥିବା ଖେଳଗୁଡ଼ିକ ଚିହ୍ନଟ କରିପାରିବ କି ?
ତୁମେ ପୂର୍ବରୁ ଏହାକୁ ଖେଳିଛ କି ?




ଆସ ଖୋଜିବା














## କେଉଁଠି ଲୁଚିଛି

ତୁମେ ଏଠାରେ ଲୁଚି ରହିଥିବା ସମସ୍ତ ଖେଳର ନାମ କହିପାରିବ କି ? ଏଗୁଡ଼ିକ ମଧ୍ୟରୁ କେତେକ ତୁମର ପ୍ରିୟ ଖେଳ କି ? ଗୋଟିଏ ତୁମ ପାଇଁ କରାଯାଇଛି ।

| | | | | | | | | | | | |
|---|---|---|---|---|---|---|---|---|---|---|---|
| ଖ | ଝା | ପ | କ | ଚ | ମ | ଠ | ଧ | ନି | ଖ | ଧ | ଠ |
| ଞ | କ | ବା | ସ୍କେ | ଟ | ବ | ଲ | ଭ | ଙ | କ | ଗ | ଠ |
| ଟ | କ | ଘୁ | ଟ | ଙ | ଛ | ଢ଼ | ଡ | ଢ଼ | କ୍ରି | କେ | ଟ |
| ଫ | ଜ | ଗ | ଡ | ଯ | ଭ | ଣ | ରୁ | ଢ଼ | ଟ | ନ | ଖ |
| ଧ | ଣ | ଣ | ମି | ଝ | ଗ | ଝ | ମା | ଝ | ଙ | ଧ | ମ |
| ଜି | ଛ | ଞ | ଟ | ଫୁ | ଟ | ବ | ଲ | ଧ | ନ | କା | ଙ |
| ବ | ଦ | ଢ଼ା | ଥା | ଜ | ଝ | ନ | ଚୋ | ଝ | ଖ | ଢ଼ | ଠ |
| ଗ | ଫ | ଛ | ଢ଼ | ଗ | ଣ | ଚ | ରି | ଯ | କ | ଡ | ଠ |
| ମ | ବ | ଯ | ଟ | ଭି | ଫ | ତ | କ | ଭ | ଲି | ବ | ଲ |
| ଜ | ଫ | ଖୋ | ଖୋ | ଧ | ଝ | ଜ | ବ | ଥ | ଠ | ଛୁ | ଫ |
| ଘ | ନ | ଦ | ନ | ଠ | ଠ | କ | ଖ | ନ | ଣ | ଣ | ଚ |
| ଠ | ଭ | ଟ | କ | ବା | ଡ଼ି | ଘ | ଘ | ଝ | ତ | ଜ | ତ |



## ସୁରକ୍ଷିତ ଭାବେ ଖେଳିବା

ଖେଳିବା ସମୟରେ ସୁରକ୍ଷିତ ରହିବା ଆବଶ୍ୟକ । ନିମ୍ନ ଚିତ୍ରଗୁଡ଼ିକ ମଧ୍ୟରୁ କେଉଁ ସ୍ଥାନ ଖେଳିବା ପାଇଁ ସୁରକ୍ଷିତ / ଅସୁରକ୍ଷିତ ବୋଲି ତୁମେ ଭାବୁଛ ଓ କାହିଁକି ?



ବ୍ୟସ୍ତବହୁଳ ରାସ୍ତା

☐ ସୁରକ୍ଷିତ

☐ ଅସୁରକ୍ଷିତ



ପାର୍କ

☐ ସୁରକ୍ଷିତ

☐ ଅସୁରକ୍ଷିତ




ବିଦ୍ୟାଳୟ ପଡ଼ିଆ

☐ ସୁରକ୍ଷିତ

☐ ଅସୁରକ୍ଷିତ



ବାଡ଼ ନଥିବା ଏକ ଛାତ

☐ ସୁରକ୍ଷିତ

☐ ଅସୁରକ୍ଷିତ



ନିର୍ମାଣ ସ୍ଥଳ

☐ ସୁରକ୍ଷିତ

☐ ଅସୁରକ୍ଷିତ



ସର୍ବସାଧାରଣ ସ୍ଥାନରେ ଅଜଣା ଲୋକମାନେ ଥାଆନ୍ତି । ଯଦି ତୁମ ପିତାମାତା କିମ୍ବା ତୁମେ ବିଶ୍ୱାସ କରୁଥିବା ଅନ୍ୟ କୌଣସି ବ୍ୟକ୍ତି ତୁମ ସହିତ ନାହାଁନ୍ତି, ତେବେ ଅଜଣା ଲୋକଙ୍କ ସହିତ କଥାବାର୍ତ୍ତା କର ନାହିଁ ।










**ଖେଳିବା ସମୟରେ ଆମକୁ ନିଜ ଆଖପାଖ ପରିବେଶ ପ୍ରତି ଧ୍ୟାନ ଦେବା ଉଚିତ ।**

**ଶିକ୍ଷକଙ୍କ ପାଇଁ ସୂଚନା:**
ନୂଆ ଲୋକଙ୍କୁ ଭେଟିବା ସମୟରେ ପିଲାମାନେ ସତର୍କ ରହିବା ପାଇଁ ଆପଣ ସେମାନଙ୍କୁ କହିବେ । ଅଭିଭାବକମାନେ ଯଦି ସେମାନଙ୍କ ପିଲାମାନଙ୍କୁ ନେବାପାଇଁ କୌଣସି ନୂତନ ବ୍ୟକ୍ତିଙ୍କୁ ପଠାନ୍ତି ତେବେ ସେମାନେ ପୂର୍ବରୁ ସୂଚନା ଦେବେ ।



## ଆସ ଚିନ୍ତା କରିବା

### ୧. ଲେଖ

**ତୁମର ସାପ୍ତାହିକ ସ୍ୱାସ୍ଥ୍ୟ ସାରଣୀ ପ୍ରସ୍ତୁତ କର ।**

ତୁମେ ନିଦୁଆ, ଭୋକିଲା କିମ୍ବା ହାଲିଆ ଅନୁଭବ କରୁଛ କି ? ଏହି ଅନୁଭବ ହିଁ ଆମ ଶରୀରରେ କିଛି ଅସୁବିଧା ଅଛି ବୋଲି ଦର୍ଶାଇଥାଏ । ଆମ ସମସ୍ତଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ରହିଛି । ଆମ ଶରୀର ଓ ମନ ପାଇଁ କଣ ଭଲ ତାହା ଆମେ ସମସ୍ତେ ଜାଣିବା ଉଚିତ । ଏଥିପାଇଁ, ଏକ ସପ୍ତାହ ପର୍ଯ୍ୟନ୍ତ ତୁମର କାର୍ଯ୍ୟକୁ ନିରୀକ୍ଷଣ କର ଏବଂ ତୁମେ କିପରି ଅନୁଭବ କରୁଛ ତାହା ସାରଣୀରେ ଲେଖ ।

| ଦିବସ | ମୁଁ ଦୁଇଥର ଦାନ୍ତ ଘଷିଛି କି? | ମୁଁ ସକାଳେ ଶୌଚାଳୟ ବ୍ୟବହାର କରିଛି କି? | ମୁଁ ଗାଧୋଇଛି କି? | ମୁଁ କେତେ ସମୟ ଶୋଇଛି ? | ସକାଳ ଜଳଖିଆରେ ମୁଁ କ'ଣ ଖାଇଛି ? | ମୁଁ କେତେ ସମୟ ଟିଭି ଦେଖିଛି କିମ୍ବା ମୋବାଇଲ ଫୋନରେ ଖେଳିଛି ? | ମୁଁ କେତେ ସମୟ ଘର ବାହାରେ ଖେଳିଛି ? | ଆଜି ଦିନଟି କିପରି ଲାଗିଲା ? (ଭଲ, ଠିକ୍ ଅଛି, ଏତେ ଭଲ ନୁହେଁ, ଖରାପ) |
|---|---|---|---|---|---|---|---|---|
| ସୋମବାର | | | | | | | | |
| ମଙ୍ଗଳବାର | | | | | | | | |
| ବୁଧବାର | | | | | | | | |
| ଗୁରୁବାର | | | | | | | | |
| ଶୁକ୍ରବାର | | | | | | | | |
| ଶନିବାର | | | | | | | | |
| ରବିବାର | | | | | | | | |


**ଶିକ୍ଷକଙ୍କ ପାଇଁ ସୂଚନା:**
ଆପଣ ଉତ୍ତମ ନିଦ୍ରା, ସ୍ୱାସ୍ଥ୍ୟକର ଖାଦ୍ୟ, ବ୍ୟାୟାମ ଏବଂ ଉତ୍ତମ ଅନୁଭବ ମଧ୍ୟରେ ସମ୍ପର୍କ ସୃଷ୍ଟି କରି ପିଲାମାନଙ୍କୁ ଉତ୍ତମ ଜୀବନଶୈଳୀ ପାଇଁ ଉତ୍ସାହିତ କରନ୍ତୁ । ପିଲାମାନେ ନିୟମିତ ଭାବେ କୌଣସି ସୁସ୍ଥ କାର୍ଯ୍ୟ ଅନୁସରଣ କରିବାକୁ କଷ୍ଟକର ମନେ କରୁଛନ୍ତି କି ନାହିଁ ସେ ବିଷୟରେ ମଧ୍ୟ ଆଲୋଚନା କରନ୍ତୁ । ଏହି ପାଠର ମାନ ନିର୍ଦ୍ଧାରଣ ପାଇଁ ସାରଣୀକୁ ସଂପୂର୍ଣ୍ଣ କରିବା ଆବଶ୍ୟକ ।



## ୨. ଚିତ୍ର ଅଙ୍କନ କର

ତୁମ ଖାତାରେ ଏକ ବଡ଼ ବୃତ୍ତ ଅଙ୍କନ କର ଏବଂ ଏହାକୁ ଚିତ୍ରରେ ଦର୍ଶାଯାଇଥିବା ପରି ୨୪ ଭାଗରେ ବିଭକ୍ତ କର । କଳ୍ପନା କର ଯେ ପ୍ରତ୍ୟେକ ଭାଗ ଦିନର ଏକ ଘଣ୍ଟା ଅଟେ । ବର୍ତ୍ତମାନ ତୁମେ ସମ୍ପୂର୍ଣ୍ଣ ଦିନର ୨୪ ଘଣ୍ଟା ବିଭିନ୍ନ କାର୍ଯ୍ୟ କରିବାରେ କିପରି ବିତାଇଛ ତାହା ଆଧାରରେ ଏହି ଭାଗଗୁଡ଼ିକୁ ଭିନ୍ନ ଭିନ୍ନ ରଙ୍ଗରେ ପୂରଣ କର ।

ଉଦାହରଣ ସ୍ୱରୂପ, ସୌମିତା ଶୋଇବାରେ ୮ ଘଣ୍ଟା, ଖାଇବାରେ ୨ ଘଣ୍ଟା, ସ୍କୁଲରେ କିମ୍ବା ଘରେ ପାଠ ପଢ଼ାରେ ୬ ଘଣ୍ଟା, ବାହାରେ ଖେଳିବାରେ ୨ ଘଣ୍ଟା, ଘରେ ପିତାମାତାଙ୍କୁ ସାହାଯ୍ୟ କରିବାରେ ୨ ଘଣ୍ଟା, ଟିଭି ଦେଖିବା କିମ୍ବା ମୋବାଇଲ ଫୋନ୍‌ରେ ଖେଳିବାରେ ୧ ଘଣ୍ଟା, ଶୌଚ ହେବାରେ ୧ ଘଣ୍ଟା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ୨ ଘଣ୍ଟା କଟାଇଲା । ସୌମିତାର ବୃତ୍ତଟି ଏମିତି ଦେଖାଯାଉଥିଲା ।




## ୩. ଆଲୋଚନା କର

ତୁମ ଶାରୀରିକ ଶକ୍ତିରେ ଉନ୍ନତି ଆଣିବା ପାଇଁ ସପ୍ତାହରେ ଅତି କମ୍‌ରେ ଦୁଇଥର ଗୋଟିଏ କାର୍ଯ୍ୟ କରିବା ବିଷୟରେ ଚିନ୍ତା କର । ଏହା ଦୌଡ଼ିବା, ଡେଇଁବା, ସିଡ଼ି ଚଢ଼ିବା କିମ୍ବା ଅନ୍ୟ କିଛି ହୋଇପାରେ । ଏହା ଉପରେ ଆଲୋଚନା କରି ସାଙ୍ଗମାନଙ୍କ ସହିତ ମିଶି ଏକାଠି ଏଭଳି କାର୍ଯ୍ୟ କରିବାକୁ ଚେଷ୍ଟା କର ।

**ଶିକ୍ଷକଙ୍କ ପାଇଁ ସୂଚନା:**
ଗୋଟିଏ ବୃତ୍ତକୁ ହାତରେ ୨୪ ଭାଗରେ ବିଭକ୍ତ କରିବାର ଏକ ସରଳ ଉପାୟ (ପ୍ରୋଟ୍ରାକ୍ଟର ବ୍ୟବହାର ନକରି) ହେଉଛି ପ୍ରଥମେ ଏହାକୁ ଚାରି ଚତୁର୍ଥାଂଶରେ ବିଭକ୍ତ କରିବା, ତା'ପରେ ଏହି ଚତୁର୍ଥାଂଶକୁ ୩ଟି ସମାନ ଭାଗରେ ବିଭକ୍ତ କରିବା । ଏହି ସମୟରେ ୧୨ଟି ସମାନ ବିଭାଗ ରହିବ । ୨୪ଟି ଭାଗ ତିଆରି କରିବାପାଇଁ ପ୍ରତ୍ୟେକ ବିଭାଗକୁ ଦୁଇଟି ସମାନ ଭାଗରେ ବିଭକ୍ତ କର । ଏହି ସହଜ ଚିତ୍ରାଙ୍କନ ଅଭ୍ୟାସ ପରବର୍ତ୍ତୀ ସମୟରେ ଭଗ୍ନାଂଶ ଏବଂ ଅନୁପାତ ସହିତ ସଂଯୋଗ କରିବା ସହିତ ଏକ ଘଣ୍ଟା ଆଙ୍କିବା ଏବଂ ପତାକା ଉପରେ ଅଶୋକ ଚକ୍ର ଆଙ୍କିବାରେ ସାହାଯ୍ୟ କରିବ ।




## ଚତୁର୍ଥ ଏକକ

# ଆମ ଚତୁଃପାର୍ଶ୍ୱର ବସ୍ତୁ

### ଏକକ ସମ୍ପର୍କରେ

ଏହି ଏକକରେ ଆମେ ଅନେକ ବସ୍ତୁ ବିଷୟରେ ଜାଣିବା, ଯେଉଁଗୁଡ଼ିକୁ ଆମେ ଆରାମରେ ଜୀବନଯାପନ କରିବା ପାଇଁ ବ୍ୟବହାର କରିଥାଉ । ସେଗୁଡ଼ିକ କେଉଁଥିରେ ନିର୍ମିତ ଏବଂ ସେଗୁଡ଼ିକୁ କେଉଁଠାରୁ ପାଉଛେ ତାହା ନିରୀକ୍ଷଣ କରିବା । ଆମେ ବିଭିନ୍ନ ପ୍ରାକୃତିକ ସମ୍ପଦ ବିଷୟରେ ଜାଣିବା ।

ଆମେ ବିଭିନ୍ନ ସାମଗ୍ରୀକୁ ଅନୁଧ୍ୟାନ କରିବା ଏବଂ ସେଗୁଡ଼ିକୁ କିପରି ବିଭିନ୍ନ ଉପାୟରେ ବ୍ୟବହାର କରାଯାଏ ତାହା ଶିଖିବା । ଏହା ବ୍ୟତୀତ ଆମେ ଆମ ଚତୁଃପାର୍ଶ୍ୱରେ ଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ନିରୀକ୍ଷଣ କରିବା ସହ ପରିବେଶକୁ ପରିଷ୍କାର ଏବଂ ସୁସ୍ଥ ରଖିବା ପାଇଁ ସେଗୁଡ଼ିକୁ କିପରି ପରିଚାଳନା କରିବା ତାହା ଶିଖିବା । ଏହି ଏକକ ଆମକୁ ପ୍ରତିଦିନ ବ୍ୟବହାର କରୁଥିବା ସମ୍ବଳଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବ ।



## ଶିକ୍ଷକଙ୍କ ପାଇଁ ସୂଚନା


ଏହି ଏକକ ''ଆମ ଚତୁଃପାର୍ଶ୍ୱର ବସ୍ତୁ'' ସମ୍ପର୍କରେ ଉଦ୍ଦିଷ୍ଟ । ଏଥିରେ ଥିବା ପାଠଗୁଡ଼ିକରେ ଅନ୍ତର୍ଭୁକ୍ତ ମୁଖ୍ୟ ଧାରଣାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

**ପାଠ-୧୦:** ''ପଦାର୍ଥର ଦୁନିଆ'' ଆମକୁ ଆମ ଆଖପାଖରେ ଥିବା ପଦାର୍ଥ / ବସ୍ତୁ ଅନୁସନ୍ଧାନ କରିବାରେ ସାହାଯ୍ୟ କରେ, ସେଗୁଡ଼ିକୁ ନିକଟରୁ ଅନୁଧ୍ୟାନ କରିବା ସହ ସେଗୁଡ଼ିକ କେଉଁଥିରୁ ନିର୍ମିତ ଏବଂ କେଉଁଟି ପ୍ରକୃତିରୁ ଆସିଛି ଓ କେଉଁ ବସ୍ତୁ ମନୁଷ୍ୟକୃତ ତାହା ଶିଖିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ଆମେ ଭିନ୍ନ ଭିନ୍ନ ପଦାର୍ଥର ବିବିଧ ଗୁଣକୁ ଅନୁଧ୍ୟାନ କରିଥାଉ ।

**ପାଠ ୧୧:** "ପଦାର୍ଥରୁ ବସ୍ତୁ" ଆମକୁ ବିଭିନ୍ନ ପଦାର୍ଥ ଏବଂ ସେଗୁଡ଼ିକ କିପରି ବ୍ୟବହୃତ ହୁଏ ସେହି ବିଷୟ ଶିଖିବାରେ ସାହାଯ୍ୟ କରେ । ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି କିପରି ଘର ନିର୍ମାଣ କରାଯାଏ ଏବଂ ଲୋକମାନେ ଏଥିରେ କିପରି ନୂତନ ଢାଞ୍ଚା ଓ ଶୈଳୀ ପ୍ରୟୋଗ କରିଥାନ୍ତି ତାହା ଜାଣିବା । ଏହାବ୍ୟତୀତ ନିରାପତ୍ତା ନିୟମ ପାଳନ କରିବାର ଗୁରୁତ୍ୱ ବିଷୟରେ ଆମେ ଆଲୋଚନା କରିବା ।

**ପାଠ-୧୨ :** ଆବର୍ଜନାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ଠିକ୍ ସ୍ଥାନରେ ପକାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ ଯୋଗ୍ୟ ଆବର୍ଜନାର ଗୁରୁତ୍ୱ ମଧ୍ୟ ବର୍ଣ୍ଣନା କରିବା । ଏହାବ୍ୟତୀତ, ଆମେ ଆମ ଘର ଏବଂ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ଏବଂ ନିରାପତ୍ତା ବଜାୟ ରଖିବାର ଉପାୟ ଖୋଜିବା ।

ଉପହାରକୁ ଗୁଡ଼ାଇବା ପାଇଁ ଖବରକାଗଜ କିମ୍ବା ପୁରୁଣା କପଡ଼ାର ବ୍ୟବହାର ଏକ ପରିବେଶ ଅନୁକୂଳ ଅଭ୍ୟାସ ଯାହା ଦ୍ୱାରା ବର୍ଜ୍ୟବସ୍ତୁ ହ୍ରାସ ହୁଏ ଏବଂ ସମ୍ବଳର ସଂରକ୍ଷଣ ହୋଇଥାଏ । ଏଭଳି ବସ୍ତୁଗୁଡ଼ିକୁ ଆମେ ସୃଜନଶୀଳ ଭାବରେ ବ୍ୟବହାର କରିବା ଦ୍ୱାରା କେବଳ ଆମେ ବର୍ଜ୍ୟବସ୍ତୁକୁ ହ୍ରାସ କରିବାନାହିଁ ବରଂ ଆମ ଉପହାରରେ ଏକ ବ୍ୟକ୍ତିଗତ ସ୍ପର୍ଶ ମଧ୍ୟ ଯୋଡ଼ିବା ।







- ବିଭିନ୍ନ ପଦାର୍ଥ (ଧାତୁ, କାଠ, କାଚ, ପ୍ଲାଷ୍ଟିକ, ମାଟି ଇତ୍ୟାଦି)ରେ ନିର୍ମିତ ବିଭିନ୍ନ ବସ୍ତୁ ସଂଗ୍ରହ କରି ପ୍ରଦର୍ଶନ କରନ୍ତୁ ।
- ପରିଦର୍ଶନ ଏବଂ ପରିଦର୍ଶକ: ମାଟି କାରିଗର, ସ୍ଥାନୀୟ ଖେଳନା ନିର୍ମାତା ଆଦିଙ୍କୁ ନେଇ ପରିଦର୍ଶନର ଆୟୋଜନ କରନ୍ତୁ କିମ୍ବା ପିଲାମାନଙ୍କ ସହ କଥାବାର୍ତ୍ତା କରିବାକୁ ସେମାନଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରନ୍ତୁ ।
- ବର୍ଜ୍ୟବସ୍ତୁ ପକାଇବାପାଇଁ ଶ୍ରେଣୀରେ ଗୋଟିଏ ଡଷ୍ଟବିନ୍ (ଶୁଖିଲା ଏବଂ ଓଦା ପ୍ରତ୍ୟେକ ବର୍ଜ୍ୟବସ୍ତୁ ପାଇଁ) ପ୍ରସ୍ତୁତି ନିମନ୍ତେ ପିଲାମାନଙ୍କ ପାଇଁ ଏକ କାର୍ଯ୍ୟ ଆୟୋଜନ କରନ୍ତୁ ।
- ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁକୁ କିପରି ପୃଥକ କରିବା ପ୍ରଦର୍ଶନ କରନ୍ତୁ (ଉଦାହରଣ ସ୍ୱରୂପ- ମଧ୍ୟାହ୍ନ ଭୋଜନ ପରେ) । ପୃଥକ କରିବା ସମୟରେ ଯେପରି ପିଲାମାନେ ଗ୍ଲୋଭସ୍ ଓ ମାସ୍କ ପିନ୍ଧିଥିବେ ତାହା ନିଶ୍ଚିତ କରନ୍ତୁ ।


ପାଠ ୧୦

# ପଦାର୍ଥର ଦୁନିଆ



## ଆମ ଚତୁଃପାର୍ଶ୍ୱକୁ ଟିକିଏ ଦେଖିବା

ଖୁସି ଶୀଘ୍ର ସ୍କୁଲରେ ପହଞ୍ଚିଲା । ଝରକା ଦେଇ ଆସୁଥିବା ସୂର୍ଯ୍ୟକିରଣରେ ଶ୍ରେଣୀଗୃହ ଉଜ୍ଜ୍ୱଳ ଓ ସୁନ୍ଦର ଦେଖାଯାଉଥିଲା । ଖୁସି ଏହି ଦୃଶ୍ୟର ଏକ ଛବି ଅଙ୍କନ କଲା । ଖୁସି ଆଙ୍କିଥିବା ବସ୍ତୁଗୁଡ଼ିକର ନାମ ତୁମେ ଦିଆଯାଇଥିବା କୋଠରିରେ ଲେଖ ।



ତୁମେ ଝରକାର କାଚ ଦେଖି ପାରୁଛ କି ? ହଁ/ନା – କାହିଁକି

## କାର୍ଯ୍ୟ ୧

### ଆସ ଆମ ଶ୍ରେଣୀଗୃହକୁ ଜାଣିବା

ଖାତାରେ ତୁମ ଶ୍ରେଣୀଗୃହର ଏକ ଚିତ୍ର ଅଙ୍କନ କର । ସେଥିରେ ଥିବା ବସ୍ତୁଗୁଡ଼ିକର ନାମ ଲେଖ ।

''ଏହିସବୁ ବସ୍ତୁ କେଉଁଠୁ ଆସିଲା ? ଏଗୁଡ଼ିକୁ କିଏ ତିଆରି କରିଛି ? ଏଗୁଡ଼ିକ କେଉଁଥିରୁ ତିଆରି ହୋଇଛି ?'' ଖୁସି କୌତୂହଳୀ ହୋଇ ଚିନ୍ତା କଲା ।

ଆସ ଖୁସିକୁ ଜାଣିବାରେ ସାହାଯ୍ୟ କରିବା ।

ଟେବୁଲ ଓ ଚୌକି କାଠରେ ନିର୍ମିତ । ଆମେ କାଠ କେଉଁଠାରୁ ପାଇଥାଉ ? କବାଟରେ କବ୍ଜା, କଣ୍ଟା ଓ ଶିକୁଳୀ ଧାତୁରେ ନିର୍ମିତ ହୋଇଥାଏ ।

**ତୁମେ ଜାଣ କି ?**

ମାଟି ଭିତରୁ ଖୋଳାଯାଇଥିବା ନିର୍ଦ୍ଦିଷ୍ଟ ଧାତୁଯୁକ୍ତ ପଥରରୁ ଧାତୁଗୁଡ଼ିକୁ ସତର୍କତାର ସହ ପୃଥକ କରାଯାଏ ।





**ଶିକ୍ଷକଙ୍କ ପାଇଁ ସୂଚନା:**
ପିଲାମାନଙ୍କୁ ଆପଣ ଆଖପାଖରେ ଥିବା କେତେକ ସାଧାରଣ ଧାତୁ ଦେଖାନ୍ତୁ ଯେପରି ଲୁହା,ତମ୍ବା, ଆଲୁମିନିୟମ୍, ସୁନା, ରୁପା, ଥର୍ମୋମିଟରରେ ଥିବା ପାରଦ କିମ୍ବା ଇସ୍ପାତ, ପିତଳ ଏବଂ ବ୍ରୋଞ୍ଜ ଭଳି ମିଶ୍ରିତ ଧାତୁ । ମିଶ୍ରଧାତୁ ହେଉଛି ଏକାଧିକ ଧାତୁର ମିଶ୍ରଣ ।



## କାର୍ଯ୍ୟ ୨

### ଧାତୁ ଚିହ୍ନିବା

ଧାତୁରେ ନିର୍ମିତ ବସ୍ତୁ ବା ବସ୍ତୁର ଅଂଶକୁ ଖୋଜ । ତୁମେ ଆଖପାଖରେ ଥିବା କେଉଁ ଧାତୁକୁ ଚିହ୍ନିଛ ? ଯଦି ତୁମେ ଧାତୁର ନାମ ଜାଣିନାହଁ, ତେବେ ତୁମ ସହପାଠୀ କିମ୍ବା ବୟସ୍କଙ୍କୁ ପଚାର । ତୁମ ଖାତାରେ ଏହି ଧାତୁଗୁଡ଼ିକର ଏକ ତାଲିକା କର ।




ଶ୍ରେଣୀଗୃହରେ ଥିବା ଅନ୍ୟ ବସ୍ତୁ ଯେପରି ଆସନ, ଇଲେକ୍‌ଟ୍ରିକ୍ ବଲ୍‌ବ୍ ଏବଂ ଇଲେକ୍‌ଟ୍ରିକ ସୁଇଚ୍ ଆଦି କେଉଁଥିରୁ ତିଆରି ହୋଇଛି ?

### କେତେକ ପଦାର୍ଥ ମାଧ୍ୟମରେ ଦେଖିବା

ଖୁସି ଝରକା ପାଖରେ ଠିଆ ହୋଇଥିଲା । ସେ ସୁନ୍ଦର ଫୁଲରେ ଭର୍ତ୍ତି ଏକ ଗଛ ଦେଖିପାରିଲା । ସେ ତାକୁ ସ୍ପର୍ଶ କରିବାକୁ ଚେଷ୍ଟା କଲା । ତା' ହାତ ଝରକା କାଚରେ ବାଜିଲା । ଖୁସି କାଚ ଝରକା ଦେଖି ନଥିଲା । ଝରକା କାଚରେ ତିଆରି ହୋଇଥିଲା ଏବଂ ସେ ଅନୁଭବ କଲା ଯେ କାଚ ମାଧ୍ୟମରେ ଫୁଲ ଏବଂ ଗଛଗୁଡ଼ିକ ଦେଖିବା ସମ୍ଭବ । କାଚ ହିଁ ଏହିପରି !



- ତୁମ ଝରକାରେ କାଚ ଅଛି କି ?
- ତୁମେ ଏହା ମାଧ୍ୟମରେ ଦେଖିପାରିବ କି ?
- ତୁମେ କ'ଣ ସବୁ ଦେଖିପାରୁଛ ?



## କାର୍ଯ୍ୟ ୩



### ବସ୍ତୁ ମାଧ୍ୟମରେ ଦେଖିବା

ନିଜ ଆଖପାଖରୁ ବିଭିନ୍ନ ଛୋଟ ଛୋଟ ପଦାର୍ଥ ବା ବସ୍ତୁ ଯଥା- ବୋତଲ, କାଗଜ, କପଡ଼ା ଓ ବାସନ ଆଦି ସଂଗ୍ରହ କର । ସେମାନଙ୍କ ମାଧ୍ୟମରେ ଜଳୁଥିବା ବଲ୍‌ବ୍ କିମ୍ବା ମହମବତୀର ଆଲୋକକୁ ଦେଖ । ତୁମେ କେତେକ ବସ୍ତୁ ମାଧ୍ୟମରେ ଅତି ସ୍ପଷ୍ଟ ଭାବରେ ଦେଖିପାରିବ, ଅନ୍ୟ କେତେକ ବସ୍ତୁ ମାଧ୍ୟମରେ ଆଂଶିକ ଭାବରେ ଦେଖିପାରିବ ଓ ଆଉ କେତେକ ବସ୍ତୁ ମାଧ୍ୟମରେ ଆଦୌ ଦେଖିପାରିବ ନାହିଁ । କେଉଁ ବସ୍ତୁ ମାଧ୍ୟମରେ ତୁମେ କିପରି ଦେଖିପାରୁଛ ତାକୁ ନିମ୍ନ ସାରଣୀରେ ଲେଖ ।




| ସ୍ପଷ୍ଟ ଭାବରେ ଦେଖିପାରୁଛ | ଆଂଶିକ ଭାବରେ ଦେଖିପାରୁଛ | ଆଦୌ ଦେଖିପାରୁ ନାହିଁ |
|---|---|---|
| | | |
| | | |
| | | |
| | | |
| | | |
| | | |

### ସତର୍କତା:-

କୌଣସି ବସ୍ତୁ ମାଧ୍ୟମରେ କିମ୍ବା ସିଧାସଳଖ ସୂର୍ଯ୍ୟକୁ ଅଧିକ ସମୟ ଦେଖ ନାହିଁ । ଏହା ତୁମ ଆଖିକୁ କ୍ଷତି ପହଞ୍ଚାଇବ ।

ଯେଉଁ ପଦାର୍ଥ ମାଧ୍ୟମରେ ତୁମେ ସ୍ପଷ୍ଟ ଦେଖିପାରିବ ତାହାକୁ ସ୍ୱଚ୍ଛ ପଦାର୍ଥ କୁହାଯାଏ । ଅଧିକାଂଶ କାଚ ସ୍ୱଚ୍ଛ ହୋଇଥାଏ । ଆଉ କେତେକ ସ୍ୱଚ୍ଛ ପଦାର୍ଥର ନାମ ଲେଖ ।





କାଚ ମାଧ୍ୟମରେ ତୁମେ ଦେଖିପାରିବ, କିନ୍ତୁ କାଠ ମାଧ୍ୟମରେ ଦେଖିପାରିବ ନାହିଁ । ଯେଉଁ ପଦାର୍ଥଗୁଡ଼ିକ ମାଧ୍ୟମରେ ତୁମେ ଦେଖିପାରିବ ନାହିଁ ସେଗୁଡ଼ିକୁ ଅସ୍ୱଚ୍ଛ ପଦାର୍ଥ କୁହାଯାଏ ।

କାଚ ସ୍ୱଚ୍ଛ କିନ୍ତୁ କାଠ ଅସ୍ୱଚ୍ଛ ।



କେତେକ ପଦାର୍ଥ ମାଧ୍ୟମରେ ତୁମେ କେବଳ ଆଂଶିକ ଭାବରେ ଦେଖିପାରିବ । ସେଗୁଡ଼ିକୁ ଆଂଶିକ ସ୍ୱଚ୍ଛ କୁହାଯାଏ । କେତେକ ଆଂଶିକ ସ୍ୱଚ୍ଛ ପଦାର୍ଥର ନାମ ଲେଖ ।



## କାର୍ଯ୍ୟ ୪

### ଆସ ଦୁନିଆକୁ ରଙ୍ଗ କରିବା



ଭିନ୍ନ ଭିନ୍ନ ରଙ୍ଗର ଦୁଇ-ତିନିଟି ପଲିଥିନ, ବୋତଲ କିମ୍ବା ପତଳା କପଡ଼ା ସଂଗ୍ରହ କର, ଯାହା ମାଧ୍ୟମରେ ଦେଖି ହେବ । ସେଗୁଡ଼ିକ ମାଧ୍ୟମରେ ଗୋଟିଏ ଧଳା କାଗଜକୁ ଦେଖ ।

- କାଗଜର ରଙ୍ଗ ବଦଳିବା ଭଳି ଲାଗୁଛି କି ?
- ଧଳା କାଗଜକୁ ପତଳା ନୀଳ ପ୍ଲାଷ୍ଟିକ, ନୀଳ କାଚ ଏବଂ ପତଳା ହଳଦିଆ ପ୍ଲାଷ୍ଟିକ କିମ୍ବା ହଳଦିଆ କାଚ ମାଧ୍ୟମରେ ଦେଖିଲେ ଭିନ୍ନ ଦେଖାଯାଉଛି କି ?
- ବିଭିନ୍ନ ବସ୍ତୁର ରଙ୍ଗ ବଦଳିଲା ପରି ଦେଖାଯାଉଛି କି ? ପତଳା ହଳଦିଆ ପ୍ଲାଷ୍ଟିକ ମାଧ୍ୟମରେ ନୀଳ ବସ୍ତୁ କିପରି ଦେଖାଯାଉଛି ?
- ତୁମେ ପୂର୍ବରୁ ରଙ୍ଗୀନ ସ୍ୱଚ୍ଛ ବସ୍ତୁଗୁଡ଼ିକ ମାଧ୍ୟମରେ ଦେଖିଛ କି ? ସେହି ଅନୁଭୂତିଗୁଡ଼ିକୁ ମନେ ପକାଅ ।



## ଏହା କେଉଁଥିରୁ ତିଆରି ?

ଆସ ଖୁସିର ଶ୍ରେଣୀଗୃହକୁ ଫେରିବା ।

**ଆସ ଲେଖିବା**

### ଚେନ୍ ଖେଳ

- ନିମ୍ନରେ ଥିବା ସାରଣୀରେ, ଖୁସି ବସ୍ତୁଗୁଡ଼ିକୁ ତିଆରି ହେଇଥିବା ପଦାର୍ଥ ଅନୁଯାୟୀ ଶ୍ରେଣୀଭୁକ୍ତ କରିଛି । ବସ୍ତୁଗୁଡ଼ିକର ନାମ ସାରଣୀର ପ୍ରଥମ ସ୍ତମ୍ଭରେ ଅଛି । ପଦାର୍ଥଗୁଡ଼ିକର ନାମ ଦ୍ୱିତୀୟ ସ୍ତମ୍ଭରେ ଲେଖା ହୋଇଛି ।
- ସାରଣୀର ତୃତୀୟ ସ୍ତମ୍ଭଟି ତୁମ ପାଇଁ ଉଦ୍ଦିଷ୍ଟ । ଏଠାରେ ତୁମେ ଜାଣିଥିବା କେତେକ ବସ୍ତୁର ନାମ ଲେଖ ଯାହା ସେହି ପଦାର୍ଥରୁ ତିଆରି ହୋଇଛି । ତୁମ ଆଖପାଖରେ ଥିବା କିଛି ବସ୍ତୁ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ, ଯାହା ଅନ୍ୟାନ୍ୟ ପଦାର୍ଥରୁ ତିଆରି ହୋଇପାରେ, ଉଦାହରଣ ସ୍ୱରୂପ- ଖୁସିର ତାଲିକାରେ ମାଟି ଏବଂ ରବର ନାହିଁ । ସାରଣୀରେ ଅଧିକ ଧାଡ଼ି ଯୋଡ଼ି ସେଗୁଡ଼ିକୁ ଲେଖ ।

| ଖୁସିର ତାଲିକା | ପଦାର୍ଥର ନାମ | ଏହି ପଦାର୍ଥରେ ନିର୍ମିତ ବସ୍ତୁ ଯାହା ତୁମ ଶ୍ରେଣୀଗୃହ କିମ୍ବା ଘରେ ଅଛି |
|---|---|---|
| ଟେବୁଲ, ଚୌକି, କବାଟ | କାଠ | ପେନ୍ସିଲ୍ |
| କବାଟ କବ୍ଜା, କଣ୍ଟା | ଲୁହା | |
| ଝରକା କାଚ, ବଲ୍ବ୍ | କାଚ | |
| ଇଲେକ୍ଟ୍ରିକ ସୁଇଚ୍ | ପ୍ଲାଷ୍ଟିକ | |
| | | |

ଏହିସବୁ ବସ୍ତୁ କେଉଁଠାରୁ ଆସିଛି ? ତୁମେ ଏଗୁଡ଼ିକର ଉତ୍ସ ଚିହ୍ନଟ କରିପାରିବ କି ?

ଉଦାହରଣ ସ୍ୱରୂପ, କାଠ-ଗଛ

ଲୁହା :-

କପଡ଼ା :-



**ତୁମେ ଜାଣ କି ?**

କାଚ ମୁଖ୍ୟତଃ ବାଲିରୁ ତିଆରି ହୋଇଥାଏ ।




**ତୁମ ଜେଜେବାପା କିମ୍ବା ବୟସ୍କମାନଙ୍କ ସହ କଥା ହୁଅ**


- ତାଙ୍କ ପିଲାଦିନେ କ'ଣ ଏହିସବୁ ବସ୍ତୁ ବର୍ତ୍ତମାନ ବ୍ୟବହୃତ ପଦାର୍ଥରେ ତିଆରି ହେଉଥିଲା ?
- ବର୍ତ୍ତମାନ କିଛି ନୂତନ ପଦାର୍ଥ ଅଛି କି ଯାହା ସେମାନେ ପୂର୍ବରୁ ଦେଖି ନଥିଲେ ?
- ଏମିତି କିଛି ପଦାର୍ଥ ଅଛି ଯାହା ସେମାନେ ପିଲାଦିନେ ଦେଖିଥିଲେ ଏବଂ ବର୍ତ୍ତମାନ ବ୍ୟବହୃତ ହେଉନାହିଁ ? ଏଭଳି କାହିଁକି ?

ବିଭିନ୍ନ ପଦାର୍ଥ ଭିନ୍ନ ଭିନ୍ନ ଦେଖାଯାଇପାରେ । ସେମାନେ ଅନ୍ୟ ଦୃଷ୍ଟିରୁ ମଧ୍ୟ ଭିନ୍ନ କି ? ତୁମେ ଆଖି ବନ୍ଦ କରି କିଛି ପଦାର୍ଥକୁ ଚିହ୍ନିପାରିବ କି ?




- ତୁମ ଚାମଚ କେଉଁ ପଦାର୍ଥରେ ତିଆରି ହୋଇଛି ?
- ଏହା ଲୁହା, କାଠ କିମ୍ବା ଅନ୍ୟ କୌଣସି ପଦାର୍ଥରେ ତିଆରି ହୋଇଛି କି ? ତୁମେ ଜାଣିପାରୁଛ କି ?
- ଏଗୁଡ଼ିକ ମଧ୍ୟରୁ କେଉଁ ଶବ୍ଦ କିମ୍ବା ବାକ୍ୟ ଚାମଚକୁ ବର୍ଣ୍ଣନା କରେ ?

| | | | |
|---|---|---|---|
| ଚିକ୍କଣ | ଖଦଡ଼ା | ଫିକା | ଚକ୍‌ଚକ୍ |
| ଛୁଇଁଲେ ଥଣ୍ଡା ଲାଗେ । | | | |







କାର୍ଯ୍ୟ ୫

## ଆସ ବଜାଇବା ଓ ତା'ର ମଜା ନେବା

ଗୋଟିଏ ଲୁହା ଚାମଚ ଏବଂ ବିଭିନ୍ନ ପଦାର୍ଥ (ଯଥା- କାଠ, ଧାତୁ, ପ୍ଲାଷ୍ଟିକ୍, କପଡ଼ା ଓ କାଚ)ରେ ତିଆରି ଅତି କମ୍‌ରେ ପାଞ୍ଚଟି ବସ୍ତୁ ନିଅ । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଉପରେ ଚାମଚକୁ ଧୀରେ ଧୀରେ ବଜାଅ । ପ୍ରତ୍ୟେକର ଧ୍ୱନିକୁ ଶୁଣ । ଏହି ସମସ୍ତ ଧ୍ୱନିକୁ ନିଜ ଭାଷାରେ ବର୍ଣ୍ଣନା କର ।

ସେହି ଧ୍ୱନିଗୁଡ଼ିକୁ ଶବ୍ଦରେ ରୂପ ଦେବାକୁ ଚେଷ୍ଟା କର, ଯେପରି ଟିଙ୍ଗ୍-ଟିଙ୍ଗ୍, ଧୁମ୍-ଧୁମ୍, ଡବ୍-ଡବ୍,...

ଏବେ ତୁମର ନିଜର ଧୁନ୍ ତିଆରି କର ।


ଟିଙ୍ଗ୍ ଟିଙ୍ଗ୍, ଠକ୍ ଠକ୍
ଟିଙ୍ଗ୍, ଠକ୍, ଟିଙ୍ଗ୍, ଠକ୍



## ବଙ୍କା କରିପାରିବା କି ?

ଖୁସିର ଟେବୁଲ କାଠରେ ନିର୍ମିତ । ଟେବୁଲ ତିଆରି କରିବା ପାଇଁ ଆଉ କ'ଣ ବ୍ୟବହୃତ ହୁଏ ? ଆମେ ଏକ ଟେବୁଲ ତିଆରି କରିବାକୁ କପଡ଼ା କିମ୍ବା ରବର ବ୍ୟବହାର କରିପାରିବା କି ? ଯଦି ହଁ କାହିଁକି, ଯଦି ନା କାହିଁକି ?

କାଠ କଠିନ ଏବଂ ଅନମନୀୟ ହୋଇଥିବାବେଳେ କପଡ଼ା ନରମ ଏବଂ ନମନୀୟ ଅଟେ । କପଡ଼ାର ନମନୀୟତା ଏହାକୁ ପୋଷାକ ଏବଂ ପରଦା ତିଆରି କରିବା ପାଇଁ ଅଧିକ ଉପଯୁକ୍ତ କରିଥାଏ । ଯଦି ପୋଷାକ କାଠରେ ତିଆରି ହୋଇଥାନ୍ତା, କ'ଣ ହୁଅନ୍ତା ?



ଆସ ଲେଖିବା

## ମେଳ ହେଉନଥିବା ଯୋଡ଼ି

ପାଞ୍ଚଟି ବସ୍ତୁର ତାଲିକା କର ଏବଂ ପ୍ରତ୍ୟେକ ବସ୍ତୁକୁ ଏପରି ପଦାର୍ଥ ସହିତ ଯୋଡ଼ ଯାହା ଏହା ପାଇଁ ଉପଯୁକ୍ତ ନୁହେଁ । ଏହି ବସ୍ତୁଗୁଡ଼ିକ ତିଆରି କରିବା ପାଇଁ ଏହି ପଦାର୍ଥ କାହିଁକି କାର୍ଯ୍ୟ କରିବ ନାହିଁ ତାହା ସାରଣୀରେ ଲେଖ । ତୁମ ପାଇଁ ଗୋଟିଏ ଉଦାହରଣ ଦିଆଯାଇଛି ।



| କ୍ର.ସଂ. | ବସ୍ତୁ | ପଦାର୍ଥ | କାରଣ |
|---|---|---|---|
| ୧. | ଛତା | କାଗଜ | ବର୍ଷାରେ ଭିଜିଲେ କାଗଜ ଚିରିଯିବ |
| ୨. | | | |
| ୩. | | | |
| ୪. | | | |
| ୫. | | | |

## ଏହା ବୋହିଯାଏ କି ?

ଖୁସି ମଜାରେ ଲେଖିଛି, ‘‘କାନ୍ଥ- ପାଣିରେ ତିଆରି ହୋଇପାରିବ ନାହିଁ ।’’


ଆମେ ପାଣିରେ କାନ୍ଥ ତିଆରି କରୁନାହୁଁ କାରଣ ତାହା ବୋହିଯିବ । କାନ୍ଥକୁ ପାଣିରେ ତିଆରି କଲେ ଆଉ କ’ଣ ଅସୁବିଧା ହୋଇପାରେ ? କାନ୍ଥ ତିଆରି କରିବା ପାଇଁ ଆମକୁ ପଥର, ଇଟା କିମ୍ବା କାଠ ଭଳି ‘କଠିନ’ ବସ୍ତୁ ବା ପଦାର୍ଥ ଦରକାର । ଯେଉଁ ପଦାର୍ଥର ଆକୃତି ବଦଳିନଥାଏ ତାକୁ ‘କଠିନ ବସ୍ତୁ’ କୁହାଯାଏ ।

ଜଳ ତା’ର ଆକୃତିକୁ ସ୍ଥିର ରଖିପାରେ ନାହିଁ – ଏହା ବୋହିଯାଏ । ବାୟୁ ମଧ୍ୟ ଗତିଶୀଳ, କିନ୍ତୁ ଏକ ଭିନ୍ନ ଉପାୟରେ । ଯଦି ତୁମେ ଗୋଟିଏ କପ୍‌ରେ ପାଣି ଢାଳିବ ତେବେ ଏହା କପ୍ ମଧ୍ୟରେ ରହିପାରିବ । ଜଳ ଏକ ‘ତରଳ’ ପଦାର୍ଥ । କପ୍‌ରେ ପବନ ରହିପାରିବ ନାହିଁ, ଏହା କପ୍‌ର ଭିତର ଓ ବାହାରକୁ ଗତି କରିବ । କାରଣ ବାୟୁ ହେଉଛି ଗୋଟିଏ ଗ୍ୟାସ ।


ତେଣୁ ପଦାର୍ଥଗୁଡ଼ିକୁ କଠିନ, ତରଳ ଏବଂ ଗ୍ୟାସୀୟ ଭାବରେ ଶ୍ରେଣୀଭୁକ୍ତ କରାଯାଇପାରେ ।




କଠିନ ପଦାର୍ଥ (କାଠଖଣ୍ଡ)



ତରଳ ପଦାର୍ଥ (ଜଳ)



ଗ୍ୟାସୀୟ ପଦାର୍ଥ
(ବେଲୁନ ଭିତର ବାୟୁ)




## କାର୍ଯ୍ୟ ୬

ଆସ ସେଗୁଡ଼ିକୁ ଅନ୍ୟ ଉପାୟରେ ଶ୍ରେଣୀଭୁକ୍ତ କରିବା।

ଏଠାରେ କିଛି ବସ୍ତୁର ନାମ ଦିଆଯାଇଛି; କାଳି, ପଥର, ଧୂଆଁ, ବରଫ, ବାଷ୍ପ, ଗୋଟିଏ ଚାମଚ, ମହୁ, ଗୋଟିଏ ବୋତଲ, ଗୋଟିଏ ବ୍ୟାଗ, ପାଣି ।

ଯେଉଁଗୁଡ଼ିକ କଠିନ, ସେଗୁଡ଼ିକର ନାମ ଟ୍ରେରେ ଲେଖ । ଯେଉଁଗୁଡ଼ିକ ତରଳ ସେଗୁଡ଼ିକର ନାମ ବୋତଲରେ ଲେଖ । ଯେଉଁଗୁଡ଼ିକ ଗ୍ୟାସୀୟ ସେଗୁଡ଼ିକର ନାମ ବେଲୁନ୍‌ରେ ଲେଖ ।



ଟ୍ରେ, ବୋତଲ ଏବଂ ବେଲୁନ୍‌ରେ ନିଜ ମନରୁ କେତେକ ବସ୍ତୁର ନାମ ଲେଖ । କିଛି ବସ୍ତୁ ତୁମ ମନରେ ଦ୍ୱନ୍ଦ ସୃଷ୍ଟି କରିପାରେ, ଯେପରି ବାଲି କିମ୍ବା ସ୍ପଞ୍ଜ କିମ୍ବା ମାଟି/କାଦୁଅ । ଏହିପରି ଅଧିକ ବସ୍ତୁ ଚିହ୍ନଟ କର ଏବଂ ସେଥିମଧ୍ୟରୁ ଅତି କମ୍‌ରେ ତିନୋଟିର ନାମ ଲେଖ ।

**ଶିକ୍ଷକଙ୍କ ପାଇଁ ସୂଚନା:**
ରବର, ତନ୍ତୁ ଏବଂ ମହମ ଭଳି ପଦାର୍ଥ ପ୍ରାକୃତିକ ଉପାୟରେ ଉଦ୍ଭିଦ ଏବଂ ପଶୁମାନଙ୍କ ଠାରୁ ମିଳେ, କିନ୍ତୁ ସମାନ ପଦାର୍ଥ ମଧ୍ୟ କୃତ୍ରିମ ଭାବରେ ପ୍ରସ୍ତୁତ କରାଯାଏ । ଉଦାହରଣ ସ୍ୱରୂପ- ମହୁମାଛିମାନେ ସେମାନଙ୍କ ମହୁ ଫେଣା ପାଇଁ ଅଠାଳିଆ ଦ୍ରବ୍ୟ (ମହମ ଭଳି) ଉତ୍ପାଦନ କରନ୍ତି, କିନ୍ତୁ ପେଟ୍ରୋଲିୟମରୁ ମଧ୍ୟ ସମାନ ପ୍ରକାରର ମହମ ତିଆରି କରାଯାଇପାରେ। ପେଟ୍ରୋଲିୟମ ଗଭୀର ଭୂତଳରେ ମିଳୁଥିବା ଏକ ତରଳ ପଦାର୍ଥ । ପେଟ୍ରୋଲିୟମରୁ ପେଟ୍ରୋଲ, କିରୋସିନ୍, ଡିଜେଲ ଆଦିକୁ ପୃଥକ କରାଯାଏ । ପେଟ୍ରୋଲ, ପ୍ଲାଷ୍ଟିକ, ରବର କିମ୍ବା ପାରାଫିନ୍ ମହମ ଭଳି ପେଟ୍ରୋଲିୟମ ଭିତ୍ତିକ ପଦାର୍ଥ ଜୈବ ଅବକ୍ଷୟ ଅକ୍ଷମ ବର୍ଜ୍ୟବସ୍ତୁ ସୃଷ୍ଟି କରିଥାଏ । ଏହି ଧାରଣାକୁ କେବଳ ତୃତୀୟ ଶ୍ରେଣୀରେ ସମ୍ୟକ ଭାବରେ ସୂଚାଇ ଦିଆଯାଇଛି ଏବଂ ଏହାର ବିସ୍ତୃତ ଧାରଣା ଉପର ଶ୍ରେଣୀରେ ବର୍ଣ୍ଣନା କରାଯାଇଛି ।



## ପ୍ରାକୃତିକ-କୃତ୍ରିମ



ଖୁସି ଗୋଟିଏ ଆମ୍ବ ଫଳିଥିବା ଗଛର ଚିତ୍ର ଆଙ୍କିଛି ଯେଉଁଥିରେ, ଗୋଟିଏ ପକ୍ଷୀ ବସିଛି । ଗଛ, ଆମ୍ବ ଓ ପକ୍ଷୀ ମନୁଷ୍ୟ ଦ୍ୱାରା ନିର୍ମିତ ନୁହେଁ ବରଂ ପ୍ରକୃତିର ଦାନ ଅଟେ । ପ୍ରକୃତିରୁ ସୃଷ୍ଟି ହୋଇଥିବା ବସ୍ତୁକୁ 'ପ୍ରାକୃତିକ' କୁହାଯାଏ । ପ୍ରାକୃତିକ ବସ୍ତୁ ଜୀବିତ ହୋଇପାରେ, ଯେପରି ଉଦ୍ଭିଦ ଏବଂ ପ୍ରାଣୀ, କିମ୍ବା ନିର୍ଜୀବ ମଧ୍ୟ ହୋଇପାରେ, ଯେପରି ପଥର, ଜଳ ଏବଂ ବାୟୁ ।

ମଣିଷ ତିଆରି କରୁଥିବା ବସ୍ତୁକୁ 'କୃତ୍ରିମ' ବୋଲି କୁହାଯାଏ ଯେପରି ପୋଷାକ, ଜୋତା, ଟେବୁଲ ଇତ୍ୟାଦି ।

ପ୍ରତ୍ୟେକରୁ ପାଞ୍ଚଟି ବସ୍ତୁର ନାମ ଲେଖ:-

- ପ୍ରାକୃତିକ : ____________________
- କୃତ୍ରିମ : ____________________

ପରବର୍ତ୍ତୀ ପାଠରେ ଆମେ ବସ୍ତୁଗୁଡ଼ିକ କିପରି ତିଆରି ହୁଏ ସେହି ବିଷୟରେ ଅଧିକ ଅନୁସନ୍ଧାନ କରିବା ।




ତୁମେ ଆଖପାଖରେ ଏମିତି କିଛି ଗଛ ଦେଖିଛ କି ଯେଉଁଥିରେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଫୁଲ ଫୁଟେ ଏବଂ ଫଳ ଫଳେ ? ଯଦି ତୁମେ କେବେ ପାଚିଲା ଆମ୍ବ ଖାଇଥିବ କିମ୍ବା ବଜାରରେ ଆମ୍ବ ମିଳୁଥିବାର ଦେଖିଥିବ କିମ୍ବା ବର୍ଷ ସାରା ଆମ୍ବ ଗଛକୁ ଦେଖିଥିବ, ତୁମେ ଅନୁମାନ କରିପାରିବ ଯେ ବର୍ଷର କେଉଁ ସମୟରେ ଖୁସି ଏହି ଚିତ୍ର ଆଙ୍କିଥିଲା ? ଏହା ଜାନୁଆରୀ ପାଖପାଖି କିମ୍ବା ମଇ ମାସ ବେଳକୁ ହୋଇପାରେ କି ?



## ଆସ ଚିନ୍ତା କରିବା

### ୧. ଲେଖ

ଆମ ଆଖପାଖର ବସ୍ତୁ ବିଭିନ୍ନ ପ୍ରକାର ପଦାର୍ଥରେ ତିଆରି ହୋଇଥାଏ । ସାଧାରଣତଃ ଆମ ଚାରିପାଖରେ ଦେଖାଯାଉଥିବା ତିନୋଟି ପଦାର୍ଥର ନାମ ଲେଖ ।

### ୨. ଆଲୋଚନା କର


ମନେକର ତୁମେ ଏକ ଚକଚକିଆ ଚାମଚ ପାଇଲ । ତୁମେ ଜାଣି ନାହଁ ଯେ ଏହା ଧାତୁରେ ନିର୍ମିତ ନା ଅନ୍ୟ କୌଣସି ପଦାର୍ଥରେ ନିର୍ମିତ ଏବଂ ପରେ ଚମକଦାର ରଙ୍ଗରେ ଏହାକୁ ରଙ୍ଗୀନ୍ କରାଯାଇଛି । ତୁମେ କେମିତି ଜାଣିବ ତାହା କେଉଁଥିରେ ତିଆରି ?

### ୩. ଚିତ୍ର ଅଙ୍କନ କର

ତିନୋଟି ପ୍ରାକୃତିକ ଏବଂ ତିନୋଟି କୃତ୍ରିମ ବସ୍ତୁର ଚିତ୍ର ଅଙ୍କନ କର ।

### ୪. ସ୍ତମ୍ଭ ଯୋଡ଼

| | |
|---|---|
| ସ୍ୱଚ୍ଛ | ପଲିଥିନ ବ୍ୟାଗ |
| ଆଂଶିକ ସ୍ୱଚ୍ଛ | ଷ୍ଟିଲ ପ୍ଲେଟ୍ |
| ଅସ୍ୱଚ୍ଛ | ଚଷମାରେ ବ୍ୟବହୃତ କାଚ |



ପାଠ ୧୧

# ପଦାର୍ଥରୁ ବସ୍ତୁ



ତୁମେ ପାଣି ରଖିବା ପାଇଁ ମାଠିଆ ଦେଖିଥିବ କିମ୍ବା ବ୍ୟବହାର କରିଥିବ । ତୁମେ କୁମ୍ପି, ସୁରେଇ, ଦୀପ, ସରା ଏହିପରି ଅନେକ ବସ୍ତୁ ଘରେ ଏବଂ ଆଖପାଖରେ ଦେଖିଛ ।


ତୁମେ କେବେ ଚିନ୍ତା କରିଛ କି ?

- ଏହିସବୁ ବସ୍ତୁ କେଉଁଥିରେ ତିଆରି ହୋଇଛି ?
- ଏହାକୁ କିଏ ଏବଂ କେମିତି ତିଆରି କରିଛି ?



## ମାଟି କାରିଗରର ପରିବାର

ସମୁଦ୍ର କୂଳରେ ଥିବା ଗୋଟିଏ ସହରରେ ମିନି ତା' ଜେଜେବାପାଙ୍କୁ ପାତ୍ର ତିଆରି କରୁଥିବାର ଦେଖିଛି । ସେ ମାଟି ନେଇ ତାକୁ ଓଦା କରନ୍ତି । ମାଟିରେ ଆବଶ୍ୟକ ପରିମାଣର ପାଣି ମିଶାନ୍ତି । ତା'ପରେ ସେ ଏହାକୁ ଭଲ ଭାବରେ ହାତରେ ବାଡ଼େଇ ସୁନିଶ୍ଚିତ କରନ୍ତି ଯେ ମାଟି ଅତ୍ୟଧିକ ଓଦା କିମ୍ବା ଅତ୍ୟଧିକ ଶୁଖିଲା ହୋଇନାହିଁ । ଏବେ ସେ ମାଟିକୁ ଅଟା ଭଳି ଦଳନ୍ତି । ଶେଷରେ ସେ ମାଟିକୁ ଏକ ପଥର ଚକ ଉପରେ ରଖି, ଚକକୁ ବୁଲାଇ ବିଭିନ୍ନ ଆକାର ଦେଇଥାନ୍ତି ।





ଯେତେବେଳେ ମାଟିପାତ୍ରଗୁଡ଼ିକ ଶୁଖିଯାଏ, ମା'ସେଗୁଡ଼ିକୁ ଏକ ବଡ଼ ଚୁଲା ଭିତରେ ଜଳୁଥିବା ନିଆଁରେ ରଖନ୍ତି । ମାଟି କାରିଗରଙ୍କ ଚୁଲାକୁ 'ଭାଟି' କୁହାଯାଏ । ଏହା କଞ୍ଚା ମାଟି ପାତ୍ରକୁ ପୋଡ଼ିଥାଏ ।




ଏହାପରେ ବ୍ୟବହାର ଉପଯୋଗୀ ପାତ୍ର ପ୍ରସ୍ତୁତ ହୋଇଥାଏ । ଜେଜେବାପା, ମା' ଏବଂ ପରିବାରର ଅନ୍ୟ ସଦସ୍ୟମାନେ ପାତ୍ରଗୁଡ଼ିକୁ ଆହୁରି ସୁନ୍ଦର କରିବା ପାଇଁ ସେଥିରେ କିଛି କାରୁକାର୍ଯ୍ୟ କରିଥାନ୍ତି ।

## ଆସ କଥା ହେବା

- ମାଠିଆ କେଉଁ କାମ ପାଇଁ ବ୍ୟବହାର କରାଯାଏ ?
- ମାଟି କାରିଗରମାନେ ଅନ୍ୟ କେଉଁ ପ୍ରକାର ଜିନିଷ ତିଆରି କରନ୍ତି ?
- ଭାଟିରେ କଞ୍ଚା ମାଠିଆ କାହିଁକି ପୋଡ଼ାଯାଏ ?

## କାର୍ଯ୍ୟ ୧

- ତୁମେ ପିତାମାତା କିମ୍ବା ପରିବାରର ବୟସ୍କମାନଙ୍କ ସହିତ ଆଖପାଖର ଜଣେ ମାଟି କାରିଗରଙ୍କୁ ସାକ୍ଷାତ କର ।
- ଚକ ଉପରେ ମାଟି କାରିଗର କିପରି କାମ କରନ୍ତି ତାହା ଦେଖ ।
- ମାଟି କିପରି ଚକ ଉପରେ ସୁନ୍ଦର ଆକାର ନେଇଥାଏ ସେହି ବିଷୟରେ ତୁମେ କେବେ ଭାବିଛ କି ?
- ମାଟି କାରିଗର ଦ୍ୱାରା ପ୍ରସ୍ତୁତ ବସ୍ତୁ ମଧ୍ୟରୁ କେଉଁଗୁଡ଼ିକୁ ତୁମେ ଘରେ ବ୍ୟବହାର କରୁଛ ?
- ନିମ୍ନରେ ଦିଆଯାଇଥିବା ଖାଲି ସ୍ଥାନରେ ତୁମେ ଦେଖିଥିବା ଏବଂ ମାଟି କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କେତେକ ବସ୍ତୁର ଚିତ୍ର ଅଙ୍କନ କର ।





ମିନି ବୟସରେ ବହୁତ ଛୋଟ ହୋଇଥିବାରୁ ମାଟି କାରିଗରଙ୍କ ଚକ ବ୍ୟବହାର କରି ବିଭିନ୍ନ ଜିନିଷ ତିଆରି କରିପାରେ ନାହିଁ । କିନ୍ତୁ ସେ ତା' ଜେଜେବାପାଙ୍କୁ ପାତ୍ରରେ ବିଭିନ୍ନ କାରୁକାର୍ଯ୍ୟ କରିବା ଏବଂ ରଙ୍ଗ କରିବାରେ ସାହାଯ୍ୟ କରେ । ତା'ର ପ୍ରିୟ ମାଟି ଜିନିଷ ହେଲା କୁମ୍ଭି । ଏଥିରେ ସୁନ୍ଦର କାରୁକାର୍ଯ୍ୟ କରିବାକୁ ସେ ଭଲ ପାଏ । ଏହାପରେ ସେ ଟଙ୍କା ସଞ୍ଚୟ କରିବା ପାଇଁ ଏହାକୁ ବ୍ୟବହାର କରେ ।



ତୁମେ ପିତାମାତା ଏବଂ ଜେଜେବାପାଙ୍କୁ କେଉଁ ସବୁ କାର୍ଯ୍ୟରେ ସାହାଯ୍ୟ କର ?

**କାର୍ଯ୍ୟ ୨**

## ମାଟି ଜିନିଷ ତିଆରି କର

(ବୟସ୍କଙ୍କ ସାହାଯ୍ୟରେ ଏହି କାମ କର)

- ଓଦା କିମ୍ବା କାଦୁଅ ସ୍ଥାନରୁ ମାଟି ସଂଗ୍ରହ କର ।
- ଚାଲୁଣି ସାହାଯ୍ୟରେ ଛୋଟ, ବଡ଼ ପଥର, ବାଲି, ପତ୍ର କିମ୍ବା ଗଛର କିଛି ଅଂଶକୁ ଏଥିରୁ ବାହାର କରିଦିଅ ।
- ଏହି ମାଟିକୁ ଗୋଟିଏ ସମତଳ ପାତ୍ରରେ ରଖି ପାଣି ଭର୍ତ୍ତି କର ।
- କିଛି ଦିନ ପରେ, ଉପରେ ରହିଥିବା ପାଣିକୁ ଫିଙ୍ଗି ଦିଅ ।
- ଏବେ ଅଟା ପରି ମାଟିକୁ ଚକଟି ତୁମେ ବଲ୍‌ର ଆକାର ଦିଅ ।




ତୁମେ ଏହି ମାଟିରେ ଯେକୌଣସି ଦୁଇଟି ଜିନିଷ ତିଆରି କର । ଏହାକୁ ଖରାରେ ରଖି ଶୁଖିବାକୁ ଦିଅ ।



## କାର୍ଯ୍ୟ ୩


ନିମ୍ନ ଚିତ୍ରଗୁଡ଼ିକୁ ୧ ରୁ ୫ ପର୍ଯ୍ୟନ୍ତ ସଂଖ୍ୟା ଦେଇ ଠିକ୍ କ୍ରମରେ ସଜାଅ ।






## ପ୍ରକୃତିର ସଂରଚନା

ପ୍ରକୃତିର ସବୁସ୍ଥାନରେ କିଛି ନା କିଛି ସଂରଚନା ଦେଖିବାକୁ ମିଳେ । ଚିତାବାଘ ଉପରେ ଦାଗ କିମ୍ବା ଗୁଣ୍ଡୁଚି ମୂଷା ଉପରେ ଗାର ଏଗୁଡ଼ିକ ଗୋଟିଏ ଲେଖାଏଁ ସଂରଚନା । ପାତ୍ରରେ ଚିତ୍ରାଙ୍କନ କରୁଥିବା କଳାକାରମାନେ ନିଜ କଳା ପାଇଁ ପ୍ରକୃତିରୁ ଧାରଣା ପାଆନ୍ତି । ପ୍ରକୃତିର ସଂରଚନାକୁ ଅନୁକରଣ କରି ବିଭିନ୍ନ ଆକୃତି ଓ ରଂଗ ବ୍ୟବହାର କରି ବିଭିନ୍ନ କାରୁକାର୍ଯ୍ୟ କରାଯାଏ ।





ତୁମେ ନିଶ୍ଚୟ ଆଖପାଖରେ ଥିବା ଉଦ୍ଭିଦ ଏବଂ ପଶୁମାନଙ୍କର ଗଠନ ଶୈଳୀ (ସଂରଚନା) ଦେଖିଥିବ । ଉଦାହରଣ ସ୍ୱରୂପ- ଯଦି ତୁମେ ନିମ୍ବ ଗଛର ଡାଳରେ ଥିବା ପତ୍ରଗୁଡ଼ିକୁ ଲକ୍ଷ୍ୟ କରିବ, ତେବେ ତୁମେ ଏକ ସଂରଚନା ପାଇବ । ମୟୂର, ବିଲେଇ, ବାଘ, ଜେବ୍ରା, ପ୍ରଜାପତି, ମାଛ ଆଦି କେତେକ ଜୀବଜନ୍ତୁଙ୍କଠାରେ ମଧ୍ୟ ନିର୍ଦ୍ଦିଷ୍ଟ ସଂରଚନା ଦେଖିବାକୁ ମିଳିଥାଏ ।







## କାର୍ଯ୍ୟ ୪


ନିମ୍ନରେ କେତେକ ସଂରଚନା ଦିଆଯାଇଛି, ଯେଉଁଥିରେ ଆକୃତି ଓ ଗାରଗୁଡ଼ିକ ବାରମ୍ବାର ବ୍ୟବହୃତ ହୋଇଛି ।

### ପତ୍ରର ସଂରଚନାକୁ ଭଲ ଭାବରେ ଦେଖ:-



ଦିଆଯାଇଥିବା କୋଠରିରେ ଯେକୌଣସି ସଂରଚନା ଥିବା ଏକ ପତ୍ରର ଚିତ୍ର ଅଙ୍କନ କର ।

### ପ୍ରାଣୀମାନଙ୍କର ସଂରଚନାକୁ ଭଲ ଭାବରେ ଦେଖ:-



ଦିଆଯାଇଥିବା କୋଠରିରେ ଯେକୌଣସି ସଂରଚନା ଥିବା ଏକ ପ୍ରାଣୀର ଚିତ୍ର ଅଙ୍କନ କର ।




### ଚତୁଃପାର୍ଶ୍ୱରେ ଥିବା ବସ୍ତୁଗୁଡ଼ିକର ସଂରଚନାକୁ ଦେଖ ।



କୋଠରିରେ ଯେକୌଣସି ବସ୍ତୁର ସଂରଚନା ଅଙ୍କନ କର ।



## ତଳେ ଦିଆଯାଇଥିବା ବସ୍ତୁଗୁଡ଼ିକୁ ବିଭିନ୍ନ ସଂରଚନାରେ ଚିତ୍ରିତ କର ।

## ଭାରତୀୟ ମାଟି ପାତ୍ରରେ ସଂରଚନା


ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାଟିକାର୍ଯ୍ୟର କେତେକ ସୁନ୍ଦର ବସ୍ତୁର ଚିତ୍ର ଏଠାରେ ଦିଆଯାଇଛି । ଯେଉଁଥିରେ ସଂରଚନାର ରୂପ ରହିଛି ସେଗୁଡ଼ିକୁ (✓) ଚିହ୍ନ ଦିଅ ।









ବର୍ତ୍ତମାନ ସୁଦ୍ଧା ତୁମେ ମାଟିରେ ତିଆରି ପାତ୍ର ସହିତ ପରିଚିତ ହୋଇସାରିଥିବ । ଆସ ଇଟା ବିଷୟରେ କିଛି ଜାଣିବା ।


### ଇଟା ତିଆରି




- ତୁମେ ଇଟା କେଉଁଠାରେ ଦେଖିଛ ?
- ଇଟା କିପରି ତିଆରି କରାଯାଏ ତୁମେ ଦେଖିଛ କି ?


ଇଟା ମଧ୍ୟ ମାଟିରେ ତିଆରି ହୋଇଥାଏ ଯେମିତି ଜେଜେବାପା ହାଣ୍ଡି ତିଆରି କରୁଥିଲେ ।

ତୁମେ ଇଡ଼ିଲି, କେକ୍ କିମ୍ବା କୁଲ୍‌ଫିର ଛାଞ୍ଚ ଦେଖିଥିବ । ସେହିଭଳି ଇଟାକୁ ଆକାର ଦେବା ପାଇଁ 'ଛାଞ୍ଚ' ବ୍ୟବହାର କରାଯାଏ । ଭାଟିରେ ଇଟା ପୋଡ଼ିବା ପରେ କଠିନ ହୋଇଯାଏ । ଘର, ବିଦ୍ୟାଳୟ, ଡାକ୍ତରଖାନା ଓ କୋଠା ଆଦି ନିର୍ମାଣରେ ଇଟା ବ୍ୟବହୃତ ହୁଏ ।












ରୋହନ ଓ ତାଙ୍କ ବାପା ବାଲେଶ୍ୱରରେ ରହନ୍ତି । ରୋହନ ଘର ତିଆରି ଦେଖିବାକୁ ଭଲପାଏ । ସେ ଆଶ୍ଚର୍ଯ୍ୟ ହୁଏ ଯେ ତା’ ବାପା ଏବଂ ତାଙ୍କ ସହକର୍ମୀମାନେ କିପରି ଏତେ ଉଚ୍ଚ ଓ ସୁନ୍ଦର କୋଠା ନିର୍ମାଣ କରିପାରୁଛନ୍ତି ।

ଇଟାର କାନ୍ଥ ନିର୍ମାଣ ଦେଖିବା ରୋହନର ପ୍ରିୟ କାର୍ଯ୍ୟ । ସେ ଗୋଟିଏ ନିର୍ଦ୍ଦିଷ୍ଟ କାନ୍ଥ ନିର୍ମାଣ ହେଉଥିବା ଦେଖୁଥିଲା ।



ଦିନ ଅତିକ୍ରମ ହେବା ସହ ଇଟାକୁ ଇଟା ଯୋଡ଼ି ହୋଇ କାନ୍ଥଟି ସମ୍ପୂର୍ଣ୍ଣ ହୋଇଯାଇଛି । କିଛି ମାସ ପରେ ରୋହନ ଦେଖିଲା ଯେ ଏହା ଏକ ବଡ଼ କୋଠାରେ ପରିଣତ ହୋଇସାରିଛି ।





## ଆସ କଥା ହେବା

- ସବୁ ଘର ଇଟାରେ ତିଆରି କି ?
- ଘର ତିଆରିରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ସବୁ କ'ଣ ହୋଇଥିବ ବୋଲି ତୁମେ ଭାବୁଛ ?



ଆମ ଦେଶର କେତେକ ଉଷ୍ଣ ଅଞ୍ଚଳରେ ଘର ଥଣ୍ଡା ରଖିବା ପାଇଁ ଲୋକମାନେ ପାରମ୍ପରିକ ରୀତିରେ ମାଟି ଘର ତିଆରି କରନ୍ତି । ଲୋକମାନେ ଘାସ ଓ କାଠ ଭଳି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରିଥାନ୍ତି । ସିମେଣ୍ଟ ପରିବର୍ତ୍ତେ ଅନେକ ଲୋକ ଗୋବର ବ୍ୟବହାର କରି କାନ୍ଥ ଓ ଚଟାଣକୁ ଚିକ୍କଣ କରିଥାନ୍ତି । ଗୋବର ଲେପ ଗରମକୁ ଦୂରେଇ ରଖିଥାଏ ଓ ପୋକମାନଙ୍କୁ ଘରେ ପ୍ରବେଶ କରିବାକୁ ଦେଇନଥାଏ ।

## ଆସ ଲେଖିବା

୧. ପରିବେଶ ପାଇଁ ମାଟି ଘର ଅଧିକ ଭଲ ବୋଲି ତୁମେ କାହିଁକି ଭାବୁଛ ?

---

---

୨. ତୁମ ଆଖପାଖରେ ଥିବା ଘରଗୁଡ଼ିକୁ ଦେଖ । ଘରଗୁଡ଼ିକ କେଉଁଥିରେ ତିଆରି ହୋଇଛି ?


---

---




## କାର୍ଯ୍ୟ ୫

ନିମ୍ନରେ ଥିବା ଚିତ୍ରଗୁଡ଼ିକ ଦେଖ । ପ୍ରତ୍ୟେକ ପ୍ରକାର ଘରର ନାମ ଅନୁମାନ କର । ନିମ୍ନରେ ଦିଆଯାଇଥିବା ସାରଣୀକୁ ପୂରଣ କର ।

| ଘରର ଚିତ୍ର | ଏହି ପ୍ରକାର ଘରକୁ କ'ଣ କୁହାଯାଏ ? | ଏହି ଘର କେଉଁଥିରେ ନିର୍ମିତ ? |
|---|---|---|
|  | | |
|  | | |
|  | | |
|  | | |




## କାର୍ଯ୍ୟ ୧



### ଆସ କାନ୍ଥ ତିଆରି କରିବା


ଦିଆସିଲି ଖୋଳ / ଛୋଟ କାଗଜ ବାକ୍ସ / ମାଟିର ଚକଟାକୁ ବ୍ୟବହାର କରି ଛୋଟ ଛୋଟ ଇଟା ତିଆରି କର । ଚିତ୍ରରେ ପ୍ରଦର୍ଶିତ ଏହି ଦୁଇଟି ପ୍ରଣାଳୀ ଅନୁସାରେ ସେଗୁଡ଼ିକୁ ରଖ ।



- କେଉଁଟା ଟାଣୁଆ ହେବ ?
- ଧକ୍କା ଦେଲେ କେଉଁଟି ଖୁବ୍ ସହଜରେ ଖସିପଡ଼ିବ ?

### ପ୍ରଥମେ ନିରାପତ୍ତା

ରୋହନର ବାପା କାମ କରିବା ସମୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ନିୟମ ପାଳନ କରନ୍ତି । ଉଦାହରଣ ସ୍ୱରୂପ, ସେ ସର୍ବଦା ଏକ ସୁରକ୍ଷାପ୍ରଦ ପୋଷାକ ଏବଂ ମଜବୁତ ଜୋତା ସହିତ ଫିତା ଲଗା ହେଲମେଟ୍ ପିନ୍ଧିଥାନ୍ତି ।



## ଆସ କଥା ହେବା

- ଘରେ କିଛି ସୁରକ୍ଷା ନିୟମ ଅଛି କି ?
- ବିଦ୍ୟାଳୟରେ ତୁମର କୌଣସି ସୁରକ୍ଷା ନିୟମ ଅଛି କି ?



## ଆସ ଚିନ୍ତା କରିବା

### ୧. ଲେଖ

କ. ମାଟି ପାତ୍ର ତିଆରି କରିବାର ପ୍ରକ୍ରିୟା କ'ଣ ?

ଖ. କଳାକାରମାନେ ସେମାନଙ୍କ କାର୍ଯ୍ୟ ପାଇଁ କେଉଁଠୁ ଧାରଣା ପାଆନ୍ତି ?

ଗ. ଭାଟି କ'ଣ ?

ଘ. କେଉଁ କେଉଁ ସାମଗ୍ରୀକୁ ନେଇ ଘର ତିଆରି ହୋଇଥାଏ ?

ଙ. ତୁମେ ୟୁ-ଟ୍ୟୁବରେ ଏପରି ଭିଡ଼ିଓ ଖୋଜିବାକୁ ଚେଷ୍ଟା କରିପାର ଯେଉଁଥିରେ ବିଭିନ୍ନ ବସ୍ତୁ ତିଆରି କରିବାର ପ୍ରକ୍ରିୟା ଦର୍ଶାଯାଇଥାଏ । ସେହି ପ୍ରକ୍ରିୟାଗୁଡ଼ିକୁ ଯଥାସମ୍ଭବ ବିସ୍ତୃତ ଭାବରେ ଲେଖ ।

### ୨. ଯେକୌଣସି ତିନୋଟି ଭିନ୍ନ ପ୍ରକାର ଘର ଅଙ୍କନ କର ଏବଂ ରଙ୍ଗ କର ।

### ୩. ଆଲୋଚନା କର

କ. ଆମ ଘରଗୁଡ଼ିକ ବିଭିନ୍ନ ପ୍ରକାର କାହିଁକି ?

ଖ. ନିର୍ମାଣସ୍ଥଳୀରେ ଲୋକମାନେ ହେଲମେଟ୍ ପିନ୍ଧନ୍ତି କାହିଁକି ?

ଗ. ଯଦି ପ୍ରକୃତିର କୌଣସି ସଂରଚନା ନଥାନ୍ତା ତେବେ କ'ଣ ହୋଇଥାନ୍ତା ?

### ୪. ସାକ୍ଷାତ କର

କ. ତୁମ ଅଞ୍ଚଳରେ ହସ୍ତଶିଳ୍ପ କିମ୍ବା ଖେଳନା ତିଆରି କରୁଥିବା ବ୍ୟକ୍ତିଙ୍କ ସାକ୍ଷାତକାର ନିଅ । ସଂଗୃହିତ ସୂଚନାକୁ ଶ୍ରେଣୀରେ ଆଲୋଚନା କର ।

ଖ. ପେନସିଲ୍, ରବର, କଲମ ଓ ଖାତା ଭଳି ସାଧାରଣ ବ୍ୟବହୃତ ହେଉଥିବା ଜିନିଷ କିପରି ତିଆରି ହୁଏ, ଅନ୍ୟମାନଙ୍କୁ ପଚାରି ବୁଝ ।



## ତୁମେ ଜାଣ କି ?

ତୁମେ ତୁମ ଅଞ୍ଚଳ କିମ୍ବା ସହରରେ କୌଣସି ପ୍ରତିମୂର୍ତ୍ତି ଦେଖିଛ କି ?



ତୁମେ ଜାଣ କି ଏହି ମୂର୍ତ୍ତିଗୁଡ଼ିକ ମଧ୍ୟ ସେହି ମାଟିରେ ନିର୍ମିତ ଯାହା ପାତ୍ର ଏବଂ ଇଟା ତିଆରି କରିବାରେ ବ୍ୟବହୃତ ହୁଏ ।





ପାଠ ୧୨



# ଆବର୍ଜନାର ପରିଚାଳନା

## ଜାତୀୟ ସ୍ୱଚ୍ଛତା ଦିବସ



## ଆସ କଥା ହେବା

- ଚିତ୍ରରେ ପିଲା ଓ ଶିକ୍ଷକମାନେ କ'ଣ କରୁଛନ୍ତି ?
- ସେମାନେ ପାର୍କକୁ କାହିଁକି ସଫା କରୁଛନ୍ତି ?
- ତୁମେ କେବେ ତୁମ ଘର କିମ୍ବା ବିଦ୍ୟାଳୟ ଚାରିପାଖରେ ଅଳିଆ ଗଦା ହୋଇଥିବାର ଦେଖିଛ କି ?
- ଏହି ଆବର୍ଜନା କିପରି ସୃଷ୍ଟି ହୁଏ ସେ ବିଷୟରେ ତୁମେ କେବେ ଚିନ୍ତା କରିଛ କି ?

## କାର୍ଯ୍ୟ ୧

- ତୁମେ ଏବଂ ତୁମ ପରିବାରର ସଦସ୍ୟମାନେ ପ୍ରତିଦିନ କରୁଥିବା ବିଭିନ୍ନ କାର୍ଯ୍ୟକୁ ମନେପକାଅ । ଏହି କାର୍ଯ୍ୟଗୁଡ଼ିକ କିପରି ଆବର୍ଜନା ସୃଷ୍ଟି କରିଥାଏ ? ଶେଷରେ ଆବର୍ଜନାକୁ ଆମେ କ'ଣ କରିଥାଉ ?
- ପାଇଥିବା ତଥ୍ୟକୁ ସାଙ୍ଗମାନଙ୍କ ସହ ଆଲୋଚନା କର ।



**ଶିକ୍ଷକଙ୍କ ପାଇଁ ସୂଚନା:**
ସାଧାରଣ ବର୍ଜ୍ୟବସ୍ତୁ ବା ଆବର୍ଜନା ସୃଷ୍ଟିର କିଛି ଉଦାହରଣ ପିଲାମାନଙ୍କୁ ମନେପକାଇ ଦିଅନ୍ତୁ । ପ୍ୟାକେଜ୍ ହୋଇଥିବା ବସ୍ତୁ, ପ୍ଲାଷ୍ଟିକ, ଖାଦ୍ୟକୁ ଅନ୍ୟ ସ୍ଥାନକୁ ନେବା-ଆଣିବାରେ ଏବଂ ସାଜସଜ୍ଜାରେ ବ୍ୟବହୃତ ପଦାର୍ଥ ଆଦି ସାଧାରଣ ବର୍ଜ୍ୟବସ୍ତୁ ଅଟେ ।



## ଆବର୍ଜନା ସୃଷ୍ଟି ହୁଏ କିପରି ?



ଦୈନନ୍ଦିନ କାର୍ଯ୍ୟରେ ଆମେ ବହୁତ ଆବର୍ଜନା ସୃଷ୍ଟି କରିଥାଉ । ପୁରୁଣା ପୋଷାକ, ଟିଣ ବୋତଲ, କାଗଜ, ପଲିଥିନ, ପନିପରିବା ଏବଂ ଫଳ ଚୋପା, ପ୍ଲାଷ୍ଟିକ ଖୋଳ, ପେନସିଲ୍ ଗୁଣ୍ଡ, ପୁରୁଣା ବ୍ୟାଟେରୀ ଏବଂ ଅନ୍ୟାନ୍ୟ ଜିନିଷ ଆଦି ଆବର୍ଜନାର ଉଦାହରଣ ।

ଆମେ ବର୍ଜ୍ୟବସ୍ତୁକୁ ଫିଙ୍ଗିଦେଉ ଓ ବେଳେବେଳେ ଦେଖୁ ଯେ ଏହା ଅଳିଆ ଗଦାରେ ପରିଣତ ହୋଇଯାଏ । ଏଗୁଡ଼ିକ ତୁମ ଘର, ବିଦ୍ୟାଳୟ କିମ୍ବା ଆଖପାଖ ଅଞ୍ଚଳରେ ଗଦା ହୋଇ ରହିଥାଏ ।

**ଏହି ବିଷୟରେ ତୁମର ଅନୁଭବ କ'ଣ ?**

**ତୁମେ ଭାବୁଛ କି ଆମେ ଏଥିପାଇଁ କିଛି କରିପାରିବା ?**

## ଆବର୍ଜନାର ପରିଚାଳନା

ଆବର୍ଜନାର ପରିଚାଳନା ଆମେ ଶିଖିବା ଦରକାର । ଆବର୍ଜନାର ପରିଚାଳନା ଆମ ନିଜ ହାତରେ ଅଛି । ଆମେ ଲୋକମାନଙ୍କଠାରୁ କିମ୍ବା ବିଭିନ୍ନ ସ୍ଥାନରୁ ଆବର୍ଜନାର ପରିଚାଳନା ବିଷୟରେ ଶିଖିପାରିବା ।

ଆସ ଦେଖିବା ସେମାନେ କିପରି ଆବର୍ଜନାକୁ ପରିଚାଳନା କରୁଛନ୍ତି ।



## ଆବର୍ଜନା ପରିଚାଳନାର ଉପାୟ



ଅଧିକାଂଶ ସମୟରେ ରାସ୍ତା କଡ଼ରେ, ଘର ଅଗଣାରେ, ଖାଲି ଜମି ନିକଟରେ ଆବର୍ଜନା ଦେଖିବାକୁ ମିଳେ। ପ୍ଲାଷ୍ଟିକ ମିଶିଥିବା ଖାଦ୍ୟ ଖାଇ ଗାଈ ଓ ଅନ୍ୟ ପ୍ରାଣୀମାନେ ମରିଯାଇପାରନ୍ତି । କିଛି ଲୋକମାନେ ପ୍ଲାଷ୍ଟିକକୁ ପୋଡ଼ିଥାନ୍ତି, ଯାହା କ୍ଷତିକାରକ ଗ୍ୟାସ୍ ନିର୍ଗତ କରିଥାଏ।

ଚାରିପାଖରେ ଥିବା ସମସ୍ତ ଆବର୍ଜନା ଯୋଗୁ ଲୋକମାନେ ଅସୁସ୍ଥ ହେବାକୁ ଆରମ୍ଭ କଲେଣି । ରାସ୍ତା ଦେଇ କାଦୁଅ ଓ ଗୋଳିଆ ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥାଏ । ଏହାଦ୍ୱାରା ମଶା ସଂଖ୍ୟା ବୃଦ୍ଧି ପାଇଥାଏ । ମଶା କାମୁଡ଼ିବା ଦ୍ୱାରା ରୋଗ ସୃଷ୍ଟି ହୁଏ । ଗୋଳିଆ ଜଳ ଜୀବାଣୁ ବହନ କରିପାରେ ଯାହା ଅନେକ ରୋଗ ସୃଷ୍ଟି କରେ ।

କିନ୍ତୁ କେତେକ ସ୍ଥାନରେ ଲୋକମାନେ ଘର ଓ ଆଖପାଖ ସଫା ରଖିବା ପାଇଁ କଠିନ ପରିଶ୍ରମ କରନ୍ତି। ସେମାନେ କିପରି ଏହା କରନ୍ତି ତାହା ଆମେ ଶିଖିବା।

### କାର୍ଯ୍ୟ ୨

ନିଜ ଆଖପାଖ ଅଞ୍ଚଳକୁ ନିରୀକ୍ଷଣ କର ।

### ଆସ କଥା ହେବା

- ତୁମ ବିଦ୍ୟାଳୟର ପରିବେଶ କେତେ ପରିଷ୍କାର ?
- ତୁମ ଶ୍ରେଣୀଗୃହ ଭିତରେ କିମ୍ବା ବାହାରେ ଓ ବିଦ୍ୟାଳୟର ଖେଳ ପଡ଼ିଆରେ ଅଳିଆ ପଡ଼ିଥିବା ଦେଖିବାକୁ ମିଳେ କି ?



## ଆସ ଚିତ୍ର ଆଙ୍କିବା

ତୁମ ଅଞ୍ଚଳର ଗୋଟିଏ ଚିତ୍ର ଅଙ୍କନ କର କିମ୍ବା ଫଟୋ ଉଠାଇ ଅଠାଦେଇ ଲଗାଅ । ଆବର୍ଜନା କିମ୍ବା ବର୍ଜ୍ୟଜଳ କିମ୍ବା ଧୂଆଁ ଥିବା ସ୍ଥାନଗୁଡ଼ିକୁ ନାଲି ରଙ୍ଗରେ ଗୋଲ ବୁଲାଇ ଏହି ଫଟୋରେ ଚିହ୍ନଟ କର । ସେଠାରେ ବର୍ଜ୍ୟବସ୍ତୁ କିପରି ଏକାଠି ହେଲା ତାହା ଜାଣିବାକୁ ଚେଷ୍ଟା କର ।

ତୁମ ଅଞ୍ଚଳରେ ବର୍ଜ୍ୟବସ୍ତୁ କିପରି ପରିଚାଳନା କରାଯାଏ ତାହା ଦେଖିବାର ଯଦି ସୁବିଧା ଥାଏ, ତାକୁ ଦେଖ କିମ୍ବା ଅନ୍ୟମାନଙ୍କଠାରୁ ପଚାରି ବୁଝ । ଯାହା ଜାଣିଲ ତାକୁ ଶ୍ରେଣୀଗୃହରେ ଆଲୋଚନା କର ।

ଏବେ ଆସ ସେହିମାନଙ୍କ ବିଷୟରେ କଥାବାର୍ତ୍ତା ହେବା ଯେଉଁମାନେ ବର୍ଜ୍ୟବସ୍ତୁକୁ ଉତ୍ତମ ଭାବରେ ପରିଚାଳନା କରନ୍ତି ।

### ଆବର୍ଜନା ହ୍ରାସ କରିବା



ଅନେକ ଲୋକ ଆଲୁମିନିୟମ ଖୋଳ କିମ୍ବା ପ୍ଲାଷ୍ଟିକ୍ ବୋତଲରେ ପ୍ୟାକ୍ ହୋଇଥିବା ଖାଦ୍ୟ ଓ ପାନୀୟଠାରୁ ଦୂରେଇ ରୁହନ୍ତି ଏବଂ ଆବର୍ଜନା ହ୍ରାସ କରିବା ପାଇଁ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରନ୍ତି ।

### ତୁମେ କେବେ ଏପରି କରିବାକୁ ଚେଷ୍ଟା କରିଛ କି ?

ପ୍ରଥମେ ସୃଷ୍ଟି କରୁଥିବା ଆବର୍ଜନାର ପରିମାଣକୁ ହ୍ରାସ କର । ସେମାନେ ଏହି ନିୟମକୁ ପ୍ରାଥମିକତା ଦେଇ ଅନୁସରଣ କରୁଛନ୍ତି ।

## କାର୍ଯ୍ୟ ୩

ଆବର୍ଜନା ହ୍ରାସ କରିବାରେ ତୁମେ କିପରି ସାହାଯ୍ୟ କରିପାରିବ ?



ଯେଉଁମାନେ ତୁମର ପୁରୁଣା ଖେଳଣା ଏବଂ ବହିଗୁଡ଼ିକ ଆବଶ୍ୟକ କରନ୍ତି କିନ୍ତୁ କିଣିବାକୁ ସକ୍ଷମ ନୁହଁନ୍ତି ସେମାନଙ୍କ ମଧ୍ୟରେ ଏହି ଜିନିଷଗୁଡ଼ିକ ବାଣ୍ଟି ସ୍ୱଚ୍ଛତା ଅଭିଯାନର ଏକ ଅଂଶ ହୁଅ ।

ତୁମେ ଅନ୍ୟ କେଉଁ ଉପାୟରେ ସାହାଯ୍ୟ କରିପାରିବ ?



ଆମେ ଯେତେ ଅଧିକ ଜିନିଷ କିଣିଥାଉ, ସେତେ ଅଧିକ ଜିନିଷ ଫିଙ୍ଗି ଦେଇଥାଉ, ଫଳରେ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥାଏ । ଆମେ ଆବଶ୍ୟକ ହେଉଥିବା ଜିନିଷ କିଣିବାକୁ ଚେଷ୍ଟା କରିବା ଉଚିତ ଏବଂ ସେଗୁଡ଼ିକ ଆଉ ବ୍ୟବହାର ଯୋଗ୍ୟ ନହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ବାରମ୍ବାର ବ୍ୟବହାର କରିବା ଉଚିତ୍ ।

ଆମେ ଯଥା ସମ୍ଭବ କମ୍ ବର୍ଜ୍ୟବସ୍ତୁ ସୃଷ୍ଟି କରିବାକୁ ଚେଷ୍ଟା କରିପାରିବା ।

## ପୁନଃବ୍ୟବହାର:-

ଦ୍ୱିତୀୟ କଥାଟି ହେଉଛି ଅନେକ ଲୋକ ଜିନିଷକୁ ଫିଙ୍ଗିଦେବା ପରିବର୍ତ୍ତେ ପୁନଃ ବ୍ୟବହାର କରନ୍ତି । ଆମ ଜେଜେବାପା, ଜେଜେମାଆ ପୁରୁଣା ପୋଷାକ ଫିଙ୍ଗୁ ନଥିଲେ । ସେମାନେ ପୁରୁଣା ଶାଢ଼ୀରୁ କନ୍ଥା ଏବଂ ପୁରୁଣା ପୋଷାକରୁ ବ୍ୟାଗ୍ ତିଆରି କରୁଥିଲେ । ବେଳେବେଳେ ଯେଉଁ ଲୋକମାନଙ୍କୁ ପୋଷାକ ଆବଶ୍ୟକ ହେଉଥିଲା ସେମାନଙ୍କୁ ପୁରୁଣା ପୋଷାକ ଦେଉଥିଲେ ।

ଉପହାର ସଜାଇବା ପାଇଁ ଖବରକାଗଜ କିମ୍ବା ପୁରୁଣା କପଡ଼ାର ବ୍ୟବହାର ଏକ ପରିବେଶ ଅନୁକୂଳ ଅଭ୍ୟାସ ଯାହା ବର୍ଜ୍ୟବସ୍ତୁ ହ୍ରାସ କରେ ଏବଂ ସମ୍ବଳକୁ ସଂରକ୍ଷଣ କରେ । ଏହି ଜିନିଷଗୁଡ଼ିକୁ ସୃଜନଶୀଳ ଭାବରେ ବ୍ୟବହାର କରି, ଆମେ କେବଳ ଆମର ବର୍ଜ୍ୟବସ୍ତୁକୁ ହ୍ରାସ କରି ନଥାଉ ବରଂ ଆମର ଉପହାରରେ ଏକ ବ୍ୟକ୍ତିଗତ ସ୍ପର୍ଶ ମଧ୍ୟ ଯୋଡିଥାଉ ।






## କାର୍ଯ୍ୟ ୪

ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ତୁମେ ଜିନିଷଗୁଡ଼ିକୁ କିପରି ପୁନଃବ୍ୟବହାର କରିପାରିବ ? ତୁମେ ଗୋଟିଏ ପାର୍ଶ୍ୱରେ ବ୍ୟବହୃତ ହୋଇଥିବା କାଗଜକୁ ରଫ୍ କାର୍ଯ୍ୟ ପାଇଁ ପୁନଃବ୍ୟବହାର କରିପାରିବ । ପାଣି ବୋତଲ ବାରମ୍ବାର କିଣିବା ପରିବର୍ତ୍ତେ ଷ୍ଟିଲ୍ କିମ୍ବା ତମ୍ବା ଭଳି ସୁରକ୍ଷିତ ପଦାର୍ଥରେ ନିର୍ମିତ ବୋତଲକୁ ପୁନଃ ବ୍ୟବହାର କରିପାରିବ ।

ପୁରୁଣା ଖବରକାଗଜ, ପୁରୁଣା କ୍ୟାଲେଣ୍ଡର, ବୋତଲ, ବାକ୍ସ ଆଦି ବ୍ୟବହାର କରି ତୁମେ ଖେଳନା କିମ୍ବା ସାଜସଜ୍ଜା ସାମଗ୍ରୀ ତିଆରି କରିପାରିବ । ଏଠାରେ ଏମିତି ଏକ ଉପାୟର ଉଦାହରଣ ଦିଆଯାଇଛି । ତୁମକୁ କେବଳ କିଛି ଖବରକାଗଜ ଦରକାର । ନା କଇଁଚି ! ନା ଅଠା ! କେବଳ କାଗଜ !



**କାଗଜ ବ୍ୟାଗ୍ ତିଆରି କରିବାର ପ୍ରଣାଳୀ**

> **ଶିକ୍ଷକଙ୍କ ପାଇଁ ସୂଚନା:**
> ଆପଣ ଖବରକାଗଜ ଏବଂ ଅନ୍ୟ ବର୍ଜ୍ୟବସ୍ତୁ ବ୍ୟବହାର କରି ଅନେକ ଜିନିଷ ତିଆରି କରିପାରିବେ । ଧାରଣା ପାଇଁ https://arvindguptatoys.com/ ଦେଖନ୍ତୁ ।

## କାର୍ଯ୍ୟ ୫


ବର୍ଜ୍ୟବସ୍ତୁ ବ୍ୟବହାର କରି ଗୋଟିଏ ଜିନିଷ ତିଆରି କର, ଯାହାକୁ ତୁମେ ଜଣକୁ ଉପହାର ଭାବରେ ଦେଇପାରିବ ।

### କୃତଜ୍ଞତା ଜଣାଅ ।

ତୁମେ ସେହି ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଇବ ଯିଏ ସ୍ଥାନୀୟ ଅଞ୍ଚଳ କିମ୍ବା ଘରକୁ ସଫା ରଖିବାରେ ସାହାଯ୍ୟ କରନ୍ତି । ସେମାନଙ୍କୁ କୁହ ଯେ,ଏହି ଉପହାର ବର୍ଜ୍ୟବସ୍ତୁ ଏବଂ ସେମାନଙ୍କର କାର୍ଯ୍ୟଭାରକୁ ହ୍ରାସ କରିପାରିବ । ସେମାନଙ୍କୁ 'ଧନ୍ୟବାଦ' କହିବାକୁ ଭୁଲିବ ନାହିଁ ।

### ଏକ ଗୌରବମୟ ସ୍ଥାନ

ନିମ୍ନରେ ଦର୍ଶାଯାଇଥିବା ଗାଁ ଓ ସହରରେ ଚାରିଆଡ଼େ ଅଳିଆ ଗଦା ରହିଥିଲା । କିନ୍ତୁ ବର୍ତ୍ତମାନ ଏହା ବୋଧହୁଏ ଦେଶର ସବୁଠାରୁ ସ୍ୱଚ୍ଛ ଅଞ୍ଚଳ । ଏହି ସବୁ ସ୍ଥାନର ଲୋକମାନେ କିପରି ନିଜ ପରିବେଶକୁ ବଦଳାଇଲେ ?








ଆସ ଆଜି ଜାଣିବା ଅରୁଣାଚଳ ପ୍ରଦେଶର ସିଲୁକ୍ ନାମକ ଗୋଟିଏ ଗାଁ ସମ୍ପର୍କରେ । ଗାଁ ଭିତରକୁ ପଶିବା ମାତ୍ରେ ପରିଷ୍କାର ରାସ୍ତା ଦେଖିବାକୁ ମିଳିଲା । ରାସ୍ତା କଡ଼ରେ କିମ୍ବା କୋଣରେ କିମ୍ବା ଖୋଲା ସ୍ଥାନରେ କେଉଁଠାରେ ବି ଅଳିଆ ପଡ଼ିନଥିଲା । ରାସ୍ତାର ଦୁଇ ପାର୍ଶ୍ୱ ଗଛରେ ଭର୍ତ୍ତି ଥିଲା, ଲାଗିଲା ଯେମିତି ଆମେ ଏକ ବଗିଚାରେ ବୁଲୁଛୁ । ଏହି ଗାଁ ଏହାର ଆବର୍ଜନାକୁ ସର୍ବୋତ୍ତମ ଉପାୟରେ ପରିଚାଳିତ କରିଥିବାରୁ ପୁରସ୍କାର ମଧ୍ୟ ପାଇଛି । ଏହାକୁ 'ଜିରୋ ୱେଷ୍ଟ ଭିଲେଜ୍' ବା 'ଆବର୍ଜନା ମୁକ୍ତ ଗ୍ରାମ' କୁହାଯାଏ ।

ସିଲୁକ୍ ଭଳି ଆମ ଦେଶରେ ଆହୁରି ଅନେକ ଗାଁ ଅଛି । ଆବର୍ଜନାର ଉପଯୁକ୍ତ ପରିଚାଳନା ପାଇଁ ଗୋଟିଏ ଲେଖାଏଁ ଗ୍ରାମ 'ଆଦର୍ଶ ଗ୍ରାମ' ଭାବରେ ପରିଗଣିତ ହୋଇଛି । ରାଜସ୍ଥାନର ଛୋଟା ନରେନା ପ୍ରଥମ ଆବର୍ଜନା ମୁକ୍ତ ଗାଁ ଭାବରେ ଗଢ଼ି ଉଠିଥିଲା ।



ଇନ୍ଦୋର ଏବଂ ମହୀଶୂର ଭଳି ଅନେକ ସହର ଏବଂ ନଗର ସ୍ୱଚ୍ଛ ସହର ଭାବରେ ପରିଚିତ ।

ଆମ ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ବୋବେଇଯୋଡ଼ା ଗାଁ ଓଡ଼ିଶାର ସବୁଠାରୁ ପରିଷ୍କାର ଗ୍ରାମ ମଧ୍ୟରୁ ଅନ୍ୟତମ ଅଟେ ।




- ବୟସ୍କମାନଙ୍କୁ ପଚାର, ଏପରି କୌଣସି ଗାଁ, ସହର କିମ୍ବା ନଗର ବିଷୟରେ ସେମାନେ ଜାଣନ୍ତି କି, ଯାହା ସ୍ୱଚ୍ଛତା ପାଇଁ ଜଣାଶୁଣା । ତୁମେ ଶ୍ରେଣୀରେ ଗୁରୁଜନଙ୍କଠାରୁ ପାଇଥିବା ସୂଚନାକୁ ଆଲୋଚନା କର ।
- ସ୍ୱଚ୍ଛ ଭାରତ ମିଶନ ବିଷୟରେ ତୁମ ପିତାମାତା କିମ୍ବା ଶିକ୍ଷକଙ୍କଠାରୁ ବୁଝ ।



## ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁକୁ ଅଲଗା କରିବା



ତୁମ ଚତୁଃପାର୍ଶ୍ୱକୁ ଧ୍ୟାନ ଦେଲେ ଦୁଇଟି ରଙ୍ଗର ଡଷ୍ଟବିନ୍ ଦେଖିବାକୁ ମିଳିବ । ଏଗୁଡ଼ିକ ତୁମ ବିଦ୍ୟାଳୟ, ସ୍ଥାନୀୟ ବଜାର, ପାର୍କ କିମ୍ବା ବସ୍ ଷ୍ଟାଣ୍ଡ, ରେଳ ପ୍ଲାଟଫର୍ମ କିମ୍ବା ମେଳା ଆଦି ସ୍ଥାନରେ ରଖାଯାଇଥାଏ । ଏହି ଦୁଇ ପ୍ରକାର ଡଷ୍ଟିବିନ୍ କାହିଁକି ବ୍ୟବହାର କରାଯାଏ ? ଆସ ଜାଣିବା ଏହି ଡଷ୍ଟବିନ୍‌ରେ ଆମେ କ'ଣ କ'ଣ ରଖିଥାଉ ।



**ସବୁଜ ଡଷ୍ଟବିନ୍** ଶୁଖିଲା ପତ୍ର କିମ୍ବା ଡାଳ, ଫଳଚୋପା, ପନିପରିବା ଚୋପା କିମ୍ବା ଅଣ୍ଡା ଖୋଳ ଭଳି ବର୍ଜ୍ୟବସ୍ତୁ ପାଇଁ ବ୍ୟବହୃତ ହୁଏ । ଏହି ପଦାର୍ଥଗୁଡ଼ିକ ସହଜରେ ପଚି ମାଟିରେ ମିଶିଯାଏ । ସବୁଜ ଡଷ୍ଟବିନ୍‌ରେ ଥିବା ବର୍ଜ୍ୟବସ୍ତୁ ମାଟିରେ ମିଶିଯାଏ ଓ ଯାହାକୁ ଗଛ ଏବଂ ମାଟିରେ ବାସ କରୁଥିବା କ୍ଷୁଦ୍ର ପ୍ରାଣୀମାନେ ଖାଦ୍ୟ ରୂପେ ବ୍ୟବହାର କରନ୍ତି ।



**ନୀଳ ଡଷ୍ଟବିନ୍** କାଚ, ପ୍ଲାଷ୍ଟିକ୍, ବିଭିନ୍ନ ଧାତୁ ଏବଂ କାଗଜରେ ନିର୍ମିତ ଜିନିଷ ପାଇଁ ବ୍ୟବହୃତ ହୁଏ । ଫିଙ୍ଗି ଦିଆଯାଇଥିବା ଧାତୁ, କାଚ, ପ୍ଲାଷ୍ଟିକ କିମ୍ବା କାଗଜ ଭଳି ସାମଗ୍ରୀରୁ ନୂତନ ଜିନିଷ ତିଆରି କରାଯାଇପାରିବ । ଏହାକୁ **ରିସାଇକ୍ଲିଂ** ବା **ପୁନଃଚକ୍ରଣ** କୁହାଯାଏ । କେତେକ ଗାଁରେ ଏସବୁ ସାମଗ୍ରୀ ପାଇଁ ଅଲଗା ଅଲଗା ଡଷ୍ଟବିନ୍ ରହିଛି, ଯାହାଦ୍ୱାରା ପୁନଃଚକ୍ରଣ ପାଇଁ ବିଭିନ୍ନ ସ୍ଥାନକୁ ବର୍ଜ୍ୟବସ୍ତୁ ପଠାଇବା ସହଜ ହୋଇଥାଏ । ଯେଉଁ ଗାଁ ଓ ସହରରେ ବର୍ଜ୍ୟବସ୍ତୁକୁ ଅଲଗା କରିବା ସହ ପୁନଃବ୍ୟବହାର କରାଯାଇଥାଏ, ସେମାନଙ୍କ ପରିବେଶ ପରିଷ୍କାର ରହିଥାଏ । ସେମାନେ ବର୍ଜ୍ୟବସ୍ତୁକୁ ସୁନ୍ଦର ଭାବରେ ପରିଚାଳନା କରନ୍ତି ।



**କାର୍ଯ୍ୟ ୬**

## ବର୍ଜ୍ୟବସ୍ତୁକୁ ଅଲଗା କର

ତଳେ ଦୁଇଟି ଡଷ୍ଟବିନ୍‌ର ଚିତ୍ର ରହିଛି । ନିମ୍ନଲିଖିତ ବର୍ଜ୍ୟବସ୍ତୁଗୁଡ଼ିକୁ ନିୟମ ଅନୁସାରେ ଉପଯୁକ୍ତ ଡଷ୍ଟବିନରେ ଲେଖ ।

ପ୍ଲାଷ୍ଟିକ ବୋତଲ, ପତ୍ର, ପିଆଜ ଚୋପା, ଇଲେକ୍‌ଟ୍ରିକ୍ ବଲ୍‌ବ୍, ପଚିଯାଇଥିବା ଫଳ, କାଗଜ, ଅଣ୍ଡାଖୋଳ, ବ୍ୟବହୃତ ପ୍ଲାଷ୍ଟିକ୍ କ୍ଷୀର ପ୍ୟାକେଟ୍, କପଡ଼ା ।



ଆମେ ସମସ୍ତେ ନିଜ ଘର, ପଡ଼ୋଶୀ, ବିଦ୍ୟାଳୟ, ସହର ଏବଂ ଦେଶକୁ ସ୍ୱଚ୍ଛ ରଖିବାରେ ସାହାଯ୍ୟ କରିପାରିବା ।

**ଶିକ୍ଷକଙ୍କ ପାଇଁ ସୂଚନା:**
ଆପଣ ଏହି କାର୍ଯ୍ୟ ମାଧ୍ୟମରେ ପିଲାଙ୍କୁ ସଚେତନ କରାଇପାରିବେ ଯେ ଭଙ୍ଗା କାଚ, ଛୁଞ୍ଚି ଇତ୍ୟାଦି ତୀକ୍ଷ୍ଣ କିମ୍ବା ସମ୍ଭାବ୍ୟ କ୍ଷତିକାରକ ଜିନିଷକୁ କପଡ଼ା ଓ କାଗଜରେ ଗୁଡ଼ାଇ ଫୋପାଡ଼ିବା ଉଚିତ୍, ଯାହାଦ୍ୱାରା ସଫେଇ କର୍ମଚାରୀମାନେ ଏହାକୁ ପରିଚାଳନା କରିବା ସମୟରେ କ୍ଷତିଗ୍ରସ୍ତ ହେବେ ନାହିଁ ।



## ଆସ ଲେଖିବା

- ତୁମ ଘର ଓ ଶ୍ରେଣୀଗୃହକୁ ପରିଷ୍କାର ରଖିବା ପାଇଁ ତୁମେ କ'ଣ କରିପାରିବ ତାହାର ତାଲିକା କର ? ଯେପରି ମୁଁ ମୋ କୋଠରିକୁ ପରିଷ୍କାର ରଖିପାରିବି ।

________________________________________

________________________________________

- ସଫେଇ ପାଇଁ ତୁମ ବିଦ୍ୟାଳୟ କିମ୍ବା ଆଖପାଖ ଅଞ୍ଚଳରେ ବ୍ୟବହାର ହେଉଥିବା ଉପକରଣଗୁଡ଼ିକର ଏକ ତାଲିକା କର ।
- ସଫା କରିବା ପାଇଁ ତୁମ ଘରେ ବ୍ୟବହୃତ ହେଉଥିବା ଉପକରଣଗୁଡ଼ିକୁ ତୁମେ କେବେ ଦେଖିଛ କି ? ଏହି ଉପକରଣଗୁଡ଼ିକର ଏକ ତାଲିକା କର ।

## ଆସ ଚିତ୍ର କରିବା

ନିମ୍ନରେ ଦିଆଯାଇଥିବା କୋଠରିରେ ଏହି ଉପକରଣଗୁଡ଼ିକର ଚିତ୍ର ଅଙ୍କନ କର ।



## ଆମ ପରିବେଶକୁ ସୁରକ୍ଷିତ ରଖିବା

ଯେତେବେଳେ ତୁମେ ଜାତୀୟ ସ୍ୱଚ୍ଛତା ଦିବସ (ଜାନୁଆରୀ ୩୦) ପାଳନ କର, ନିଜକୁ ଏବଂ ନିଜ ଆଖପାଖକୁ ସବୁବେଳେ ପରିଷ୍କାର ରଖିବା ପାଇଁ ଶପଥ ନିଅ । ଅଧିକ ବର୍ଜ୍ୟବସ୍ତୁ ସୃଷ୍ଟି କରିବା ନାହିଁ । ନିଜର ବର୍ଜ୍ୟବସ୍ତୁ ନିଜେ ପରିଚାଳନା କରିବା ସହ ଏହାକୁ ଠିକ୍ ଭାବରେ ନିଷ୍କାସନ କରି ଏକ ସ୍ୱଚ୍ଛ ଏବଂ ସବୁଜ ଦୁନିଆ ନିର୍ମାଣ କରିବା ପାଇଁ ଭୁଲିବା ନାହିଁ ।

ଆମର ଲକ୍ଷ୍ୟ ହେବା ଦରକାର ଯେ

- ଚାହୁଁନା ଆମେ ଚାହୁଁନା, ଆବର୍ଜନା ଚାହୁଁନା ।
- ଆମରି ହାତେ ଆମ ଜୀବନ, ପରିମଳରେ ରଖିବା ମନ ।



## ଆସ ଚିନ୍ତା କରିବା

### ୧. ଆଲୋଚନା କର

କ. ଆବର୍ଜନା କିପରି ସୃଷ୍ଟି ହୁଏ ?

ଖ. ଆବର୍ଜନାକୁ ଆମେ କିପରି ପରିଚାଳନା କରିପାରିବା ?

### ୨. ଆସ ଲେଖିବା

କ. ନିଜ ଘର ଓ ବିଦ୍ୟାଳୟରେ ପ୍ଲାଷ୍ଟିକ ବ୍ୟାଗ୍ ଓ ବୋତଲ ବ୍ୟବହାର ଠାରୁ ଆମେ ଦୂରେଇ ରହିବା । ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକର ତାଲିକା କର ଏବଂ ଏହା ବଦଳରେ କିପରି ଅନ୍ୟ ସୁରକ୍ଷିତ ସାମଗ୍ରୀ ବ୍ୟବହାର କରାଯାଇପାରିବ ତାହା ଲେଖ ।

ଖ. ସବୁଜ ଏବଂ ନୀଳ ଡଷ୍ଟବିନ୍‌ରେ ପକେଇବା ପାଇଁ ବିଦ୍ୟାଳୟ ଓ ଘରୁ ବାହାରୁଥିବା ଯେକୌଣସି ତିନୋଟି ଲେଖାଏଁ ଆବର୍ଜନାର ନାମ ଲେଖ ।

### ୩. ତୁମ ଖାତାରେ ଅଙ୍କନ କର

କ. ଗୋଟିଏ ପୋଷ୍ଟର ତିଆରି କର ଯେଉଁଥିରେ ଗୋଟିଏ ଗାଁ କିମ୍ବା ସହରର ଆବର୍ଜନାକୁ ଭଲ ଭାବରେ ପରିଚାଳନା କରାଯାଉଥିବ । ତୁମ ପୋଷ୍ଟରକୁ ଏକ ଉପଯୁକ୍ତ ଶୀର୍ଷକ/ନାମ ଦିଅ ।



## ୪. ଆସ ଯୋଡ଼ିରେ ଅଭିନୟ କରିବା

ତୁମେ ଏକ ପରିଷ୍କାର ସହର ଏବଂ ତୁମ ସାଙ୍ଗ ଏକ ଅପରିଷ୍କାର ସହର ଭୂମିକାରେ ଅଭିନୟ କର। ତୁମେ ଯାହା ଅନୁଭବ କରୁଛ, କ୍ଷୁଦ୍ର ବାର୍ତ୍ତାଳାପ ମାଧ୍ୟମରେ ତାକୁ ପରିପ୍ରକାଶ କର।

## ୫. ଚିନ୍ତା କର


କ. କଳ୍ପନା କର, ତୁମେ ନିଜ ଘରେ ଜନ୍ମଦିନ ପାଳନ କରୁଛ । ଆବର୍ଜନାମୁକ୍ତ ଜନ୍ମଦିନ ପାଳନ କରିବା ପାଇଁ ତୁମେ କେଉଁ କେଉଁ ଉପାୟ ଅବଲମ୍ବନ କରିପାରିବ ? ଏଥିପାଇଁ ଜନ୍ମଦିନ ଉତ୍ସବରେ କେଉଁ ପ୍ରକାର ଆବର୍ଜନା ସୃଷ୍ଟି ହୋଇଥାଏ ଏବଂ ଏହାକୁ କିପରି ଏଡ଼ାଇ ପାରିବ କିମ୍ବା କମାଇ ପାରିବ ସେ ବିଷୟରେ ଚିନ୍ତା କର ।

ଖ. ତୁମେ ପ୍ରକୃତିରେ ଆବର୍ଜନା ଦେଖିଛ କି ? ଜଙ୍ଗଲରେ ଜୀବଜନ୍ତୁଙ୍କର ମୃତ ଶରୀର, ମଳ, ଶୁଖିଲା ପତ୍ର ଆଦିର କ'ଣ ହୁଏ ?






# ଆସ ଖେଳିବା




### ସୂଚନା :

- ଦୁଇ ଜଣ ପିଲା ଲୁଡୁ ଖେଳ ପରି ଏହି ଖେଳକୁ ଖେଳିବେ ।
- ପିଲାମାନେ ବିଭିନ୍ନ ରଙ୍ଗର ବୋତାମ ସଂଗ୍ରହ କରିବେ ଓ କାଗଜରେ ଲୁଡୁଗୋଟି (ଡାଇସ୍) ତିଆରି କରିବେ, ଯାହାର ଛଅଟି ପାର୍ଶ୍ୱରେ ୧ , ୨ , ୩, ୪ , ୫ , ୬ଟି ବିନ୍ଦୁ ଥିବ ।
- ଚକୋଲେଟ୍ ଚିତ୍ର ପାଖରେ ଯାହାର ଲୁଡୁଦାନା / ବୋତାମ ପ୍ରଥମେ ପହଞ୍ଚିବ, ସେ ପ୍ରଥମ ହେବ ।
- ଖେଳ ସରିବା ପରେ ଆଲୋଚନା କରାଯିବ ।

# ଟିପ୍ପଣୀ

# ସଡ଼କ ସୁରକ୍ଷା ଜୀବନ ରକ୍ଷା

- ଗାଡ଼ି ଚାଳନା ବେଳେ କର ପରିହାର,
  ମୋବାଇଲ ଫୋନର ବ୍ୟବହାର ।
- ଜନ ସାଧାରଣ ସଚେତନ ହୁଅ,
  ଦୁର୍ଘଟଣାକୁ ଏଡ଼ାଇ ଦିଅ ।
- ହେଲମେଟ୍ ପିନ୍ଧି ଗାଡ଼ିରେ ବସ,
  ନ ହେଲେ ହେବ ସର୍ବନାଶ ।
- ସିଟ୍ ବେଲ୍ଟ ପିନ୍ଧି ଗାଡ଼ି ଚଳାଅ,
  ଦୁର୍ଘଟଣାରୁ ନିଜକୁ ବଞ୍ଚାଅ ।
- ବଡ଼ ନୁହେଁ ବେଗ-ବଡ଼ ନୁହେଁ ଯାନ,
  ଯାତ୍ରାଠାରୁ ବଡ଼ ଯାତ୍ରୀର ଜୀବନ ।
- ଟ୍ରାଫିକ୍ ନିୟମ ମାନି ଚଳିବା,
  ସୁରକ୍ଷିତ ଜୀବନ ଲାଭ କରିବା ।









## ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା

| | |
|---|---|
| ➤ ପରିବେଶ ସୁରକ୍ଷା, ଜୀବନ ରକ୍ଷା । | ➤ ସବୁଜ ସୁନ୍ଦର ବନ ଆମର, ଉତ୍ତରାଧିକାରୀଙ୍କ ଏ ଅଧିକାର । |
| ➤ ପିଲାଟିଏ, ଗଛଟିଏ । | ➤ ଗଛଟିଏ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ । |
| ➤ ବୃକ୍ଷ ହିଁ ଜୀବନ, ଜଳ ହିଁ ଜୀବନ । | ➤ ପ୍ଲାଷ୍ଟିକ ବ୍ୟବହାର କମ କରନ୍ତୁ, ପରିବେଶକୁ ସୁରକ୍ଷିତ ରଖନ୍ତୁ । |



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର